ଧରିତ୍ରୀ 52 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, February 11/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 79 | ମୂଲ୍ୟ ₹୭/-



## ପ୍ରମୋଦ ଭଗତଙ୍କ ପ୍ରଭାବୀ ପ୍ରଦର୍ଶନ

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ।

୧୨

୧୦

## ଦୁଃଖ ବଖାଣିଲେ ରାଜପାଲ

ଚେକ ବାଉନ୍ସ ମାମଲାରେ ତିହାର ଜେଲରେ ଥିବା ବଲିଉଡ ଅଭିନେତା ରାଜପାଲ ଯାଦବ ଟଙ୍କା ପୈଠ କରିପାରୁ ନ ଥିବାରୁ କର୍ତ୍ତୃପକ୍ଷଙ୍କ ନିକଟରେ ଦୁଃଖ ବଖାଣିଛନ୍ତି।







# ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ମ୍ୟାପିଂରେ

## ଆମକୁ ସହଯୋଗ କରନ୍ତୁ - ଅତ୍ୟଧିକ ପ୍ରକ୍ରିୟାକରଣରୁ ନିଜକୁ ଦୂରେଇ ରଖନ୍ତୁ!

12001/10/2526

## ମ୍ୟାପିଂ କରିବା ଅତ୍ୟନ୍ତ ସହଜ:

ଆପଣଙ୍କୁ କେବଳ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ- ୨୦୦୨ ତାଲିକାରୁ ଯାଞ୍ଚ ଏବଂ ଚିହ୍ନଟ କରି ଏହା ବିଷୟରେ ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀ (BLO)ଙ୍କୁ ଜଣାଇବାର ଅଛି ।

## ଏବେ ହିଁ ଘରେ ବସି ୨୦୦୨ ଭୋଟର ତାଲିକାରୁ ନାମ ଯାଞ୍ଚ କରନ୍ତୁ:

୧ voters.eci.gov.in ୱେବସାଇଟ୍ କୁ ଯାଆନ୍ତୁ

୨ Search Your Name in Last SIR ରେ କ୍ଲିକ୍ କରନ୍ତୁ



୩ ୨୦୦୨ ଭୋଟର ବିବରଣୀ ଅନୁସାରେ ବିକଳ୍ପ ଗୁଡ଼ିକ ଚୟନ କିମ୍ବା ପ୍ରବେଶ କରନ୍ତୁ

୪ କ୍ୟାପଚାର ସଠିକ ପ୍ରବେଶ କରି ➡ Search ରେ କ୍ଲିକ୍ କରନ୍ତୁ

୫ ନାମ ସହ ସମାନ ଥିବା ସମସ୍ତ ଭୋଟରଙ୍କ ଏକ ତାଲିକା ଏହିପରି ପ୍ରଦର୍ଶିତ ହେବ

୬ ଏହା ମଧ୍ୟରୁ ଆପଣଙ୍କ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ ଚିହ୍ନଟ କରି ବିବରଣୀ ଗୁଡ଼ିକ ଟିପି ରଖନ୍ତୁ

* ମନେରଖନ୍ତୁ-
ଏହି ମ୍ୟାପିଂ ପ୍ରକ୍ରିୟା ଦ୍ୱାରା ଆପଣ ନିଜକୁ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ସମୟରେ ଅତ୍ୟଧିକ ପ୍ରକ୍ରିୟାକରଣରୁ ଦୂରେଇ ରଖିପାରିବେ ଏବଂ ଭୋଟର ତାଲିକାରେ ନିଜ ନାମକୁ ସୁନିଶ୍ଚିତ କରିପାରିବେ ।

### ଏକ ବିକଳ୍ପ ଉପାୟ:

ଯଦି ସମସ୍ତ ବିବରଣୀ ପ୍ରବେଶ ପରେ ମଧ୍ୟ ଆପଣଙ୍କର କୌଣସି ତଥ୍ୟ ମିଳୁ ନାହିଁ, ତେବେ:

୧ ପାର୍ଶ୍ୱରେଥିବା ଟ୍ୟାବ୍ Search in last SIR E-Roll କୁ କ୍ଲିକ୍ କରନ୍ତୁ

୨ ୨୦୦୨ ମସିହା ଅନୁସାରେ ବିବରଣୀ ଗୁଡ଼ିକ ଚୟନ କରନ୍ତୁ ➡ View ରେ କ୍ଲିକ୍ କରନ୍ତୁ

୩ ଭୋଟର ତାଲିକାରୁ ଆପଣଙ୍କ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ ସହ ଅନ୍ୟ ପରିବାର ସଦସ୍ୟଙ୍କ ନାମ ସ୍ୱୟଂ ଯାଞ୍ଚ କରି ଚିହ୍ନଟ କରନ୍ତୁ ଏବଂ ବିବରଣୀ ଗୁଡ଼ିକ ଟିପି ରଖନ୍ତୁ



➤ ଟିପି ରଖିଥିବା ନାମ ଏବଂ ବିବରଣୀ ଗୁଡ଼ିକ ବିଷୟରେ ଯଥାଶୀଘ୍ର ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀ (BLO)ଙ୍କୁ ଜଣାନ୍ତୁ

➤ ସେ ଏହାକୁ ବର୍ତ୍ତମାନର ଭୋଟର ତାଲିକା ସହ ସମନ୍ୱୟ କରି ମ୍ୟାପିଂ ପ୍ରକ୍ରିୟାକୁ ପୂର୍ଣ୍ଣ କରିବେ ।

OIPR-12001/12198/2/25-26/0001

### ଅଧିକ ସୂଚନା ପାଇଁ

ଭୋଟର ହେଲ୍ପଲାଇନ୍ ନମ୍ବର ୧୯୫୦ ରେ କଲ୍ କରନ୍ତୁ

କିମ୍ବା

ECINet ରେ 'Book a Call with BLO' ବିକଳ୍ପ ବ୍ୟବହାର କରନ୍ତୁ



ଆସନ୍ତୁ ଏକାଠି ହୋଇ ଭୋଟର ତାଲିକାକୁ ସୁସ୍ଥ ଏବଂ ସ୍ୱଚ୍ଛ କରିବା
ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବା



ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
Chief Electoral Officer, Odisha

Follow us on : CEO Odisha | Ceoodisha | odishaceo | Chief Electoral Officer Odisha | ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା Channel

## ଦିଲ୍ଲୀରେ ଆଜି




ଏପ୍‌ଷ୍ଟିନ୍ ଫାଇଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଥିବାରୁ ଏହାର ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମଙ୍ଗଳବାର ବିକ୍ଷୋଭ କରାଯାଉଛି। (ଫଟୋ-ଚମନ ଗୌତମ)


# ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ

## ବିର୍ଲା ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରୁଛନ୍ତି: ବିରୋଧୀ

ନୂଆଦିଲ୍ଲୀ,୧୦।୨(ପି.ଟି.)

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ନୋଟିସ ଦାଖଲ କରିଛନ୍ତି। ବିର୍ଲା ଗୃହକାର୍ଯ୍ୟ ପରିଚାଳନାରେ ଖୋଲାଖୋଲି ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରିବା ସହ ସାମ୍ବିଧାନିକ ପଦବୀର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣିଛନ୍ତି। କଂଗ୍ରେସ ସଦସ୍ୟଙ୍କ ବିରୋଧରେ ସେ ନିର୍ଦ୍ଦିଷ୍ଟ ମିଥ୍ୟା ଅଭିଯୋଗ ଆଣିଥିବା ବିରୋଧୀ କହିଛନ୍ତି। ତେଣୁ ନୈତିକତା ଦୃଷ୍ଟିରୁ ବିର୍ଲା ଅନାସ୍ଥା ପ୍ରସଙ୍ଗର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ପରିଚାଳନା କରିବେ ନାହିଁ ବୋଲି କହିଥିବା ସୂତ୍ରରୁ ଜଣାପଡ଼ିଛି। ବିରୋଧୀ ଦଳ ଦେଇଥିବା ନୋଟିସକୁ ଅନୁଧ୍ୟାନ କରି ସଂସଦୀୟ ନିୟମାବଳୀ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିର୍ଲା ଲୋକ ସଭା ମହାସଚିବ ଉତ୍ପଳ କୁମାର ସିଂଙ୍କୁ କହିଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୯୪(ସି) ଅନୁଯାୟୀ ବିଭିନ୍ନ ବିରୋଧୀ ଦଳ ତରଫରୁ ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, ମୁଖ୍ୟ ହ୍ୱିଇପ୍ କେ. ସୁରେଶ ଏବଂ ହ୍ୱିଇପ୍ ମହମ୍ମଦ ଜାୱେଦ ନିମ୍ନ ସଦନର ମହାସଚିବ ଉତ୍ପଳ କୁମାର ସିଂଙ୍କ ନିକଟରେ ନୋଟିସ ଦାଖଲ କରିଛନ୍ତି। ଉକ୍ତ ନୋଟିସ୍‌ରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ବାମଦଳ, ଆର୍‌ଜେଡି, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ସମେତ ବିରୋଧୀ ଦଳଗୁଡ଼ିକର ୧୨୦ ଜଣ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ କହିବା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅନୁମତି ମିଳି ନ ଥିଲା। ୩ ତାରିଖରେ ବିରୋଧୀ ଦଳର ୮ ସଦସ୍ୟଙ୍କୁ ବଜେଟ ଅଧିବେଶନରୁ ନିଲମ୍ବନ କରାଯାଇଥିଲା। କଂଗ୍ରେସ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଆସନ ପାଖକୁ ଯାଇ ଅବାଞ୍ଛିତ କାର୍ଯ୍ୟ କରିଥାନ୍ତେ ବୋଲି ସୂଚନା ଥିବା ବିର୍ଲା ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ନ ଆସିବାକୁ କହିଥିଲେ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଅପମାନଜନକ ଅଭିଯୋଗ ଥିଲା ବୋଲି ନୋଟିସରେ କୁହାଯାଇଛି।


ଓମ୍ ବିର୍ଲା

ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି, ନୋଟିସକୁ ଅନୁଧ୍ୟାନ କରାଯାଇ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ। ପ୍ରସ୍ତାବ ସଂଖ୍ୟାଗରିଷ୍ଠ ଭୋଟରେ ଗୃହୀତ ହେଲେ ବାଚସ୍ପତିଙ୍କୁ ବହିଷ୍କାର କରାଯାଇପାରିବ।

# ଏବେ ବି ଭାରତର ଆଭିମୁଖ୍ୟ ଅସ୍ପଷ୍ଟ

**ଭାରତ-ଆମେରିକା ବାଣିଜ୍ୟ ବୁଝାମଣା(ଟ୍ରେଡ୍ ଡିଲ୍)କୁ ଐତିହାସିକ ବୋଲି କୁହାଯାଉଛି। ଭାରତ ଉପରେ ଆମେରିକା ଲଗାଇଥିବା ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରିଥିବାରୁ ଏହା ଭାରତ ପାଇଁ ସହାୟକ ହେବ ବୋଲି ବିଚାର କରାଯାଉଛି। ଏହି ଦ୍ୱିପାକ୍ଷିକ ବାଣିଜ୍ୟ କାରବାରର ସର୍ତ୍ତ ସମ୍ପର୍କରେ ଉଭୟ ରାଷ୍ଟ୍ର ପକ୍ଷରୁ ସୂଚନା ଜାରି କରାଯାଇଥିଲା ବେଳେ ଆସନ୍ତା ମାର୍ଚ୍ଚ ମଧ୍ୟଭାଗରେ ନୀତିଗତ ଭାବେ ଚୁକ୍ତି ସ୍ୱାକ୍ଷର ହେବ। ଏହା ମଧ୍ୟରେ ଟ୍ରେଡ୍ ଡିଲକୁ ନେଇ ହ୍ୱାଇଟ୍ ହାଉସ୍ ମଙ୍ଗଳବାର 'ଫ୍ୟାକ୍ଟଶିଟ୍' ଜାରି କରିଛି। ପୂର୍ବରୁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ରେଡ୍ ଡିଲ୍‌ର ବିଭିନ୍ନ ଦିଗରେ ସୂଚାଇ ସାରିଥିଲେ ମଧ୍ୟ ଏବେ ବି ଆମେରିକାର ସର୍ତ୍ତକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଉଙ୍କି ମାରୁଛି। ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପ ଟ୍ରେଡ୍ ଡିଲ୍‌କୁ ନେଇ ଯାହା କହୁଛନ୍ତି ତାହାକୁ ନୂଆଦିଲ୍ଲୀ ସ୍ପଷ୍ଟ କରିପାରୁ ନାହିଁ। ଏହାକୁ ନେଇ ଲଗାତର ସଂସଦରେ ଅଚଳାବସ୍ଥା ଦେଖାଯାଇଛି।**

ନୂଆଦିଲ୍ଲୀ,୧୦।୨

ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣାକୁ ନେଇ ଏବେ ସଂସଦଠାରୁ ଆରମ୍ଭ କରି ଅର୍ଥନୈତିକ ବିଶାରଦମାନଙ୍କ ମହଲରେ ଅନେକ ପ୍ରଶ୍ନ ଉଠିଛି। ବିଶେଷକରି ହ୍ୱାଇଟ୍ ହାଉସ୍ ମଙ୍ଗଳବାର ' ଇଣ୍ଡିଆ-ୟୁଏସ୍ ଟ୍ରେଡ୍ ଡିଲ୍ ଫ୍ୟାକ୍ଟଶିଟ୍' ଜାରି କରିବା ପରେ ଏଥିରେ ଟ୍ରେଡ୍ ଡିଲର ମୁଖ୍ୟ ସର୍ତ୍ତଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ କରିବା ପରେ ଭାରତର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠିଛି।ଆମେରିକା ଜବାବୀ ଟାରିଫ୍‌କୁ ୫୦% ରୁ ୧୮%କୁ ହ୍ରାସ କରିଛି। ୨୦୨୫ ଅଗଷ୍ଟରେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୫୦% ଲାଗୁ କରିଥିଲେ ହେଁ ଏହାପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ୨ ରୁ ୩ ପ୍ରତିଶତ ଟାରିଫ୍ କାର୍ଯ୍ୟକାରୀ କରାଯାଉଥିଲା। ସାମ୍ପ୍ରତିକ ସ୍ଥିତିରେ ଭାରତ ଉପରେ ୧୮% ଟାରିଫ୍ ଦେଶ ପାଇଁ କିଭଳି

## ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ନେଇ ହ୍ୱାଇଟ୍ ହାଉସ୍‌ର ଫ୍ୟାକ୍ଟଶିଟ୍



ଲାଭଦାୟକ ହେବ ବୋଲି ପ୍ରଶ୍ନ ଉଠିଛି। ସେହିପରି ରୁଷିଆରୁ ଭାରତ ତେଲ କିଣିବା ପ୍ରସଙ୍ଗକୁ ଏହି ଫ୍ୟାକ୍ଟଶିଟ୍‌ରେ ଆମେରିକା ମୁଖ୍ୟ ସର୍ତ୍ତ ଭାବେ ଦର୍ଶାଇଥିଲା ବେଳେ ଏଦିଗରେ ମଧ୍ୟ ଭାରତର ଆଭିମୁଖ୍ୟ ସ୍ପଷ୍ଟ ହୋଇନାହିଁ। ଭାରତ ରୁଷିଆରୁ ତେଲ କିଣିବ ନାହିଁ ବୋଲି ଟ୍ରମ୍ପ ସର୍ତ୍ତ ରଖିଥିଲେ ହେଁ ଏହି ବିଷୟକୁ ରୁଷିଆ କିମ୍ବା ଭାରତ ସ୍ପଷ୍ଟ କରିନାହାନ୍ତି। ଗୋଟିଏ ପଟେ ତେଲ କିଣା ନେଇ ଭାରତଠାରୁ ସେଭଳି କିଛି ସନ୍ଦେଶ ମିଳିନାହିଁ ବୋଲି ରୁଷିଆ କହୁଥିଲା ବେଳେ ଭାରତ ନିଜ ସୁବିଧା ପାଇଁ କେଉଁଠୁ ତେଲ କିଣିବ ତାହା ନିଜସ୍ୱ ବ୍ୟାପାର ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ରୁଷିଆରୁ ତେଲ କିଣିବା ବନ୍ଦ ନ କଲେ ଟ୍ରମ୍ପ ପ୍ରତ୍ୟାହାର କରିନେଇଥିବା ୨୫% ଦଣ୍ଡାତ୍ମକ ଟାରିଫ୍ ପୁଣିଥରେ ଭାରତ ଉପରେ ଲାଗୁ କରିବାକୁ ପରୋକ୍ଷ ଚେତାବନୀ ଦେଇଛନ୍ତି। ସେହିପରି ଭାରତ ଆମେରିକା ପାଇଁ କେଉଁସବୁ କ୍ଷେତ୍ରରେ ଶୂନ ପ୍ରତିଶତ ଟାରିଫ ଲଗାଇବ ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ। ଅନ୍ୟ ପ୍ରସଙ୍ଗ ମଧ୍ୟରେ ଭାରତ ଚାଷୀଙ୍କ ସ୍ୱାର୍ଥହାନି ହେବା ଭଳି କୌଣସି ସର୍ତ୍ତ ରଖିନାହିଁ ବୋଲି କହୁଥିଲେ ହେଁ ଆମେରିକା ପକ୍ଷରୁ କୃଷିଦ୍ରବ୍ୟକୁ ନେଇ ଯେଉଁ ଚିଠା ଜାରି କରାଯାଇଛି ତାହା ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହାଛଡ଼ା ଆଗାମୀ ଦିନରେ ଭାରତ ଆମେରିକାଠାରୁ ୫୦୦ ବିଲିୟନ ଡଲାର ମୂଲ୍ୟର କାରବାର କରିବାକୁ ଆମେରିକା ସର୍ତ୍ତରେ ଦର୍ଶାଇଥିଲା ବେଳେ କେଉଁ କ୍ଷେତ୍ରରେ ଭାରତ ଏତେ ପରିମାଣର ସାମଗ୍ରୀ କ୍ରୟ କରିବ ବୋଲି ପ୍ରଶ୍ନ ଉଠିଛି।

## ଆସାମ ଭୋଟର ତାଲିକାରୁ ୨.୪ ଲକ୍ଷ ନାମ ବାଦ୍ ପଡ଼ିଲା

ନୂଆଦିଲ୍ଲୀ,୧୦।୨

ଆସାମର ସମସ୍ତ ୧୨୬ ବିଧାନସଭା କ୍ଷେତ୍ରକୁ ନେଇ ହୋଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପରେ ମଙ୍ଗଳବାର ନିର୍ବାଚନ କମିଶନ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୨,୪୯,୫୮,୧୩୯ ରହିଥିବାବେଳେ ୨,୪୩,୪୮୫ ଜଣଙ୍କ ନାମ ବାଦ୍ ପଡ଼ିଛି। ପୂର୍ବରୁ ପ୍ରକାଶିତ ଚିଠା ତାଲିକାରେ ୨,୫୨,୦୧,୬୨୪ ଭୋଟର ରହିଥିଲେ। ଆସାମରେ ପୁରୁଷ ଭୋଟର ସଂଖ୍ୟା ୧,୨୪,୮୨,୨୧୩ ଓ ମହିଳା ୧,୨୪,୭୫,୫୮୩। ୩୪୩ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ନଭେମ୍ବର ୨୨ରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ଘରକୁ ଘର ଯାଞ୍ଚ ଡିସେମ୍ବର ୨୭ରେ ଚିଠା ତାଲିକା ପ୍ରକାଶ ପାଇଥିଲା।

## ଗୌରବ ଗୋଗୋଇଙ୍କ ବିରୋଧରେ ୫୦୦ କୋଟିର ମାନହାନି ମାମଲା କଲେ ହିମନ୍ତ

ନୂଆଦିଲ୍ଲୀ,୧୦।୨

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର କଂଗ୍ରେସ ନେତା ଗୌରବ ଗୋଗୋଇ, ଜିତେନ୍ଦ୍ର ସିଂ ଏବଂ ଭୂପେଶ ବଘେଲଙ୍କ ବିରୋଧରେ ୫୦୦ କୋଟି ଟଙ୍କାର ମାନହାନି ମାମଲା ଦାଏର କରିଛନ୍ତି। ସେମାନେ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ବିରୋଧରେ ମିଥ୍ୟା ଏବଂ ଅପମାନଜନକ ଅଭିଯୋଗ ଆଣିଥିବା ହିମନ୍ତ କହିଛନ୍ତି। ସାହସ କିମ୍ବା ପ୍ରମାଣ ଥିଲେ ପ୍ରତ୍ୟେକ ଅଭିଯୋଗକୁ ଆଇନ ଅଦାଲତରେ ପ୍ରମାଣ କରନ୍ତୁ। ସେମାନଙ୍କ ସୁଚିନ୍ତିତ ଅପପ୍ରଚାର କିମ୍ବା ରାଜନୈତିକ ନାଟକବାଜିରେ ସେ ଭୟଭୀତ ନୁହନ୍ତି ବୋଲି ହିମନ୍ତ କହିଛନ୍ତି।

## ନରଓ୍ୱଣେଙ୍କ ପୁସ୍ତକକୁ ନେଇ ବିବାଦ ତେଜିଲା

ନୂଆଦିଲ୍ଲୀ,୧୦।୨

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ପୁସ୍ତକ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ବିବାଦ ଆହୁରି ବଢ଼ିଛି। ଏହି ପୁସ୍ତକ ପ୍ରକାଶନ ହେବା ପୂର୍ବରୁ ଏହାର ପିଡିଏଫ୍ ଲିକ୍ ହେବା ଘଟଣାରେ ଦିଲ୍ଲୀ ପୋଲିସ ସୋମବାର ଏତଲା ଦାଏର କରିଥିଲା। ଏହାପରେ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱରେ ଥିବା ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ (ପିଆର୍‌ଏଚ୍‌ଆଇ) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପିଆର୍‌ଏଚ୍‌ଆଇ କହିଛି, ନରଓ୍ୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକ ପ୍ରକାଶ ପାଇ ନଥିବା ବେଳେ ଏହାର କୌଣସି ମୁଦ୍ରିତ କପି କିମ୍ବା ଡିଜିଟାଲ ଫର୍ମ ସାର୍ବଜନୀନ କରାଯାଇ ନାହିଁ। ପ୍ରକାଶନ ସଂସ୍ଥାର ଏହି ସ୍ପଷ୍ଟୀକରଣ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କିଏ ମିଛ କହୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ଜେନେରାଲ ନରଓ୍ୱଣେ ଏବଂ ପେଙ୍ଗୁଇନ୍ ମଧ୍ୟରୁ କିଏ ମିଛ କହୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ନରଓ୍ୱଣେ ମଙ୍ଗଳବାର ନିରବତା ଭାଙ୍ଗି ପ୍ରକାଶନ ସଂସ୍ଥା ପ୍ରତି ସମର୍ଥନ ଜଣାଇଛନ୍ତି।

# ମଣିପୁରରେ ସାନି ହିଂସା ପରେ କର୍ଫ୍ୟୁ ଜାରି

ଇମ୍ଫାଲ,୧୦।୨

## ଇଣ୍ଟରନେଟ୍ ସେବା ବନ୍ଦ

ମଣିପୁରରେ ନାଗା ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷକୁ ନେଇ ଉଖ୍ରୁଲ୍ ଜିଲା ଅନ୍ତର୍ଗତ ଲିଟାନ ବ୍ୟବସାୟିକ ସହରରେ ଉତ୍ତେଜନା ଜାରି ରହିଥିଲାବେଳେ ସାନି ହିଂସାକାଣ୍ଡ ଘଟିବାରୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି ହେବା ସହ ୫ ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ସଶସ୍ତ୍ର ଆକ୍ରମଣକାରୀମାନେ ସୋମବାର ରାତିରେ ଲିଟନ ସାରେଇଖୋଙ୍ଗ ଗ୍ରାମରେ ପଶି ଅନେକ ଘରେ ନିଆଁ ଲଗାଇଦେବାରୁ ଲୋକେ ରାତାରାତି ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ୍ୟ ହୋଇଛନ୍ତି। ସେମାନେ ଅନେକ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିବାରୁ ସମଗ୍ର ପାର୍ବତ୍ୟାଞ୍ଚଳ ଜିଲାରେ ଆତଙ୍କ ଖେଳିଯାଇଥିଲା। ଅଧିକ ହିଂସାକାଣ୍ଡ ଘଟିବା ଆଶଙ୍କାରେ ଅନେକେ ଘରଦ୍ୱାର ଛାଡ଼ି କାଙ୍ଗପୋକ୍‌ପି ଜିଲାର ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି।

ଉତ୍ତେଜନା ବଢ଼ିବାରୁ ମଣିପୁର ସରକାର ସମଗ୍ର ଉଖ୍ରୁଲ ଜିଲାରେ ତୁରନ୍ତ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତି ପ୍ରତି ବିପଦ ସୃଷ୍ଟି ହୋଇଥିବା ଗୃହ ବିଭାଗ କମିଶନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ୫ ଦିନ ପାଇଁ ଇଣ୍ଟରନେଟ ବନ୍ଦ ରହିବାକୁ ଥିବାବେଳେ ପୋଡ଼ାଜଳା ଘଟଣା ପରେ ଜିଲାରେ କର୍ଫ୍ୟୁ ଜାରି ହେବା ସହ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। କୋନ୍‌ସାରାମ ଗ୍ରାମ କର୍ତ୍ତୃପକ୍ଷ ହିଂସାକାଣ୍ଡକୁ ନିନ୍ଦା କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଏବଂ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରିବାକୁ ନିବେଦନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ସହାୟତା ପ୍ରଦାନ ସହ ଆଇନ ଶୃଙ୍ଖଳା ରକ୍ଷା ଲାଗି କଠୋର ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

ଢାକା,୧୦।୨(ପି.ଟି.)

ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନର ମାତ୍ର ୨ ଦିନ ପୂର୍ବରୁ ସୋମବାର ରାତିରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ମିମେନସିଂ ଜିଲାରେ ଏହି ହତ୍ୟାକାଣ୍ଡ ଘଟିଛି, ଯେଉଁଠି ପୂର୍ବରୁ ଅନ୍ୟ ଜଣେ ହିନ୍ଦୁ ଦିପୁ ଚନ୍ଦ୍ର ଦାସଙ୍କୁ ପିଟି ହତ୍ୟା କରାଯିବା ସହ ଜାଳିଦିଆଯାଇଥିଲା। ସୋମବାର ହତ୍ୟାର ଶିକାର ହୋଇଥିବା ୬୨ ବର୍ଷୀୟ ସୁଶେନ ଚନ୍ଦ୍ର ସର୍କାର ଜଣେ ଚାଉଳ ବ୍ୟବସାୟୀ ଏବଂ ଦକ୍ଷିଣକାଣ୍ଡ ଗ୍ରାମର ବାସିନ୍ଦା। ବୋଗର ବଜାର ଛକଠାରେ ତାଙ୍କର 'ଭାଇ ଭାଇ ଏଣ୍ଟରପ୍ରାଇଜ୍' ରହିଛି। ଦୁର୍ବୃତ୍ତମାନେ ଦୋକାନରେ ପଶି ସର୍କାରଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିବା ସହ ଦୋକାନରୁ ଅନେକ ଲକ୍ଷ ଟାକା ଚୋରି କରିନେଇଛନ୍ତି। ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ୨୦୨୪ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ତୀବ୍ର ହେବାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାଚ୍ୟୁତ ହୋଇଥିଲେ। ଏହାପରେ ସେଠାରେ ହିନ୍ଦୁମାନେ ଆକ୍ରମଣର ଶିକାର ହୋଇଆସୁଛନ୍ତି।

# ଦୁର୍ନୀତି ସୂଚକାଙ୍କ: ୯୧ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୧୦।୨(ପି.ଟି.)

୧୮୨ଟି ଦେଶ ଓ ଅଞ୍ଚଳକୁ ନେଇ ହୋଇଥିବା ଦୁର୍ନୀତି ଧାରଣା ସୂଚକାଙ୍କ (ସିପିଆଇ) ୨୦୨୫ ସର୍ଭେରେ ଭାରତ ୫ ସ୍ଥାନ ଉପରକୁ ଉଠି ୯୧ତମ ସ୍ଥାନରେ ରହିଛି। ପୂର୍ବବର୍ଷ ତୁଳନାରେ ଭାରତର ସ୍କୋର ୧ ପଏଣ୍ଟ ବଢ଼ିଛି। ଗତବର୍ଷ ଭାରତ ଦୁର୍ନୀତି ସୂଚକାଙ୍କର ୯୬ତମ ସ୍ଥାନରେ ରହିଥିଲା ବୋଲି ବୈଶ୍ୱିକ ଏନ୍‌ଜିଓ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ସଦ୍ୟ ପ୍ରକାଶିତ ସିପିଆଇରୁ ଜଣାପଡ଼ିଛି। ୨୦୨୫ର ଦୁର୍ନୀତି ଧାରଣା ସୂଚକାଙ୍କ ଅନୁଯାୟୀ, ଦୁର୍ନୀତି ବିଶ୍ୱର ପ୍ରତ୍ୟେକ ଭାଗରେ ଏକ ଗମ୍ଭୀର ବିପଦ ହୋଇ ରହିଛି, ଯଦିଓ ସେଥିରେ ଅଗ୍ରଗତିର ସୀମିତ ସଙ୍କେତ ଦେଖିବାକୁ ମିଳିଛି। ନେତାମାନେ କ୍ଷମତାର ଦୁରୁପଯୋଗକୁ ରୋକିବା ଦିଗରେ କାର୍ଯ୍ୟ କରିବାକୁ ହେବ। ବିଶ୍ୱର ବିଭିନ୍ନ ଭାଗରେ ସରକାର ବିରୋଧୀ ବିକ୍ଷୋଭରୁ ଜଣାପଡୁଛି ଲୋକେ ଉତ୍ତରଦାୟିତ୍ୱହୀନ ନେତୃତ୍ୱକୁ ନେଇ ଅତିଷ୍ଠ ହେବା ସହ ସଂସ୍କାର ଦାବି କରୁଛନ୍ତି।

ରିପୋର୍ଟରେ ଆହୁରି କୁହାଯାଇଛି, ଦୁର୍ନୀତି ଉପରେ ଖବର କରୁଥିବା ସାମ୍ବାଦିକମାନଙ୍କ ପ୍ରତି ବିପଦ ଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ଦୁର୍ନୀତି ଉପରେ ଅନୁସନ୍ଧାନମୂଳକ ଖବର ସଂଗ୍ରହ କରୁଥିବା ଖବରଦାତା ଆକ୍ରମଣ କିମ୍ବା ହତ୍ୟାର ସମ୍ମୁଖୀନ ହେଉଥିଲାବେଳେ ସରକାରଙ୍କୁ ଏଥିପାଇଁ ଉତ୍ତରଦାୟୀ କରାଯାଇପାରୁ ନାହିଁ। ଯୁଦ୍ଧ ହେଉ ନ ଥିବା ଅଞ୍ଚଳରେ ୨୦୧୨ରୁ ୮୨୯ ଜଣ ଖବରଦାତାଙ୍କୁ ହତ୍ୟା କରାଗଲାଣି। ୫୦%ରୁ କମ୍ ସିପିଆଇ ସ୍କୋର ଥିବା ଦେଶଗୁଡ଼ିକରେ ୯୦%ରୁ ଊର୍ଦ୍ଧ୍ୱ ଏଭଳି ହତ୍ୟାକାଣ୍ଡ ଘଟୁଛି। ବ୍ରାଜିଲ, ଭାରତ, ମେକ୍ସିକୋ, ପାକିସ୍ତାନ ଏବଂ ଇରାକ ଆଦି ଦେଶରେ ଦୁର୍ନୀତି ଉପରେ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ପାଇଁ ବିପଦ ରହିଥିବା ରିପୋର୍ଟରେ କୁହାଯାଇଛି।

୨୦୧୨ରୁ ୩୧ଟି ଦେଶରେ ଦୁର୍ନୀତି ହ୍ରାସ ପାଇଥିବାବେଳେ ଅନ୍ୟମାନେ ଏହି ସମସ୍ୟାର ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ଡେନ୍‌ମାର୍କ ୮୯ ପଏଣ୍ଟ ସ୍କୋର ସହ ସୂଚକାଙ୍କର ଶୀର୍ଷସ୍ଥାନ ବଜାୟ ରଖିଥିବାବେଳେ ଏହା ପଛକୁ ଫିନ୍‌ଲାଣ୍ଡ ଏବଂ ସିଙ୍ଗାପୁର ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ସୁଦାନ ଏବଂ ସୋମାଲିଆ ୯ ପଏଣ୍ଟ ସହ ଦୁର୍ନୀତି ତାଲିକାର ସବାତଳେ ରହିଛି। ଆମେରିକା ୨୯ ନମ୍ବର ଏବଂ ବ୍ରିଟେନ୍ ୨୦ତମ ସ୍ଥାନରେ ଥିବା ଜଣାପଡ଼ିଛି।

# ପାରାକୁ ଖାଇବାକୁ ଦେଇ ୨ ଲକ୍ଷ ଜରିମାନା ଗଣିଲେ

**ସା**ଧାରଣତଃ ପଶୁ ପକ୍ଷୀଙ୍କୁ ଖାଇବାକୁ ଦେବା ଭଲ କାମ ବୋଲି ବିବେଚନା କରାଯାଏ। କିନ୍ତୁ ଯଦି ଏଥିପାଇଁ ଜଣଙ୍କ ଉପରେ ଜରିମାନା ଲଗାଯିବ, ତେବେ ଏହା ନିହାତି ଆଶ୍ଚର୍ଯ୍ୟର ବିଷୟ। ସିଙ୍ଗାପୁରର ଜଣେ ମହିଳାଙ୍କ ସହିତ ଏଭଳି ଘଟଣା ଘଟିଛି। ସେଠାରେ ଜଣେ ୭୧ ବର୍ଷୀୟା ମହିଳାଙ୍କ ବିରୋଧରେ ବାରମ୍ବାର ବନ୍ୟ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଅଭିଯୋଗରେ ୩,୨୦୦ ସିଙ୍ଗାପୁର ଡଲାର ବା ୨୨୭,୮୪୫ ଟଙ୍କା ଜରିମାନା କରାଯାଇଛି। ମହିଳା ଜଣକ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଚାରୋଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପକ୍ଷୀମାନଙ୍କୁ ଖାଇବାକୁ ଦେବା ପାଇଁ ମହିଳା ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଏହା ପ୍ରଥମ ଥର ନୁହେଁ। ଗତ ବର୍ଷ ମେ'ରେ, ସମାନ ଅପରାଧ ଏବଂ ପକ୍ଷୀ ଧରିବାରେ ବାଧା ସୃଷ୍ଟି କରିବା ପାଇଁ ତାଙ୍କୁ ୧,୨୦୦ ସିଙ୍ଗାପୁର ଡଲାର ଜରିମାନା କରାଯାଇଥିଲା। ଯଦିଓ ସେ ସେତେବେଳେ କୋର୍ଟକୁ କହିଥିଲେ, ସେ ଏହା ଆଉ କରିବେ ନାହିଁ, କିନ୍ତୁ ଗୋଟିଏ ମାସ ମଧ୍ୟରେ ମହିଳା ପୁଣି ସମାନ କାମ କରିଥିଲେ।



ପବ୍ଲିକ ପ୍ରସିକ୍ୟୁଟର ମାମଲାରେ ପ୍ରମାଣ ଉପସ୍ଥାପନ କରିଥିଲେ ଯେ, ମହିଳା ଜଣକ ଜୁଲାଇ ୨୦୨୫ରୁ ଜାନୁଆରୀ ୨୦୨୬ ମଧ୍ୟରେ ୯ଟି ପୃଥକ ସମୟରେ ପାରାକୁ ଶସ୍ୟ ଏବଂ ରୁଟି ଖୁଆଇଥିଲେ। କୋର୍ଟରେ ପ୍ରଦର୍ଶିତ ଭିଡିଓ ଫୁଟେଜରେ ମହିଳା ଜଣକୁ ତାଙ୍କ ଫ୍ଲାଟ ନିକଟରେ ପାରା ଘେରି ରହିଥିବା ଦେଖାଯାଇଥିଲା।







ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ନୂଆ ଆମ୍ବୁଲାନ୍ସଗୁଡ଼ିକର ଲୋକାର୍ପଣ କରୁଛନ୍ତି।

# ସ୍ୱାସ୍ଥ୍ୟସେବାରେ ଯୋଡ଼ିହେଲା ଆଉ ୨୫୦ ଆମ୍ବୁଲାନ୍ସ

**ଭୁବନେଶ୍ୱର,୧୦।୨(ବନ୍ଦନା ସେଠୀ)**

ରାଜ୍ୟ ସ୍ୱାସ୍ଥ୍ୟସେବାରେ ଯୋଡ଼ିହେଲା ଆଉ ୨୫୦ଟି ଆମ୍ବୁଲାନ୍ସ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସବୁ ନୂଆ '୧୦୮ ଆମ୍ବୁଲାନ୍ସ'ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତର ପଦକ୍ଷେପ ନିଆଯାଉଛି। ରାଜ୍ୟର ସବୁ ବ୍ଲକ୍‌ରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟ ସେବାରେ ସାମିଲ କରାଯାଇଛି। ଏହାସହିତ ବିମାନବନ୍ଦରରେ ଆମ୍ବୁଲାନ୍ସ ସେବାକୁ ଆହୁରି ବୃଦ୍ଧି କରାଯିବ। ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**

- ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ମେଡିକାଲକୁ ନିରନ୍ତର ଆମ୍ବୁଲାନ୍ସ ସେବା ମିଳିବ
- ବିମାନ ଯୋଜନାରେ ଏୟାରଷ୍ଟ୍ରିପ୍‌ରେ ଆମ୍ବୁଲାନ୍ସ ସେବା ବଢ଼ିବ

'୧୦୮ ଆମ୍ବୁଲାନ୍ସ ସେବା'ରେ ଉନ୍ନତି ଆଣିବା ସହ କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ କିଣିଛନ୍ତି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୩ରେ ୧୫୦ଟି ଆମ୍ବୁଲାନ୍ସ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହୋଇଥିଲା। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ଜରୁରିକାଳୀନ ସେବାରେ ସାରା ରାଜ୍ୟରେ ୮୬୬ଟି ଆମ୍ବୁଲାନ୍ସ ନିୟୋଜିତ ହୋଇଛି। ସେହିପରି ଗର୍ଭବତୀ ଏବଂ ଅସୁସ୍ଥ ଶିଶୁଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ୍ ଲାଇଫ୍ ସପୋର୍ଟ ବା ଏଏଲ୍‌ଏସ୍ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ାସ୍ଥିତ କ୍ୟାନ୍‌ସର ହସ୍ପିଟାଲ ପାଇଁ ୨ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ ନିୟୋଜିତ ରହିଛି। ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡ. ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

# ବକେୟା ଚାଲାଣ ଥିଲେ ମିଳିବନି ପିୟୁସିସି: ହାଇକୋର୍ଟ

**କଟକ,୧୦।୨(କାର୍ତ୍ତିକ ସାହୁ)**

**ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ତେଲ ନ ମିଳିବା ମାମଲା**

ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ଗତ କିଛି ମାସ ଧରି ଦେଖାଦେଇଥିବା ବିବାଦରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୯୦ ଦିନରୁ ଊର୍ଦ୍ଧ୍ୱ ଧରି ମୋଟରଯାନର ବକେୟା ଚାଲାଣ ରହିଥିଲେ ପିୟୁସିସି କରିହେବ ନାହିଁ। ପିୟୁସିସି କରିବାକୁ ହେଲେ ମୋଟରଯାନ ମାଲିକ ସମ୍ପୃକ୍ତ ଯାନର ୯୦ ଦିନରୁ ଊର୍ଦ୍ଧ୍ୱ ସମସ୍ତ ଚାଲାଣ ପୈଠ କରିବାକୁ ବାଧ୍ୟ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଚାଲାଣ ଥିଲେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ କରିହେବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଉଚ୍ଚ ଅଦାଲତରେ ଆଗତ ଏକ ମାମଲାର ଶୁଣାଣିରେ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ଯୁକ୍ତି ଉପସ୍ଥାପନ କରି କେନ୍ଦ୍ରୀୟ ମୋଟରଯାନ ଆଇନ ଆଧାରରେ ସରକାରଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଆଇନସମ୍ମତ ବୋଲି କହିଥିଲେ। କେନ୍ଦ୍ର ମୋଟରଯାନ ଆଇନ ଧାରା ୧୬୭, ଉପଧାରା ୧୨ ଅନୁଯାୟୀ ବକେୟା ଚାଲାଣ ଥିଲେ ପିୟୁସିସି ଆବେଦନ ହୋଇପାରିବନାହିଁ ବୋଲି ହାଇକୋର୍ଟଙ୍କୁ ସେ ଅବଗତ କରିବା ପରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ଆବେଦନକାରୀ ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଥିଲା ଯେ, ପରିବହନ କମିଶନରଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୦ରେ ପେଟ୍ରୋଲ, ଡିଜେଲ ବିକ୍ରି କରୁଥିବା ସମସ୍ତ ତୈଳ କମ୍ପାନୀକୁ ଲେଖାଯାଇଥିବା ଚିଠି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଥିରେ ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟରଯାନ ନିୟମାବଳୀ, ୧୯୮୯ର ଉଲ୍ଲଂଘନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ଦିଆ ନ ଯିବା ନିଷ୍ପତ୍ତି ଜନସାଧାରଣ ତଥା ଗାଡ଼ି ମାଲିକଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କରିବାବେଳେ ସମ୍ପୃକ୍ତ ମୋଟରଯାନର ଇ-ଚାଲାଣ ଦେୟ ପ୍ରଦାନ ପାଇଁ ବାଧ୍ୟ କରାଯାଉଛି। ତେଣୁ ଡିସେମ୍ବର ୨୦ର ଚିଠିକୁ ରଦ୍ଦ କରାଯାଉ। ପିୟୁସି ପ୍ରମାଣପତ୍ର ନ ଥିବା ଗାଡ଼ି ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରି ନ କରିବା ନିୟମ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ପ୍ରତ୍ୟେକ ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ। ଏଥିସହିତ ମୋଟର ଯାନ ଆଇନ ସମ୍ବନ୍ଧିତ କୌଣସି ବକେୟା ଚାଲାଣ ଥିଲେ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପରୀକ୍ଷା କରାଯାଇପାରିବ ନାହିଁ ବୋଲି ସରକାର ଦେଇଥିବା ନିର୍ଦ୍ଦେଶକୁ ବାଧ୍ୟତାମୂଳକ କରା ନ ଯିବାକୁ ଆବେଦନକାରୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ଏହି ମାମଲାରେ ବାଣିଜ୍ୟ ଓ ପରିବହନ ସଚିବ, ପରିବହନ କମିଶନର, ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ଓ ବିଭିନ୍ନ ତୈଳ କମ୍ପାନୀର ଓଡ଼ିଶା ମୁଖ୍ୟଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**


ପିଲା ଏବେ ଭାବପ୍ରବଣ


# ୧୩ରେ ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବିଧାନସଭାରେ ବଜେଟ ଅଧିବେଶନ ୧୭ରୁ ଆରମ୍ଭ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ କସରତ ଗତ ଦେଢ଼ମାସ ଧରି ଚାଲିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କୁ କିଭଳି ମୌଳିକ ସୁବିଧା ସୁଯୋଗ ହାତପାଆନ୍ତାରେ ମିଳିବ ଏବଂ ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ ତାହାକୁ ନେଇ ଫେବୃଆରୀ ୧୩ ଅପରାହ୍ଣ ୫ଟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଛି।

ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ୩୬ତମ ମନ୍ତ୍ରିମଣ୍ଡଳ ବୈଠକ ତଥା ରାଜ୍ୟ କ୍ୟାବିନେଟ ବୈଠକରେ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ସମେତ ପ୍ରାୟ ୭ ବିଭାଗର ୯ଟି ପ୍ରସ୍ତାବ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଥର ସମସ୍ତ ବିଭାଗର ସଚିବଙ୍କଠାରୁ ଓଡ଼ିଶା ବିକାଶ-୨୦୩୬ ଏବଂ ଭାରତ ବିକାଶ-୨୦୪୭ ଲାଗି ୫ଟି ଲେଖାଏ ପ୍ରସ୍ତାବ ଲୋଡ଼ାଯାଇଥିଲା, ଯେଉଁଥିରେ କି ବିଭାଗୀୟ ସଚିବମାନେ ସରକାରଙ୍କ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ☞ ପୃଷ୍ଠା-୨

# ଆୟୁଷ ଡାକ୍ତରଙ୍କ ଦରମା ୨୦ରୁ ୪୦ ହଜାର ବଢ଼ିଲା

**ଭୁବନେଶ୍ୱର,୧୦।୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନେଇଥିବା ନିଷ୍ପତ୍ତି ଅନୁଯାୟୀ, ଏନ୍‌ଏଚ୍‌ଏମ୍(ନ୍ୟାଶନାଲ ହେଲ୍‌ଥ ମିଶନ)ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

୫ ବର୍ଷରୁ କମ୍ ସମୟ ଅବଧିରେ ସେବାରତ ଆୟୁଷ ଡାକ୍ତରଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬ ହଜାର ୯୪୮ ଟଙ୍କା ହୋଇଛି। ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତରଙ୍କ ଦରମା ମାସିକ ୨୫ ହଜାର ଟଙ୍କା ବୃଦ୍ଧି ପାଇଛି। ଏବେ ସେମାନଙ୍କ ଦରମା ୭୪ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ପାଉଥିବା ଡାକ୍ତରଙ୍କ ଦରମା ୮୦ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ଯେଉଁମାନେ ୧୫ ବର୍ଷରୁ ଅଧିକ ଦିନ କାମ କଲେଣି ସେମାନଙ୍କ ଦରମା ୪୦ ହଜାର ଟଙ୍କା ବଢ଼ି ୯୧ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ସରକାର ବାର୍ଷିକ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ୭ ଦଫା ଦାବି ନେଇ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏପରିକି ଅହୋରାତ୍ର ଧାରଣା ମଧ୍ୟ ଦିଆଯାଇଥିଲା। ଶେଷରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାକରି ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି ନେଇ ଘୋଷଣା କରିଛନ୍ତି।

# ୩ ଘଣ୍ଟା ମଧ୍ୟରେ ହଟିବ ଆପତ୍ତିଜନକ କଣ୍ଟେଣ୍ଟ

**ନୂଆଦିଲ୍ଲୀ,୧୦।୨**

**ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ନୂଆ ନିୟମ**

ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ପୋଷ୍ଟ କରାଯାଉଥିବା ଏଆଇ( କୃତ୍ରିମ ବୁଦ୍ଧିମତ୍ତା) ଆଧାରିତ କଣ୍ଟେଣ୍ଟ ଏବଂ ଭିଜୁଆଲ୍ ଓ ଅଡିଓ ଆଦିକୁ ସୁନିୟନ୍ତ୍ରିତ କରିବା ଲାଗି କେନ୍ଦ୍ର ସରକାର ନୂଆ ନିୟମ ଆଣିଛନ୍ତି। ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ସମେତ ଅନ୍ୟାନ୍ୟ ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ରହିଥିବା



ନିୟମରେ ସଂଶୋଧନ ଆଣି ଆଇଟି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ସଂଶୋଧନ ନିୟମ, ୨୦୨୬ ଚଳିତ ମାସ ୨୦ ତାରିଖରୁ ଲାଗୁ କରିବାକୁ କେନ୍ଦ୍ର ସରକାର ସୋମବାର ଘୋଷଣା କରିଛନ୍ତି। ଏହି ନୂଆ ନିୟମ ଅନୁସାରେ ପ୍ରଥମଥର ଲାଗି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ☞ ପୃଷ୍ଠା-୨




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘୁମୁସର ଉତ୍ସବ-୨୦୨୬, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷ୍ଟେଟ୍ ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ ଓଡ଼ିଶା' ର ୬ଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ୧୭ ତମ ଫଗୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଇନ୍ଦିରାଗାନ୍ଧୀ ମିନି ଷ୍ଟାଡିୟମ,ପଙ୍କାଳ, ତିଗିରିଆ, ସମୟ: ଅପରାହ୍ନ ୩ଟା।

**ବାଲେଶ୍ୱର**
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ସକାଳ ୯ଟା।
- ବାଟି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବାଟି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନ୍ୟୁ କ୍ୟାମ୍ପସ, ବଣପାରିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହିଳା ସୁରକ୍ଷା ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍‌ଜି ଇଣ୍ଟରନ୍ୟାଶନାଲର ବାର୍ଷିକ ଉତ୍ସବ, ସ୍ଥାନ: ଜାମଝାଡ଼ି, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଔପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଚ୍ଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ବାରିଙ୍ଗିଆ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ୟୁଜିଏମ୍‌ଇ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ାପାଟଣା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର ନୀଳମଣି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ କେନ୍ଦ୍ରୀୟ ବଜେଟ୍-୨୦୨୬ କୃଷକ ସମ୍ବାଦ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ତିହିଡ଼ି ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ୱାନ ଡେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ନାହା, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: କୃଷି ବିଭାଗ, ଚମ୍ପୁଆ, ସମୟ: ମଧ୍ୟାହ୍ନ ୧୧ଟା।
- ୫ମ ବାର୍ଷିକୀ ବ୍ଲକ୍‌ସ୍ତରୀୟ କଳାକାର ସମ୍ମିଳନୀ, ସ୍ଥାନ: ହାଟଡ଼ିହୀ, ଚମାରତିରା, ସମୟ: ପୂର୍ବାହ୍ନ ୧୧ ଟା।
- ୮୦୦ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ନେଇ ପୁରୀ ଗସ୍ତ, ସ୍ଥାନ: ଯୋଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**ମୟୂରଭଞ୍ଜ**
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ବାବା ତିଲିକା ମାଝୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ,ସ୍ଥାନ: ସିନ୍ଦୁରକୁଇଲି, ଉଦଳା, ସମୟ:ଅପରାହ୍ନ ୩ଟା।
- ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାଇରଙ୍ଗପୁର ମହତାବ ଭବନ,ସମୟ: ଅପରାହ୍ନ ୫ଟା୩୦।

**ବ୍ରହ୍ମପୁର**
- ୩ୟ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ,ସ୍ଥାନ: ଖଲ୍ଲିକୋଟ କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିଟି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସିଟି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଶରଣ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଏକଘରିଆ, ଓଡ଼ାପଡ଼ା ବ୍ଲକ, ସମୟ: ଅପରାହ୍ନ ୩ଟା ୩୦ମିନିଟ।

**ଅନୁଗୋଳ**
- ବୁଢା ଠାକୁରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଛେଣ୍ଡିପଦା ବ୍ଲକର ପରା, ସମୟ: ସକାଳ ୭ଟା।

**ଜଗତ୍‌ସିଂହପୁର**
- ପାରାଦୀପ କଲେଜ ଏନ୍‌ସିସି ଛାତ୍ରୀମାନଙ୍କୁ ନେଇ ଜାତୀୟ ସେବା ଦିବସ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।

**ଯାଜପୁର**
- ଜିଲ୍ଲାସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ନବମ ଦିବସରେ ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଦ୍ଧ, ଭରତ ଓ ହନୁମାନ ମିଳନ ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୨୦ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୩ୟ ଦିବସ, ସ୍ଥାନ: ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଲିସାହି ଲିଙ୍ଗରାଜ ହାଇସ୍କୁଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କ ସମସ୍ୟା ଓ ରାଜ୍ୟରେ ସୃଷ୍ଟି ହେଉଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୋଧରେ ବିଜେଡିର ଶୋଭାଯାତ୍ରା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ସ୍ଥାନ:ନୟାଗଡ଼ ଖେଳ ପଡିଆରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହ ମୁକ୍ତିରଥର ଉଦ୍‌ଘାଟନ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ , ସ୍ଥାନ: ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ:ଅପରାହ୍ନ ୪ଟା।

**ରାୟଗଡ଼ା**
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଟିଟିମିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଣପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ ଟା।
- ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡମ୍ବସରା, ଗୁଣପୁର ବ୍ଲକ୍, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ମହୋତ୍ସବ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୪୫।

**କୋରାପୁଟ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ଦିନ ଦୟାଲ ଉପାଧ୍ୟାୟଙ୍କୁ ସମର୍ପଣ ଦିବସ ପାଳନ, ସ୍ଥାନ: ଭାଜପା କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ରଜତ ଜୟନ୍ତୀ ଉଦ୍‌ଯାପନୀ, ସ୍ଥାନ: କୁନ୍ଦୁରା, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବୈପାରୀଗୁଡ଼ା, ସମୟ: ଅପରାହ୍ନ ୫ଟା ୪୫।

**ସମ୍ବଲପୁର**
- ବୁଢ଼ାରାଜା ବାଳିକା ଉଚ୍ଚବିଦ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସକାଶେ ସ୍ୱତନ୍ତ୍ର ଆଶୀର୍ବାଦ ସମାରୋହ, ସ୍ଥାନ: ଦେହେରିପାଲି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲ୍ଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗୀର ଜିଲ୍ଲା ଓ ବରଗଡ ଜିଲ୍ଲାର ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ହୀରାକୁଦ କ୍ରୀଡାସଂଘ ପକ୍ଷରୁ ସମ୍ବଲପୁର ଓ ସୁନ୍ଦରଗଡ଼ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ସ୍ଥାନ: ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ: ଅପରାହ୍ନ ୩ଟା।
- ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧର୍ମଘଟ ସକାଶେ ଶୋଭାଯାତ୍ରା, ସ୍ଥାନ: ବୀରସୁରେନ୍ଦ୍ର ସାଏ ମାର୍ଗ, ସମୟ: ଅପରାହ୍ନ ୪ଟା।

**ରାଉରକେଲା**
- ଟିପିଡବ୍ଲୁଓଡିଏଲ ପକ୍ଷରୁ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଉଦିତ ନଗର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା ଆଇନ ମହାବିଦ୍ୟାଳୟର କ୍ରୀଡା ଉତ୍ସବର ଉଦଯାପନୀ ସମାରୋହ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଏସ୍‌ପି ପ୍ରାୟୋଜିତ ପୁସ୍ତକ ମହୋତ୍ସବର ୯ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲ୍ଲା ମହୋତ୍ସବ ଯତ୍ରା ଓ ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ଦିବସ, ସ୍ଥାନ: ସୁନ୍ଦରଗଡ଼ ସରକାରୀ କଲେଜ ସମ୍ମୁଖ ଯତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଶିକ୍ଷକ ଦକ୍ଷତା ତାଲିମ ଶିବିର, ସ୍ଥାନ: ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଅମ୍ବାପାଲି, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ:ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାକକ୍ଷ, ଅମ୍ଭାଭୋନା, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଭିବି ଜି ରାମ ଜି ସଚେତନତା କର୍ମଶାଳା, ସ୍ଥାନ: କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ ଉତ୍ସବ, ସ୍ଥାନ: କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୨ଟା।

**ସୁବର୍ଣ୍ଣପୁର**
- ସୋନପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ:କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଏଇଏସ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଅଡାଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଶିବତୁଳା ଭିନ୍ନକ୍ଷମ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

**ନୂଆପଡ଼ା**
- ୧୯ତମ ଆର୍‌ଏସ୍‌ସି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ବଳ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ଭାଗବତ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଶିବ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ବିଧାନସଭା ଷ୍ଟାଣ୍ଡି କମିଟିର ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ବୈଠକ ଗୃହ, ବେହେରାମାଳ, ସମୟ: ଅପରାହ୍ନ ୩ଟା।

# ୨୭ ପରେ ଅନୁଦାନ ମନା

**ଅର୍ଥ ବିଭାଗର ଲକ୍ଷ୍ମଣରେଖା**

ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ୧୭ରୁ ଆରମ୍ଭ ହେବାକୁଥିବା ବଜେଟ ଅଧିବେଶନକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗ ପାଇଁ ଅର୍ଥ ଖର୍ଚ୍ଚାନ୍ତ ସଂକ୍ରାନ୍ତରେ ଏକ ଲକ୍ଷ୍ମଣରେଖା(ଡେଡ୍‌ଲାଇନ୍) ଟଣାଯାଇଛି। ଏନେଇ ମଙ୍ଗଳବାର ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଏକ ନିର୍ଦ୍ଦେଶନାମା ସବୁ ବିଭାଗର ସଚିବଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ଜାନୁଆରୀ ୧୭ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ନିର୍ଦ୍ଦେଶନାମାରେ ଜାନୁଆରୀ ୩୧ ମଧ୍ୟରେ ଅନୁଦାନ ଆଦେଶ(ସାଙ୍କ୍‌ଶନ ଅର୍ଡର) ଦେବାକୁ କୁହାଯାଇଥିଲା। କାରଣ ଅନୁଦାନ ନିର୍ଦ୍ଦେଶ ଯଦି ଏକ ସମୟରେ ସବୁ ବିଭାଗର ବିଭିନ୍ନ ପ୍ରକଳ୍ପରୁ ଆସିବ ତେବେ ଅର୍ଥ ବିଭାଗ ଏବଂ ରାଜକୋଷ ଉପରେ ଚାପ ପଡ଼ିବ। ଏସବୁକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ମାତ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ଏହି ଅବଧିକୁ ବୃଦ୍ଧି କରାଯାଇଛି। ଜାନୁଆରୀ ୩୧ ବଦଳରେ ଫେବୃଆରୀ ୨୭କୁ ବୃଦ୍ଧି କରାଯାଇଛି। ତେବେ ୨୭ ପରେ କୌଣସି ଅନୁଦାନ ଆଦେଶକୁ ବିଚାରକୁ ନିଆଯିବନାହିଁ। ସେହିପରି ଉକ୍ତ ଅବଧି ମଧ୍ୟରେ ସବୁ ବିଭାଗର ଆଲଟମେଣ୍ଟ କାର୍ଯ୍ୟ ଓ ବଳକା ଅର୍ଥ ସମର୍ପଣ(ସରେଣ୍ଡର) କରିବାକୁ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦରେ ବଜେଟରେ ବ୍ୟବସ୍ଥା ହୋଇଥିବା ଅର୍ଥକୁ ରସିଦ୍ ଜରିଆରେ ସମର୍ପଣ କରିବାର ଆବଶ୍ୟକତା ରହିଛି।

# ୨୩,୩୮୭ କନିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତି

**ଖୁବ୍‌ଶୀଘ୍ର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦିଆଯିବ**

ଭୁବନେଶ୍ୱର,୧୦।୨(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୩,୩୮୭ଜଣ କନିଷ୍ଠ ଶିକ୍ଷକଙ୍କୁ ବରିଷ୍ଠ(ଏସ୍‌ଇଏସ୍) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସୋମବାର ପ୍ରକାଶ ପାଇଥିବା ଏହି ଚୂଡ଼ାନ୍ତ ତାଲିକାରେ ସମ୍ପୃକ୍ତ ଶିକ୍ଷକଙ୍କ ନାମ ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା ପ୍ରକାଶ କରିଛନ୍ତି, ୧୯୯୩ ମସିହା ନିଯୁକ୍ତି ନିୟମ ଅନୁଯାୟୀ ଜୁନିଅର ଏସ୍‌ଇଏସ୍‌ମାନଙ୍କୁ ପଦୋନ୍ନତି ଦିଆଯାଇଛି। ୩୦ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କଠାରୁ ପଦୋନ୍ନତିପ୍ରାପ୍ତ ଶିକ୍ଷକଙ୍କ ଚରିତ୍ର ପଞ୍ଜିକା ପ୍ରମାଣପତ୍ର(ସିସିଆର୍) ଏବଂ ସମ୍ପତ୍ତି ତାଲିକା ଆସିବା ପରେ ଏମାନଙ୍କୁ ଖାଲିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତ କରାଯିବ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ରହିବ। କନିଷ୍ଠ ଶିକ୍ଷକଙ୍କ ପଦୋନ୍ନତି ନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବାରମ୍ବାର ଯାଞ୍ଚ ପରେ ନିର୍ଦ୍ଦେଶାଳୟ ପକ୍ଷରୁ ତାଲିକା ଜାରି କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଖାଲିଥିବା ଶତାଧିକ ପ୍ରଧାନ ଶିକ୍ଷକ ପଦ ପୂରଣ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବାଲେଶ୍ୱର, ବରଗଡ଼, କଳାହାଣ୍ଡି, କୋରାପୁଟ, ବରଗଡ଼ ଓ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ଜିଲ୍ଲାର ଯୋଗ୍ୟ କନିଷ୍ଠ ଶିକ୍ଷକଙ୍କ ତାଲିକା ଦେବାରେ ବିଳମ୍ବ କରିବାରୁ ପଦୋନ୍ନତି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଏହାକୁ ନେଇ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ 'ଧରିତ୍ରୀ'ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇବା ପରେ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେବେ ତାଲିକା ପ୍ରକାଶ ପାଇଥିବାରୁ କନିଷ୍ଠ ଶିକ୍ଷକ ମହଲରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ 'ଓଷ୍ଟା' ପକ୍ଷରୁ ସମ୍ପାଦକ ରଞ୍ଜନ ଦାସ ଓ ଅନ୍ୟମାନେ ନିର୍ଦ୍ଦେଶକ କୋରକୋରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

**ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି**




## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଲୋ ମୂତୁରୀ ଶୋଇବା,**
**ତୁ ତ ମୂତୁରୀ, ମୁଁ ତ ମୂତୁରୀ**
**ହେଁସ କାହିଁପାଇଁ ଧୋଇବା ।**

ଯେଉଁଠାରେ ଉଭୟ ପକ୍ଷ ଦୋଷଯୁକ୍ତ ହୋଇଥା'ନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବା ଉଚିତ ହୋଇନଥାଏ। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଉଁଶିଲା କୁକୁର ମୁହଁରେ ବୋକା।**

ଛୋଟ ଲୋକକୁ ମୁହଁ ଦେଲେ ସିଏ ମୋଟେ କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଆବଶ୍ୟକତାଠାରୁ ଅଧିକ ଆଦର କଲେ ଧରାକୁ ସରା ମଣିବାରେ ହେଳା କରି ନ ଥାନ୍ତି। ତେଣୁ ଛୋଟ ଲୋକକୁ ପ୍ରଶ୍ରୟ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ବକେୟା ଚାଲାଣ...

ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାର ପ୍ରତ୍ୟେକ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରିଥିବାବେଳେ ବକେୟା ଚାଲାଣ ଥିଲେ ପିୟୁସି ପ୍ରମାଣ ପତ୍ର ମିଳିପାରିବ ନାହିଁ ବୋଲି ଗତ ଡିସେମ୍ବରରେ ନିର୍ଦ୍ଦେଶନାମା ଜାରି କରିଥିଲେ। ଏପରି କି ପିୟୁସି ପ୍ରମାଣ ପତ୍ର ନ ଥିଲେ ପେଟ୍ରୋଲ ଓ ଡିଜେଲ ମିଳିପାରିବ ନାହିଁ ବୋଲି ପରିବହନ କମିଶନର ତୈଳ କମ୍ପାନୀକୁ ଚିଠି ଲେଖିଥିଲେ। ଏହା ପରେ ସାଧାରଣ ଲୋକମାନେ ପିୟୁସି ପ୍ରମାଣପତ୍ର କରିବା ପାଇଁ ବିଭିନ୍ନ ପ୍ରକାର ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ବର୍ଗରୁ ଅସନ୍ତୋଷ ଦେଖା ଦେବା ପରେ ରାଜ୍ୟ ସରକାର ଏହାକୁ ପର୍ଯ୍ୟାୟକ୍ରମେ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୋହଳ କରିଥିଲେ। ପରେ ହାଇକୋର୍ଟରେ ଏସମ୍ପର୍କରେ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ସରକାର ସାମୟିକ ସମୟ ପାଇଁ ବକେୟା ଚାଲାଣ ଥିଲେ ସୁଦ୍ଧା ପିୟୁସି କରିହେବ ବୋଲି ନିର୍ଦ୍ଦେଶ ଦେଇଥିଲେ।

## ୧୩ରେ ରାଜ୍ୟ...

ରଖି ତାଙ୍କର ସୁଚିନ୍ତିତ ପ୍ରସ୍ତାବ ଦେବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜାନୁଆରୀ ପହିଲାରେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ବିଭାଗୀୟ ସଚିବମାନେ ସେମାନଙ୍କର ସୁଚିନ୍ତିତ ପ୍ରସ୍ତାବମାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬ ଜୁନ୍‌ରେ ରାଜ୍ୟର ୨୮ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଏବଂ ୭ଟି ପୌରପାଳିକାର ନିର୍ବାଚନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ୨୦୨୭ରେ ପଞ୍ଚାୟତ ନିର୍ବାଚନ ରହିଛି। ଏସବୁ ଦୃଷ୍ଟିରୁ ଆସନ୍ତା ବଜେଟ ଅଧିବେଶନର ବହୁ ଗୁରୁତ୍ୱ ରହିଛି। କେନ୍ଦ୍ର ବଜେଟର ଝଲକ ରାଜ୍ୟ କ୍ୟାବିନେଟରେ ମଧ୍ୟ ଦେଖିବାକୁ ମିଳିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ୩ ଘଣ୍ଟା ମଧ୍ୟରେ...

ପୋଷ୍ଟ କରାଯାଉଥିବା ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଦ୍ୱାରା ପ୍ରସ୍ତୁତ କଣ୍ଟେଣ୍ଟ, ଡିପ୍‌ଫେକ୍ ଭିଡିଓ, ସିନ୍ଥେଟିକ୍ ଅଡିଓ ଏବଂ ପରିବର୍ତ୍ତିତ ଭିଜୁଆଲ୍ ଆଦିକୁ ଗୋଟିଏ ଫ୍ରେମ୍‌ୱାର୍କରେ ରଖାଯାଇ ନିୟନ୍ତ୍ରଣ କରାଯିବ। କେନ୍ଦ୍ର ସରକାରଙ୍କ ଏହି ପରିବର୍ତ୍ତିତ ଏବଂ ସଂଶୋଧିତ କାର୍ଯ୍ୟଧାରାରେ ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଡିଜିଟାଲ୍ ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ସଂସ୍ଥା ଏସ୍‌ଜିଆଇ(ସିନ୍ଥେଟିକାଲି ଜେନେରେଟେଡ୍ ଇନ୍‌ଫର୍ମେସନ)କୁ ଲେବୁଲଯୁକ୍ତ କରିବେ ଏବଂ ୩ ଘଣ୍ଟା ମଧ୍ୟରେ ଆପତ୍ତିଜନକ ପୋଷ୍ଟ ହଟାଇବାକୁ ବାଧ୍ୟ ହେବେ। ସମସ୍ତ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ନିୟମିତ ଏବଂ ସ୍ଥାୟୀ ଭାବେ ମେଟା ସମ୍ପର୍କରେ ତଥ୍ୟ ଦେବେ , ଯଦ୍ୱାରା ଯେକୌଣସି କଣ୍ଟେଣ୍ଟର ମୂଳଉତ୍ସକୁ ଖୋଜିବାରେ ସହଜ ହେବ। ମଧ୍ୟସ୍ଥ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ସଂସ୍ଥା ପ୍ରାଥମିକ ଲେବୁଲ କିମ୍ବା ମେଟା ଡାଟାକୁ ହଟାଇପାରିବେ ନାହିଁ କି ଏହାକୁ ଗୋପନ ରଖିପାରିବେ ନାହିଁ। ସେହିପରି ସମସ୍ତ ପ୍ଲାଟଫର୍ମ କୌଣସି ପୋଷ୍ଟ ଅପ୍‌ଲୋଡ୍ କରିବା ପୂର୍ବରୁ ୟୁଜରଙ୍କଠାରୁ ଘୋଷଣାପତ୍ର ଗ୍ରହଣ କରିବେ। ପୋଷ୍ଟ କରାଯାଉଥିବା କଣ୍ଟେଣ୍ଟ୍ ସିନ୍ଥେଟିକ୍ ବ୍ୟବସ୍ଥାରେ ପ୍ରସ୍ତୁତ ହୋଇଛି କି ଏଆଇ ଦ୍ୱାରା ପ୍ରସ୍ତୁତ ହୋଇଛି ତାହାକୁ ନିଶ୍ଚିତ କରିବେ ବୋଲି ନୂଆ ନିୟମରେ ଉଲ୍ଲେଖ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବିଙ୍କ ସହ ମଙ୍ଗଳଙ୍କ ସଂଯୋଗ ଦୈହିକ ସୁସ୍ଥତା, ପାରିବାରିକ ଶାନ୍ତି ଏବଂ ଆଲୋଚନା ସକାଶେ ଅନୁକୂଳ ରହିବ। ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ପାଇବେ। ସ୍ଥଗିତ କର୍ମାରମ୍ଭ, ବ୍ୟବସାୟିକ ସଫଳତା, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି କରିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କହାନି ଯୋଗୁ ମନ ଭାରାକ୍ରାନ୍ତ ରହିବ।

**ବୃଷ**
ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ପ୍ରୀତିପ୍ରଦ ରହିବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକଲିଫି ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ**
ଯେକୌଣସି ପରିସ୍ଥିତି ହେଉନା କାହିଁକି ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ସ୍ଥଗିତ କାର୍ଯ୍ୟକୁ ପୂରା କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ**
ଆଜି ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନର ସୁଯୋଗ ପ୍ରାପ୍ତ ହେବ। ଶତ୍ରୁମାନଙ୍କର ସମସ୍ୟା ସୃଷ୍ଟି ମନକୁ ଭାରାକ୍ରାନ୍ତ କରିପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ନିକଟରେ ଦୀର୍ଘଦିନରୁ ରହିଯାଇଥିବା ବକେୟା ପାଇପାରନ୍ତି।

**ସିଂହ**
ଚତୁର୍ଥସ୍ଥ ଚନ୍ଦ୍ର ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ୍ୟ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପାରିପାର୍ଶ୍ୱିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବା ପରେ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିଭିନ୍ନ ଯୋଜନା କରିବାର ଚେଷ୍ଟା ସଫଳ ହେବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ଭଲ ରହିବ।

**କନ୍ୟା**
ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ। ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସମସ୍ୟା ରହିଥିଲେ ମଧ୍ୟ ବୁଝିବିଚାରି କାମ କରିବା ସଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ ଈର୍ଷା କରିପାରନ୍ତି।

**ତୁଳା**
କର୍ମାଧିପତିଙ୍କ ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରୀତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜ ଲୋକଙ୍କ ବିରୁଦ୍ଧାଚରଣ ପରିବେଶକୁ ସରଗରମ କରିବ। ବ୍ୟବସାୟିକ, ସାମାଜିକ, ଅଭିବୃଦ୍ଧି ବଢ଼ିବାରୁ ଖୁସି ରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ।

**ବିଛା**
ମଙ୍ଗଳ କର୍ମାଧିପତିଙ୍କ ସହ ଅବସ୍ଥାନ କରିଥିବାରୁ ଦୃଢ ପଦକ୍ଷେପ ନେଇ ସ୍ଥଗିତକାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ଅନୁରାଧା ନକ୍ଷତ୍ରର କର୍ମକ୍ଷେତ୍ର ସମସ୍ୟାବହୁଳ ହେବ। ସହକର୍ମୀ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବନି। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ବ୍ୟବସାୟ କ୍ଷେତ୍ରରେ ସମସ୍ୟାଜନିତ କେତେକ ପରିସ୍ଥିତିରୁ ଚିନ୍ତିତ ରହିବେ।

**ଧନୁ**
ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର ଶିକ୍ଷା, ଅଧ୍ୟାପନା କ୍ଷେତ୍ରରେ ସମସ୍ୟା ଦୂର ହେବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର**
ବନ୍ଧୁମିଳନ ସହ ବୈବାହିକ ସମ୍ପର୍କସ୍ଥାପନର ଶୁଭସୂଚନା ଖୁସି କରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ସାମାଜିକ ସ୍ତରରେ ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିବେ।

**କୁମ୍ଭ**
ଷଷ୍ଠାଧିପତି କର୍ମକ୍ଷେତ୍ରରେ ଅବସ୍ଥାନ କରିଥିବାରୁ କଳହଜନିତ ମନ ଅଶାନ୍ତ ରହିବ। ଶତଭିଷା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ। ଯୋଜନା ମୁତାବକ କାମରେ ଲାଗିପଡନ୍ତୁ, ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପାରନ୍ତି।

**ମୀନ**
ନୀଚରାଶିରେ ଚନ୍ଦ୍ରଙ୍କ ସ୍ଥିତି ସନ୍ତାନଙ୍କ ଦାୟିତ୍ୱହୀନ କାର୍ଯ୍ୟକଳାପରୁ ଅସନ୍ତୁଷ୍ଟ କରାଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଗବେଷଣା, ଅଧ୍ୟୟନ, ଅଧ୍ୟାପନା ସଙ୍ଗକୁ ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ ସମସ୍ୟା ସମାଧାନ ରାସ୍ତା ଉନ୍ମୁକ୍ତ ହୋଇପାରେ।

ଆଜି ଫେବୃୟାରୀ ୧୧ ତାରିଖ। ଫାଲ୍‌ଗୁନ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ.୧୦।୫୨ମି.ଗତେ ଜ୍ୟେଷ୍ଠା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦।୩୬ମି. ଗତେ ଘ.୧୧।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୫ମି. ମଧ୍ୟେ ରାହୁ କାଳ।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ | Bhubaneswar, Wednesday, February 11/2026





ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ପ୍ରତିବାଦରେ ମଙ୍ଗଳବାର ଏସ୍‌ପିଙ୍କ ବଦଳି ଦାବିରେ ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ କରୁଛନ୍ତି।

# ୩ ମହିଳାଙ୍କୁ ମାରିଦେଲା ହାତୀ

## ୪ ଗୁରୁତର, ଗୋଠଛଡ଼ା ଦନ୍ତାହାତୀକୁ ନେଇ ଆତଙ୍କ

**କ୍ରମାଗତ ଜଙ୍ଗଲ ଉଜୁଡୁଥିବାରୁ ହାତୀ ବାସ ଓ ଆହାର ସଙ୍କଟର ସମ୍ମୁଖୀନ ହୋଇ ଜନପଦକୁ ଆସୁଛନ୍ତି। ଫଳରେ ହାତୀ-ମଣିଷ ସଂଘର୍ଷ ଘଟୁଛି। କେଉଁଠି ହାତୀ ଆକ୍ରମଣରେ ସାଧାରଣ ଲୋକଙ୍କ ଜୀବନ ଯାଉଛି ତ, କେଉଁଠି ଏହି ବିଶାଳକାୟ ପ୍ରାଣୀର ଜୀବନ ନେଉଛନ୍ତି ଲୋକେ। ମଙ୍ଗଳବାର ଢେଙ୍କାନାଳରେ ଦନ୍ତା ଆକ୍ରମଣରେ ୩ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଗୁରୁତର ଆହତ ହୋଇଛନ୍ତି।**

ଢେଙ୍କାନାଳ,୧୦।୨(ରତନ ନାୟାର)

ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବା ବେଳେ ମଙ୍ଗଳବାର ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୩ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ମହିଳା ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ସଦର ଥାନା ସଦର ରେଞ୍ଜ୍ କାଇମାଟି ଗ୍ରାମପଞ୍ଚାୟତର ଲୋଚାପଲି ଗ୍ରାମରେ। ଆହତମାନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଘଟଣାରୁ ଜଣାପଡିଛି ଯେ, ଲୋଚାପଲି ଗ୍ରାମର ୧୦ରୁ ୧୫ ମହିଳା ଓ ପୁରୁଷ ପ୍ରତିଦିନ ଭଳି ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ଚାଲିଚାଲି ଜାଳେଣି କାଠ ସଂଗ୍ରହ କରିବା ପାଇଁ ନିକଟସ୍ଥ ପାଟପୁରା ଜଙ୍ଗଲକୁ ଯାଇଥିଲେ। ରାସ୍ତାରେ ଗୋଟିଏ ଗୋଠଛଡ଼ା ଦନ୍ତାହାତୀ ଛିଡ଼ା ହୋଇଥିଲା। ହାତୀଟି ସେମାନଙ୍କୁ ଦେଖି ଗର୍ଜନ କରି ଗୋଡ଼ାଇବା ସହିତ ଆକ୍ରମଣ କରିଥିଲା। ଫଳରେ ୭ଜଣ ମହିଳା ଗୁରୁତର ଆହତ ହୋଇଥିବା ବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ସହାୟତାରେ ଅଞ୍ଚଳବାସୀ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୪ଜଣ ଗୁରୁତର ଆହତ ହୋଇଥିଲେ। ମୃତ ମହିଳାମାନେ ହେଲେ ଇନ୍ଦୁମତି ପଧାନ (୬୦), ଟୁନି ବେହେରା (୫୦) ଓ କୁନ୍ତଳା ପଧାନ (୫୦) । ଆହତମାନେ ହେଲେ ରମା ଦେହୁରୀ (୪୦), ରଶ୍ମିତା ପଧାନ (୩୫), ଝିଲି ପଧାନ (୩୫) । ଅନ୍ୟ ଜଣଙ୍କର ପରିଚୟ ମିଳିନାହିଁ। ଏହି ଘଟଣାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଥିବା ବେଳେ ବନ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ଗୋଠଛଡ଼ା ଦନ୍ତାହାତୀକୁ ନେଇ ଲୋଚାପଲି ଓ ଆଖପାଖ ଗ୍ରାମରେ ଆତଙ୍କ ଖେଳିଯାଇଛି । ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ସଦର ରେଞ୍ଜର ଉଚ୍ଛବ ଚନ୍ଦ୍ର ପ୍ରଧାନ କହିଛନ୍ତି, ଗୋଠଛଡ଼ା ଦନ୍ତାହାତୀଟି ଉକ୍ତ ଅଞ୍ଚଳରେ ରହିଥିବା ସମ୍ପର୍କରେ ଆମର ପାଟ୍ରୋଲିଂ କରୁଥିବା ବନ କର୍ମଚାରୀମାନେ ଅଞ୍ଚଳବାସୀଙ୍କୁ ସତର୍କ କରାଇଥିଲେ । ସେମାନଙ୍କୁ ଜଙ୍ଗଲ ଯିବାକୁ ମନା ହୋଇଥିଲା। ତଦନ୍ତ କରାଯାଇ ମୃତାହତ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ତୁରନ୍ତ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ଉକ୍ତ ଅଞ୍ଚଳରେ ପୂର୍ବରୁ ବୁଲୁଥିବା ଆଉ ଏକ ଗୋଠଛଡ଼ା ହାତୀ (ଯାହାକୁ କି ବନବିଭାଗ ମଣ୍ଟୁ ବୋଲି ନାମ ଦେଇଛି) ମହିଳାମାନଙ୍କୁ ଆକ୍ରମଣ କରିଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ଗୋଡ଼ାଇଥିବା ହାତୀଟି ମଣ୍ଟୁ ନୁହେଁ । ଦନ୍ତାହାତୀ ମଣ୍ଟୁ ବର୍ତ୍ତମାନ କଟକ ଜିଲା ଅଞ୍ଚଳରେ ଅଛି । ଗୋଡ଼ାଇ ଥିବା ହାତୀଟି ଉକ୍ତ ଅଞ୍ଚଳରେ ନୂଆକରି ପ୍ରବେଶ କରିଛି । ଏଥିପାଇଁ ଗ୍ରାମବାସୀଙ୍କୁ ସତର୍କ କରାଯାଇଥିଲା। ଏହି ଘଟଣାକୁ ନେଇ ତଦନ୍ତ କରାଯାଉଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ସଦର ତହସିଲଦାର ସ୍ୱାଧୀନ ବେହେରା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି ।

# ମଦ ପାଇଁ ଟଙ୍କା ନ ଦେବାରୁ ଆକ୍ରମଣ

## ଭାଜପା ମଣ୍ଡଳ ସଭାପତିଙ୍କ ସମେତ ୨ ଆହତ

ତିହିଡ଼ି,୧୦।୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଳୀପଡ଼ିଆ ନିକଟରେ ସୋମବାର ରାତି ୧୦ଟା ୩୦ ବେଳେ ମଦ ପିଇବାକୁ ଟଙ୍କା ନ ଦେବାରୁ ଭାଜପା ସାହାଡ଼ାଶୁଣୀ ମଣ୍ଡଳ ସଭାପତିଙ୍କ ସମେତ ୨ ଯୁବକଙ୍କୁ ଆକ୍ରମଣ କରାଯାଇଛି। ମଣ୍ଡଳ ସଭାପତି ତିହିଡ଼ି ଗ୍ରାମର କେଶବ ବେହେରା ଓ ତାଙ୍କ ବନ୍ଧୁ ସେହି ଗ୍ରାମର ଗଣେଶ କର ଆହତ ହୋଇଛନ୍ତି। ଏନେଇ କେଶବ ଓ ଗଣେଶ ତିହିଡ଼ି ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୪୦/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କେଶବ ଓ ଗଣେଶ ସ୍ଥାନୀୟ କାଳୀପଡ଼ିଆରେ ଚାଲିଥିବା ମହୋତ୍ସବ ଦେଖି ଫେରୁଥିଲେ। ସେହି ସମୟରେ ପାଟଣାସାହି ଓ ବଉଳପାଳ ଗ୍ରାମର ୨ ଯୁବକ ସେମାନଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେହି ୨ ଯୁବକ ଏକ ଲୁହା ରଡ୍‌ରେ ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଦୁଇଜଣଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଯୁବକଙ୍କ ଅନ୍ତିମ ସତ୍କାର ପାଇଁ ଆସିଲେନି ଗ୍ରାମବାସୀ,ବନ୍ଧୁବାନ୍ଧବ

## ଅନ୍ୟଜାତିରେ ପ୍ରେମ ବିବାହ ମହଙ୍ଗା ପଡିଲା

ଭଞ୍ଜନଗର,୧୦।୨(ବାବୁଲା ପ୍ରଧାନ)

ପ୍ରେମ ବିବାହ କରିବା ଜଣେ ଯୁବକଙ୍କ ପରିବାର ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିବା ପରେ ତାଙ୍କ ମୃତଦେହ ସତ୍କାର ପାଇଁକାନ୍ଧ ମିଳିନି। ସେ ପ୍ରେମବିବାହ କରିଥିବାରୁ ତାଙ୍କ ମୃତଦେହ ସତ୍କାର କରିବାକୁ କେହି ଗ୍ରାମବାସୀ କି ବନ୍ଧୁବାନ୍ଧବ ସାମିଲ ହୋଇନାହାନ୍ତି।ଫଳରେ ବିପଦରବନ୍ଧୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏନେଇ ସୂଚନା ପାଇ ସମ୍ପୃକ୍ତ ଯୁବକଙ୍କ ମୃତଦେହ ସତ୍କାରକରିଛନ୍ତି। ଏପରି ଦୁଃଖଦ ଘଟଣା ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମରେଦେଖିବାକୁ ମିଳିଛି।

ଗ୍ରାମର କାହ୍ନୁ ଡାକୁଆ (୪୦) ପ୍ରେମ ବିବାହ କରିଥିଲେ। ଏଥିପାଇଁ ସେ ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ରୋଷର ଶିକାର ହୋଇଥିଲେ। କିଛି ଦିନ ହେବ କାହ୍ନୁ ଅସୁସ୍ଥ ହୋଇ ପଡିଥିଲେ। ପାଖରେ ସ୍ତ୍ରୀ ରହୁ ନ ଥିବାରୁ କାହ୍ନୁଙ୍କ ମା' ତାଙ୍କୁ ନେଇ ଭଞ୍ଜନଗର ☞ପୃଷ୍ଠା–୯




ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡ଼େ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**



# ପିଲା ଏବେ ଭାବପ୍ରବଣ

ଗୋଟିଏ ସପ୍ତାହ ଭିତରେ ଦୁଇଟି ଆତ୍ମହତ୍ୟାଜନିତ ଘଟଣା ଏବେ ଦେଶର ବିବେକକୁ ଦୋହଲାଇ ଦେଇଛି। ୪ ଫେବୃଆରୀରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ବହୁତଳ ପ୍ରାସାଦର ୯ମ ମହଲାରୁ ୩ ଭଉଣୀ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ୧୨, ୧୪ ଓ ୧୬ ବର୍ଷ ବୟସର ଏହି ତିନି ଭଉଣୀ ସ୍ମାର୍ଟଫୋନ୍‌ରେ ଗେମ୍ ଖେଳୁଥିଲେ। ସେମାନଙ୍କ ଆସକ୍ତି ଏତେ ମାତ୍ରାରେ ବଢ଼ିଯାଇଥିଲା ଯେ, ଅଭିଭାବକ ତାହାକୁ ଛଡ଼ାଇ ନେଇଥିଲେ। ଏହି କ୍ରୋଧରେ ୩ ଭଉଣୀ ଆତ୍ମହତ୍ୟା କରିଥିବା କୁହାଯାଉଛି। ଦ୍ୱିତୀୟ ଦୁଃଖଦ ଖବରଟି ବିହାରର ଔରଙ୍ଗାବାଦରେ ଘଟିଛି। ପୁଅମାନଙ୍କ ସହ ମିଳାମିଶା କରୁଥିବାରୁ ନାବାଳିକାଙ୍କୁ ସେମାନଙ୍କ ମା'ବାପା ଗାଳି କରିବାରୁ ୫ ନାବାଳିକା ଏକାଠି ବିଷ ପିଇ ଦେଇଥିଲେ। ପରିଣତି ୪ ଜଣଙ୍କ ଜୀବନ ନେବାରେ ଶେଷ ହୋଇଥିବା ବେଳେ ଜଣେ ବଞ୍ଚିଯାଇଛନ୍ତି। ୨୯ ଜାନୁଆରୀରେ ଏହି ଘଟଣା ଘଟିଥିଲେ ମଧ୍ୟ ୯ ଫେବୃଆରୀରେ ତାହା ଲୋକଲୋଚନକୁ ଆସିଛି। ଜୀବିତ ନାବାଳିକା ସବୁ କଥା ବଖାଣିଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ, ଆତ୍ମହତ୍ୟା କରିଥିବା ନାବାଳିକାଙ୍କ ବୟସ ୧୦ରୁ ୧୪ ବର୍ଷ ମଧ୍ୟରେ।

ପ୍ରଥମ ଘଟଣାର ପୁନରାବୃତ୍ତି ଓଡ଼ିଶା ସମେତ ଦେଶର ବିଭିନ୍ନ ଭାଗରେ ବାରମ୍ବାର ଘଟୁଛି। ଗଣମାଧ୍ୟମ ଆଢୁଆଳରେ ରହିଯାଉଥିବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚପିଯାଉଛି। ଏହି ବିଷୟ ପ୍ରଘଟ ହେବା ପରେ ମାତାପିତା, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଚିନ୍ତାରେ ପଡ଼ିଯିବା ସ୍ୱାଭାବିକ। ଘରେ କେଉଁଭଳି ସଂସ୍କାରର ଅଭାବ ଓ ସ୍କୁଲରେ କେଉଁ ଧରଣ ଶିକ୍ଷାରୁ ବଞ୍ଚିତ ହେଲେ ଏଭଳି ଘଟଣା ଘଟିପାରେ, ଭାବିଲା ବେଳକୁ ଅନେକଙ୍କ ମୁଣ୍ଡ ଝାଇଁଝାଇଁ ହେଉଥିବ। ସ୍ମାର୍ଟଫୋନ୍‌ର ପ୍ରାବଲ୍ୟ ପିଲାଙ୍କ ପାଇଁ କୋଭିଡ୍ ସମୟରୁ ବଢ଼ିଯାଇଛି। ସ୍କୁଲ ବନ୍ଦ ହୋଇଯିବା ପରେ ଅନ୍‌ଲାଇନ୍ କ୍ଲାସ ହୋଇଥିଲା ଶିକ୍ଷା ପ୍ରଦାନର ବିକଳ୍ପ ଧାରା। କିନ୍ତୁ ତାହା ଆସକ୍ତି ପାଲଟିଯିବାରୁ ବିଡ଼ମ୍ବନା ଆରମ୍ଭ ହେଲା। ସ୍ମାର୍ଟଫୋନ୍ ପଢ଼ା ପାଇଁ ବିଶେଷ ଉପଯୋଗୀ। କିନ୍ତୁ ପଢ଼ା ବ୍ୟତିରେକେ ତାହାକୁ ଅପବ୍ୟବହାର କରାଗଲେ ଫଳ ମୃତ୍ୟୁକୁ ଡାକିଆଣୁଛି। ସମ୍ଭବତଃ ଭୟଙ୍କର ସ୍ଥିତିକୁ ଉପଲବ୍ଧି କରିବା ପରେ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ଏକ ଆଇନ ଆଣି ୧୬ ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିଛି। ତାହା ଦେଖାଦେଖି କେତେକ ୟୁରୋପୀୟ ରାଷ୍ଟ୍ର ମଧ୍ୟ ସମାନ ଆଇନ ଆଣିବା ଲାଗି ଚିନ୍ତା କଲେଣି। ଭାରତ ଏ ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ଗୋଟେ ଚାପ ସୃଷ୍ଟି ହେଲାଣି। ସୂଚନା ବା ଶିକ୍ଷା ପାଇବା ପାଇଁ ସର୍ଚ୍ଚ ଇଞ୍ଜିନ୍‌ଗୁଡ଼ିକ ସକ୍ରିୟ ଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ କଣ୍ଟେଣ୍ଟ୍ ଏବଂ ପିଲାଙ୍କୁ ଆକୃଷ୍ଟ କଲା ଭଳି ଗେମ୍ ହାଉଯାଉ ହେଉଥିବାରୁ ପିଲେ ବାୟା। ପିଲାମାନଙ୍କ ମନ ସର୍ବଦା ଚଞ୍ଚଳ। ଏମିତି ବି ମଣିଷର ଚରିତ୍ର ନକାରାତ୍ମକତାକୁ ଶୀଘ୍ର ଗ୍ରହଣ କରି ନେଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ଲୋଭାତୁର ବିଷୟ ଆଖିରେ ପଡ଼ିଗଲେ ସେଥିରୁ ଦୃଷ୍ଟି ହଟାଇବା କଷ୍ଟକର। ସମ୍ଭ୍ରମ ହେଉ ବା ଲୋକଲଜ୍ଜାକୁ ଡରି ବୟସ୍କ ବ୍ୟକ୍ତି ନିଜେ ଜାକିଜୁକି ହୋଇପାରେ, କିନ୍ତୁ ପିଲାକୁ ତାହା କବଳିତ କରିଦେଲେ ଆସକ୍ତିରେ ଶୀଘ୍ର ଅନ୍ତ ଘଟେନି। ଏଇଠି କୁହାଯାଇପାରେ ଯେ, ପିଲା ଏକୁଟିଆ ରହିଲେ କିମ୍ବା ତା' ପ୍ରତି ମାତାପିତାଙ୍କ ଆବେଗିକ ସମ୍ପର୍କ ଊଣା ହେଲେ କିମ୍ବା ଦୁର୍ବଳ ପାରିବାରିକ ସମ୍ପର୍କ ସେମାନଙ୍କୁ ସ୍ମାର୍ଟଫୋନ୍‌ସର୍ବସ୍ୱ କରିଦିଏ। ଏଥିପାଇଁ ମାତାପିତା ଓ ବୟସ୍କମାନେ ବେଶି ଦାୟୀ। ପିଲାମାନଙ୍କୁ ଶାରୀରିକ ଖେଳକୁଦରେ ନ ମିଶାଇଲେ, ଭ୍ରମଣପ୍ରିୟ କରିବାର ଅବସର ସୃଷ୍ଟି ନ କଲେ ଏବଂ ସର୍ବୋପରେ ପାରିବାରିକ ହସଖୁସି ପାଇଁ ସମୟ ନ ଦେଲେ ସେମାନେ ବିଗିଡ଼ିଯିବା ଥୟ। ଗାଜିଆବାଦ ଘଟଣାରେ ସ୍ଥିତି କ'ଣ ଥିଲା ତାହା ଦୂରରୁ କହିବା ସମ୍ଭବ ନୁହେଁ। କିନ୍ତୁ ସ୍ମାର୍ଟଫୋନ୍ ବ୍ୟବହାର କରିବା ସଂକ୍ରାନ୍ତରେ ମାତାପିତା କେଉଁଭଳି ପରାମର୍ଶ ଦେଇ ସେମାନଙ୍କୁ ନିୟନ୍ତ୍ରଣ ଭିତରେ ରଖିଥିଲେ ଭଲ ହୋଇଥାଆନ୍ତା, ତାହା ମନସ୍ତାତ୍ତ୍ୱିକ ପ୍ରଶ୍ନର ଉତ୍ତର ଅପେକ୍ଷା କରେ। ଖୁବ୍ କମ୍ ବୟସର ୩ ଭଉଣୀ ଜଣକ ପରେ ଜଣେ ୯ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି କି ଅନ୍ୟ କୌଣସି ଆପରାଧିକ ଘଟଣା ଘଟିଛି, ତାହା ତଦନ୍ତସାପେକ୍ଷ। ଯଦି ସ୍ମାର୍ଟଫୋନ୍ ଆସକ୍ତି ଯୋଗୁ ସେଥିରୁ ନିବୃତ୍ତ ରହିବା ପାଇଁ ପାରିବାରିକ ଚାପ ପଡ଼ିଥାଏ, ତେବେ ସମଗ୍ର ବୟସ୍କ ବର୍ଗଙ୍କ ପାଇଁ ଏହା ଏକ ସତର୍କଘଣ୍ଟି ବୋଲି କୁହାଯାଇପାରେ।

ପ୍ରଥମ ଘଟଣା ସହ ଦ୍ୱିତୀୟ ଘଟଣାର ସାମଞ୍ଜସ୍ୟ ପିଲାମାନଙ୍କ ବୟସକୁ ନେଇ ହୋଇପାରେ। କିନ୍ତୁ ସ୍ଥିତି ଭିନ୍ନ। ୧୦ରୁ ୧୪ ବର୍ଷ ବୟସର ନାବାଳିକାମାନେ ପୁଅମାନଙ୍କ ସହ ଏମିତି କିଭଳି ମିଳାମିଶା କରୁଥିଲେ ଯେ, ସାମାନ୍ୟ ମା'ବାପାଙ୍କ ଗାଳି ସେମାନଙ୍କୁ ମରିବାକୁ ବାଧ୍ୟ କଲା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ପିଲାମାନେ ଅବାଟରେ ଗଲେ ମାତାପିତା ଓ ଅଭିଭାବକ ଆକଟ କରିଥାଆନ୍ତି। ପିଲାଙ୍କୁ ନିୟନ୍ତ୍ରଣରେ ରଖିବା ମଧ୍ୟ ବଡ଼ଙ୍କ କର୍ତ୍ତବ୍ୟ। ସ୍ୱଳ୍ପ ବୟସରେ ସେମାନେ ପ୍ରିଭେସି ବିଷୟରେ ଯଦି ସଚେତନ ହୋଇଥିବେ, ତେବେ ସେମାନଙ୍କ ବିଚାରଶୀଳତାକୁ ମଧ୍ୟ ପରଖିବା ଦରକାର। ଯଦି ସେମାନେ ମାତାପିତାଙ୍କ ଗାଳିରେ ଭୟଭୀତ ହୋଇଯାଇଥିବେ, ତାହା ହେଲେ ଚରମ ପଦକ୍ଷେପ ନେବାକୁ ମନସ୍ଥ କରିଥାଇପାରନ୍ତି। ଏଥିରୁ ବୁଝାପଡୁଛି ଯେ, ଏବେକାର ପିଲାମାନେ ଅତ୍ୟଧିକମାତ୍ରାରେ ଭାବପ୍ରବଣ ହୋଇପଡୁଛନ୍ତି। ଏଥିପାଇଁକି ସାମାଜିକ ଚାପ ଓ ବିଶେଷକରି ସାମାଜିକ ଗଣମାଧ୍ୟମର ଭୂମିକା ରହୁଛି। ଏହାର ଏକମାତ୍ର ଔଷଧ ହୋଇପାରେ ପିଲାଙ୍କ ସହିତ ଅଭିଭାବକମାନେ ଅଧିକ ସମୟ ବିତାଇବା ଏବଂ ସେମାନଙ୍କ କଥା ଶୁଣି ତାଙ୍କ ମାନସିକତାକୁ ଠଉରାଇବା । ଏହାବ୍ୟତୀତ, ବୋଧହୁଏ, ଅନ୍ୟ କୌଣସି ସମାଧାନ ନ ଥାଇପାରେ।

**ଏବେକାର ପିଲାମାନେ ଅତ୍ୟଧିକମାତ୍ରାରେ ଭାବପ୍ରବଣ ହୋଇପଡୁଛନ୍ତି। ଏଥିପାଇଁକି ସାମାଜିକ ଚାପ ଓ ବିଶେଷକରି ସାମାଜିକ ଗଣମାଧ୍ୟମର ଭୂମିକା ରହୁଛି। ଏହାର ଏକମାତ୍ର ଔଷଧ ହୋଇପାରେ ପିଲାଙ୍କ ସହିତ ଅଭିଭାବକମାନେ ଅଧିକ ସମୟ ବିତାଇବା ଏବଂ ସେମାନଙ୍କ କଥା ଶୁଣି ତାଙ୍କ ମାନସିକତାକୁ ଠଉରାଇବା । ଏହାବ୍ୟତୀତ, ବୋଧହୁଏ, ଅନ୍ୟ କୌଣସି ସମାଧାନ ନ ଥାଇପାରେ।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 2 | 8 | | |
| 2 | 1 | 8 | | | 9 | | | |
| 7 | | 4 | | | 3 | | 2 | 6 |
| | 7 | | | 2 | | 5 | | |
| 5 | | | 6 | | | | | |
| 1 | | 2 | 8 | 9 | | | | |
| | | | 9 | | | | | |
| 8 | 3 | | | | 1 | 9 | | 7 |
| 9 | 5 | 1 | 4 | 7 | | 2 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 9 | 4 | 5 | 2 | 3 | 7 |
| 3 | 7 | 9 | 2 | 6 | 8 | 5 | 4 | 1 |
| 5 | 4 | 2 | 1 | 3 | 7 | 8 | 6 | 9 |
| 2 | 5 | 6 | 8 | 7 | 4 | 1 | 9 | 3 |
| 7 | 8 | 4 | 3 | 1 | 9 | 6 | 5 | 2 |
| 9 | 3 | 1 | 6 | 5 | 2 | 7 | 8 | 4 |
| 4 | 1 | 5 | 7 | 8 | 3 | 9 | 2 | 6 |
| 6 | 2 | 3 | 5 | 9 | 1 | 4 | 7 | 8 |
| 8 | 9 | 7 | 4 | 2 | 6 | 3 | 1 | 5 |

ଗତକାଲିର ଉତ୍ତର

# ସମ୍ବଳ ପାଇଁ ଅଧିକ ଋଣ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁ ବା ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି, ପ୍ରତ୍ୟେକ ବର୍ଷ ଆପେଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧିପାଇବ। ନାମାଙ୍କନ ଜିଡିପି ମଧ୍ୟ ବୃଦ୍ଧି ପାଇବ। କେବଳ କରୋନା ପରି ଦୁଃସମୟ ବା ବିଶ୍ୱ ଆର୍ଥିକ ସଙ୍କଟ ଭଳି ବିଭିନ୍ନ ଖରାପ ପରିସ୍ଥିତିକୁ ଛାଡ଼ିଦେଲେ ଏସବୁ ସର୍ବଦା ବୃଦ୍ଧି ପାଇଥାଏ। ମୁଦ୍ରାସ୍ଫୀତି ମଧ୍ୟ ସମ୍ପୂର୍ଣ୍ଣ ମୂଲ୍ୟକୁ ବୃଦ୍ଧିକରେ। ଏଣୁ ବଜେଟକୁ ସମୀକ୍ଷା କଲାବେଳେ ନାମାଙ୍କନ ଜିଡିପି ଅନୁସାରେ ବିଭିନ୍ନ ବ୍ୟୟ, ବିତ୍ତୀୟ ସୂଚକାଙ୍କ ମୂଲ୍ୟକୁ ବିଚାରକୁ ନିଆଯାଇଥାଏ।

୨୦୨୫-୨୬ ବର୍ଷ ପାଇଁ ନାମାଙ୍କନ ଜିଡିପି ୧୦.୧% ଏବଂ ପ୍ରାୟସ ଦ୍ୱାରା ଆକଳିତ ମୁଦ୍ରାସ୍ଫୀତିକୁ (୨.୩ ରୁ ୩.୮%) ବିଚାରକୁ ବାସ୍ତବ ଜିଡିପି ୬.୩ରୁ ୬.୮ % ହେବ ବୋଲି ଆକଳନ କରାଯାଇ ବଜେଟ ଉପସ୍ଥାପନ କରାଯାଇଥିଲା। ତଥାପି ବାସ୍ତବ ଜିଡିପି ଅଭିବୃଦ୍ଧି ବର୍ତ୍ତମାନ ୭.୪% ହେବ ବୋଲି ଆକଳନ କରାଯାଇଥିବା ବେଳେ ନାମାଙ୍କନ ଜିଡିପି ଅଭିବୃଦ୍ଧି ୮% କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି, ଯାହା ଆର୍ଥିକ ଗଣିତକୁ ବିଚଳିତ କରୁଛି। ବିଶେଷକରି ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ନିର୍ଭରଶୀଳତା ଯୋଗୁ ଜିଡିପି ଆକଳନରେ ତ୍ରୁଟି ରହୁଛି ଏବଂ ମୁଦ୍ରାସ୍ଫୀତିର ପ୍ରଭାବ ଠିକ୍ ଭାବେ ମୂଲ୍ୟାୟନ ହୋଇପାରୁନାହିଁ। ଏହି ୨୦୨୬-୨୭ ବଜେଟରେ ନାମାଙ୍କନ ଜିଡିପି ୧୦% ଏବଂ ପ୍ରାୟସ ଦ୍ୱାରା ଆକଳିତ ମୁଦ୍ରାସ୍ଫୀତିକୁ (୨.୮ ରୁ ୩.୨%) ବିଚାରକୁ ନେଇ ବାସ୍ତବ ଜିଡିପି ୬.୮ ରୁ ୭.୨% ହେବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ମୋଟ ବ୍ୟୟବରାଦ ୫୦,୬୫,୩୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୬-୨୭ରେ ୫୩,୪୭,୩୧୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ମାତ୍ର ୫.୫% ବୃଦ୍ଧି। ଗତବର୍ଷର ସଂଶୋଧିତ ଅଟକଳ ଉପରେ ମାତ୍ର ୭.୭୦% ବୃଦ୍ଧି। ଏହାର ଅର୍ଥ ବଜେଟର ଆକାର ବୃଦ୍ଧି ଧାର୍ଯ୍ୟ ନାମାଙ୍କନ ଜିଡିପି ବୃଦ୍ଧି ହାର ୧୦%ଠାରୁ କମ୍। ଏହାର ଅର୍ଥ ବଜେଟ ଏକ ସଙ୍କୁଚିତ ବଜେଟ। ଚିନ୍ତାଜନକ ବିଷୟ ହେଉଛି ୨୦୨୫-୨୬ ବଜେଟର ସଂଶୋଧିତ ଆକଳନରେ ମୋଟ ବ୍ୟୟବରାଦ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୪୯,୬୪,୮୪୨ କୋଟି ଟଙ୍କା ହୋଇଛି। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ , ଗ୍ରାମୀଣ ବିକାଶ ଆଦି ଗୁରୁତ୍ୱପୂର୍ଣ୍ଣ



କ୍ଷେତ୍ରରେ ଧାର୍ଯ୍ୟ ବ୍ୟୟବରାଦ ହ୍ରାସ ପାଇଛି। ନାମାଙ୍କନ ଅଭିବୃଦ୍ଧି କମ୍ ହେବା ଏବଂ ସଂଶୋଧିତ ଆକଳନରେ ମୋଟ ବ୍ୟୟବରାଦ ହ୍ରାସ ପାଇବା କିଛି ବର୍ଷହେବ ଦେଖିବାକୁ ମିଳୁଛି, ଯାହା ଚିନ୍ତାଜନକ। ୨୦୨୪-୨୫ ରେ ସଂଶୋଧିତ ବଜେଟ ଆକଳନ ୧,୦୪,୦୨୫କୋଟି ଟଙ୍କା ହ୍ରାସ ପାଇ ନ ଥିଲା।

ଅତ୍ୟନ୍ତ ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟ ବରାଦ ବହୁତ କମ୍। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା। ୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ ୨୦୨୪-୨୫ ରେ ୧୪.୬ % କୁ ହ୍ରାସ ପାଇଥିଲା ଏବଂ ୨୦୨୫-୨୬ରେ ୧୪.୨%କୁ ହ୍ରାସ ପାଇବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୨୦୨୬-୨୭ରେ ଏହା ପୁନଶ୍ଚ ୧୩.୬%କୁ ହ୍ରାସ ପାଇବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟର ବ୍ୟୟ ମିଶି ୨୦୨୪ରେ ଜିଡିପିର୨୮.୩୮ % ହୋଇଥିଲାବେଳେ ଏହା ଫ୍ରାନ୍ସରେ ୫୭.୧୭% , ଇଟାଲୀ ୫୦.୫୬ % ,ୟୁରୋ ଏରିଆ ୪୯.୫% , ଜର୍ମାନୀ ୪୮.୪%, ସ୍ପେନ୍ ୪୫.୩୪%, ଜାପାନ ଏବଂ ଗ୍ରେଟ୍ ବ୍ରିଟେନ ୩୯.୧% , ଆମେରିକାରେ ୩୭.୯୨% ଓ ସୁଇଜରଲାଣ୍ଡ ୩୨% ରହିଛି। ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି ରିଜର୍ଭ ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ କ୍ଷେତ୍ରରୁ ପ୍ରଚୁର ଲାଭାଂଶ ଓ ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର ବାବଦରେ ପ୍ରଚୁର ସମ୍ବଳ (ଏ ବର୍ଷ ୮୦,୦୦୦ କୋଟି ଟଙ୍କା) ପ୍ରାପ୍ତ ସତ୍ତ୍ୱେ ଆଶାନୁରୂପ ଭାବେ ମୋଟ ରାଜସ୍ୱ ବୃଦ୍ଧି ପାଉନାହିଁ।

୨୦୨୫-୨୬ରେ ମୋଟ ରାଜସ୍ୱ ପ୍ରାପ୍ତି ୩୪.୨୦ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲାବେଳେ ଏହା ସଂଶୋଧିତ ଅଟକଳରେ ୩୩.୪୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ୨୦୨୨-୨୩ ପରଠାରୁ ଏହି ହ୍ରାସ ପ୍ରକ୍ରିୟା ବେଶି ଦେଖା ଦେଇଛି। ୨୦୨୬-୨୭ରେ ୩୫.୩୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହି ବୃଦ୍ଧି ଆଶାନୁରୂପ ନୁହେଁ। ବେଶି ଚିନ୍ତାର ବିଷୟ ହେଉଛି ଟିକସ ଫାଙ୍କି ରୋକିବାରେ ବିଫଳ ହେବା ଏବଂ ଧନୀ ଓ କର୍ପୋରେଟମାନଙ୍କୁ ଅଧିକ ରିହାତି ଦେବା ଯୋଗୁ ଜିଡିପି ଅନୁସାରେ ଟିକସ ଅନୁପାତ ହ୍ରାସ ପାଇଚାଲିଛି। ଏହା ୨୦୧୩-୧୪ରେ ୧୧.୫% ଥିଲାବେଳେ ୨୦୨୫-୨୬ରେ ୧୧.୪%କୁ ହ୍ରାସ ପାଇଥିଲା ଏବଂ ୨୦୨୬-୨୭ରେ ଆହୁରି ୧୧.୨% କୁ ହ୍ରାସ ପାଇବ। ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟ ର ଟିକସ ମିଶି ୧୭ ରୁ ୧୮% ହେଲା ବେଳେ ଓଇସି ଦେଶରେ ଏହା ହାରାହାରି ୩୫%। ଯେତେବେଳେ ଧନୀଙ୍କ ଉପରେ ସମ୍ପଦ କର ଓ କର୍ପୋରେଟ ଟିକସ ହାର ବୃଦ୍ଧିକରି ଅଧିକ ସମ୍ବଳ ସଂଗ୍ରହ କରି ଜନହିତକର କାର୍ଯ୍ୟରେ ବ୍ୟୟ କରିବାର ଥିଲା, ସେତେବେଳେ କର୍ପୋରେଟଙ୍କ ସ୍ୱାର୍ଥ ସାଧନ ପାଇଁ ସର୍ବନିମ୍ନ ବିକଳ୍ପ ଟିକସକୁ ୧୫% ରୁ ୧୪%କୁ ହ୍ରାସ କରିଛନ୍ତି। ଏହା ଅଯୌକ୍ତିକ ଏବଂ ନିନ୍ଦନୀୟ, ବିଶେଷକରି ଯେତେବେଳେ ଗରିବମାନେ ପରୋକ୍ଷ ଟିକସ ଦ୍ୱାରା ଅସମାନୁପାତିକ ଭାବରେ ବୋଝ ହୁଅନ୍ତି।

ଅର୍ଥମନ୍ତ୍ରୀ ଦୃଢ଼ ଭାବରେ କହିଛନ୍ତି, ଗତ ୧୨ବର୍ଷ ଧରି ଭାରତର ଅର୍ଥନୈତିକ ଗତିପଥ ସ୍ଥିରତା, ଆର୍ଥିକ ଶୃଙ୍ଖଳା, ନିରନ୍ତର ଅଭିବୃଦ୍ଧି ଏବଂ ମଧ୍ୟମ ମୁଦ୍ରାସ୍ଫୀତି ଦ୍ୱାରା ଚିହ୍ନିତ ହୋଇଛି। ବିତ୍ତୀୟ ନିଅଣ୍ଟ ଜିଡିପି ଅନୁସାରେ ୨୦୨୫-୨୬ରେ ୪.୪% ଥିଲାବେଳେ ୨୦୨୬-୨୭ରେ ୪.୩%କୁ ହ୍ରାସ ପାଇବ ଏବଂ କେନ୍ଦ୍ର ଋଣ-ଜିଡିପି ଅନୁପାତ ୫୬.୧ %ରୁ ୫୫.୬ % ହ୍ରାସ ପାଇବ। କିନ୍ତୁ ସରକାର ୨୦୨୬-୨୭ରେ ୧୬,୯୫,୭୬୮ କୋଟି ଟଙ୍କା ଋଣ କରିବେ ଯାହା ପୂର୍ବବର୍ଷ ୧୫,୫୮,୪୯୨ କୋଟି ଟଙ୍କା ତୁଳନାରେ ଅଧିକ। କେବଳ ଡେଟେଡ୍ ସିକ୍ୟୁରିଟିଜ ମାଧ୍ୟମରେ ବଜାରରୁ ୧୧.୭ ଲକ୍ଷ କୋଟି ଟଙ୍କା ଋଣ କରିବେ। କିନ୍ତୁ ଅସଲ କଥା ହେଉଛି ବହୁ ଆଗରୁ ପ୍ରଚଳିତ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା ଆଇନ (ଏଫ୍‌ଆର୍‌ବିଏମ୍)ଅନୁସାରେ ବିତ୍ତୀୟ ନିଅଣ୍ଟ ଓ କେନ୍ଦ୍ର ଋଣ ଜିଡିପି ଅନୁସାରେ ଯଥାକ୍ରମେ ୩% ଓ ୪୦% ରହିବା ଆବଶ୍ୟକ। କିନ୍ତୁ କରୋନା ମହାମାରୀ ଯୋଗୁ ୨୦୨୦-୨୧ରେ ବିତ୍ତୀୟ ନିଅଣ୍ଟ ୯.୩% ଏବଂ ଋଣ ୬୧.୫% କୁ ବୃଦ୍ଧି ପାଇଥିଲା। ସରକାର ଏ ପର୍ଯ୍ୟନ୍ତ ସେହି ସମସ୍ୟାରୁ ମୁକୁଳିପାରିନାହାନ୍ତି। ଏଥିପାଇଁ ଏକ କୋହଳ ନିୟମ କରିଛନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ଋଣ ମିଶି ଜିଡିପିର ୮୨% ପାଖାପାଖିରେ ଅଛି, ଯାହା ୬୫%ରେ ସୀମିତ ରହିବା ଉଚିତ। କିନ୍ତୁ ବେଶି ଚିନ୍ତାର ବିଷୟ ହେଉଛି ସୁଧ ବାବଦରେ ସରକାର ବଜେଟର ୨୦% ବ୍ୟୟ କରୁଛନ୍ତି। ସୁଧ ବାବଦ ଦେୟ ମୋଟ ରାଜସ୍ୱ ପ୍ରାପ୍ତିର ୨୫%ରେ ରହିବା କଥା , କିନ୍ତୁ ଗତବର୍ଷ ୩୭% ଧାର୍ଯ୍ୟ କରାଯାଇଥିଲାବେଳେ ସଂଶୋଧିତ ଅଟକଳରେ ୩୮.୧୨% କୁ ବୃଦ୍ଧି ପାଇଛି ଏବଂ ୨୦୨୫-୨୬ରେ ଏହା ୩୯.୭୩%କୁ ବୃଦ୍ଧିପାଇବ। ଗୋଟିଏ ପଟେ ଋଣ ବୃଦ୍ଧି ପାଇବା ଓ ଅନ୍ୟ ପଟେ ସୁଧ ବାବଦ ଦେୟ ବୃଦ୍ଧି ପାଇବା ଦର୍ଶାଉଛି ଯେ ଆର୍ଥିକ ସ୍ଥିତି ଭଲ ନାହିଁ ।

ମୋ: ୯୪୩୭୨୦୮୭୬୨

# ପ୍ରକୃତି ଭୋଗ୍ୟ ନୁହେଁ, ସୁରକ୍ଷାଯୋଗ୍ୟ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ବିକାଶର ଦୌଡ଼ରେ ଆମେ ପ୍ରାୟ ଭୁଲିଯାଉଛୁ ଯେ ନୀରବଥିବା ଏହି ପ୍ରକୃତି ଅସୀମ ନୁହେଁ। ଆମେ ଭାବୁଛୁ ପ୍ରକୃତିରେ ଯାହା କିଛି ନଷ୍ଟ ହେଉଛି, ସେସବୁ ଧୀରେ ଧୀରେ ପୁଣି ଥରେ ଫେରିଆସିବ। କିନ୍ତୁ ଏହି ଭାବନା ହିଁ ସବୁଠାରୁ ବଡ଼ ଭ୍ରମ। ପ୍ରକୃତି କୌଣସି ପୁନର୍ନବୀକରଣୀୟ ସାଧନ ନୁହେଁ, ଯାହାକୁ ଆମେ ବାରମ୍ବାର ଅବହେଳା କରିବା ଏବଂ ଆଶା ରଖିବା ଯେ ସେ ଆମକୁ କ୍ଷମା କରିଦେବ ! ବଣଜଙ୍ଗଲ, ଗଛଲତା କାଟି ଦେଲେ ପୁଣି ନୂତନ ଜଙ୍ଗଲ ସୃଷ୍ଟି କରାଯାଇପାରିବ, ନଦୀ ଦୂଷିତ ହେଲେ ବର୍ଷା ଦ୍ୱାରା ଶୁଦ୍ଧ ହୋଇଯିବ, ପାହାଡ଼, ଖଣି ଭାଙ୍ଗିଲେ ପ୍ରକୃତି ପ୍ରତିକ୍ରିୟାହୀନ ହେବେ ; ଏମିତି ଅନେକ ଧାରଣା ଆମକୁ ଚିନ୍ତାମୁକ୍ତ କରିଦେଇଛି। ମାତ୍ର ପ୍ରକୃତ ସତ ଯେତେବେଳେ ଆମ ଆଗକୁ ଆସିବ ଆଉ କିଛି କରିବାକୁ ନ ଥିବ ; ଯାହାର ଆରମ୍ଭ ସ୍ୱରୂପ ଆଜି ଦେଖାଯାଉଛି ଜଳବାୟୁ ପରିବର୍ତ୍ତନ, ଅତ୍ୟଧିକ ଉତ୍ତାପ, ଅନିୟମିତ ବର୍ଷା, ବନ୍ୟା, ସୁନାମି, ଭୂମିକମ୍ପ, ଭୂସ୍ଖଳନ ଆଦି ଅନେକ ବିପର୍ଯ୍ୟୟ। ଏସବୁ ପ୍ରତିକ୍ରିୟା ଦେଖାଇ ପ୍ରକୃତି ପ୍ରତିଶୋଧ ନେଉନାହିଁ, ସେ କେବଳ ଆମ କଳା କର୍ମର ଉତ୍ତର ଫେରାଉଛି ବୋଲି ବୁଝିବାର ସମୟ ଆସିଯାଇଛି।

କିଛି ଉଦାହରଣ ଦେଇ ଏହାକୁ ସ୍ପଷ୍ଟ କରାଯାଇପାରେ ; ଯେପରିକି କ୍ରମେ ହ୍ରାସ ପାଉଥିବା ଆମାଜନ୍‌ଜଙ୍ଗଲ ଯୋଗୁ ସମଗ୍ର ପୃଥିବୀର ଜଳବାୟୁରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଘଟିଛି। ଆମାଜନ୍ ଜଙ୍ଗଲକୁ 'ପୃଥିବୀର ଫୁସ୍‌ଫୁସ୍' ବୋଲି କୁହାଯାଏ, କାରଣ ଏହା ବିପୁଳ ପରିମାଣରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରେ। ଆମାଜନ୍‌ର ଘଞ୍ଚ ଯୋଗୁ ଏହା 'ରେନ୍ ଫ୍ୟାକ୍ଟ୍ରି' ଭଳି ମଧ୍ୟ କାମ କରେ। ଏହା ହ୍ରାସ ହେଲେ କାର୍ବନ ପରିମାଣ ବୃଦ୍ଧିପାଇବା ଯୋଗୁ ବାୟୁମଣ୍ଡଳର ଉଷ୍ଣତା ବଢୁଛି। ଅନିୟମିତ ବର୍ଷା ଯୋଗୁ କେତେବେଳେ ଜଳ ସଙ୍କଟ ତ କେତେବେଳେ ବନ୍ୟା ସମସ୍ୟା ଦେଖାଯାଉଛି। ଜଙ୍ଗଲରେ ବସବାସ କରୁଥିବା ପଶୁପକ୍ଷୀ, କୀଟପତଙ୍ଗ ଏବଂ ଆଦିବାସୀ ସମ୍ପ୍ରଦାୟ କ୍ଷତିଗ୍ରସ୍ତ ହେଉଛନ୍ତି। ପରିବେଶବିତ୍‌ମାନେ ସତର୍କ କରିଛନ୍ତି, ଆମାଜନ ଜଙ୍ଗଲ ଯଦି ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ନଷ୍ଟ ହୁଏ ତେବେ ତାହା ଜଙ୍ଗଲରୁ ଶୁଷ୍କ ଘାସଭୂମିରେ ପରିଣତ ହେବା ସମ୍ଭାବନା ରହିଛି, ଯାହା ପୃଥିବୀ ପାଇଁ ଭୟାବହ ପରିସ୍ଥିତି ସୃଷ୍ଟିକରିବ। ଜଳବାୟୁ ପରିବର୍ତ୍ତନ ଓ ବର୍ଷାର ଅନିୟମିତତା କୃଷିରେ ଉତ୍ପାଦନ ହ୍ରାସ କରିବ, ଖାଦ୍ୟ ଦରବୃଦ୍ଧି ଏବଂ ଦୁର୍ଭିକ୍ଷର ଆଶଙ୍କା ବୃଦ୍ଧିକରିବ।

ସେହିପରି ଓଡ଼ିଶାର ଚିଲିକା ହ୍ରଦକୁ ମଧ୍ୟ ଏକ ସଜୀବ ଉଦାହରଣ ରୂପେ ନିଆଯାଇପାରେ। କିଛି ଦଶକ ପୂର୍ବେ ଚିଲିକା ହ୍ରଦ ଥିଲା ଏକ ସମୃଦ୍ଧ ପ୍ରାକୃତିକ ପରିବେଶ। ଦେଶ ବିଦେଶର ପକ୍ଷୀ, ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜଳଜ ସମ୍ପଦରେ ଭରପୂର ଏହି ହ୍ରଦ ଓଡ଼ିଶାର ଗର୍ବ ଥିଲା। କିନ୍ତୁ ଅତ୍ୟଧିକ



ମାଛଧରା, ଅବୈଧ ଘେରିବାଡ଼, ଶିଳ୍ପଜ ଆବର୍ଜନା ଓ ପର୍ଯ୍ୟଟନର ଅନିୟନ୍ତ୍ରିତ ଚାପ ଚିଲିକାକୁ ଧୀରେ ଧୀରେ ରୋଗାକ୍ରାନ୍ତ କରିଦେଲା। ପ୍ରକୃତିକୁ ନିଜ ସ୍ୱାର୍ଥ ସାଧନ ପାଇଁ ବ୍ୟବହାର କରିବା ଫଳରେ ହ୍ରଦଜଳର ଗୁଣ ନଷ୍ଟହେଲା, ମାଛ ସଂଖ୍ୟା ହ୍ରାସ ପାଇଲା, ପକ୍ଷୀମାନେ ଦୂରେଇଗଲେ।

ଏହି ସମୟରେ ଓଡ଼ିଶାର ବୁଦ୍ଧିଜୀବୀ ଏବଂ ଶୁଭାକାଂକ୍ଷୀମାନେ ଅନୁଭବକଲେ ଯେ ଚିଲିକାକୁ ସୁରକ୍ଷାର ଆବଶ୍ୟକତା ରହିଛି। ସରକାର, ପରିବେଶବିତ୍ ଓ ସ୍ଥାନୀୟ ଲୋକଙ୍କ ସାମୂହିକ ପ୍ରୟାସରେ ଚିଲିକାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଲା। ମୁଖ୍ୟ ନଦୀ ମୁଖ ଖୋଲାଗଲା, ଅବୈଧ ଘେରିବାଡ଼ ହଟାଗଲା, ମାଛଧରାରେ ନିୟମ ଆସିଲା। ଫଳସ୍ୱରୂପ ଆଜି ଚିଲିକା ପୁନର୍ବାର ଜୀବନ୍ତ ହୋଇଉଠିଛି, ପକ୍ଷୀ ଫେରିଛନ୍ତି, ମତ୍ସ୍ୟଜୀବୀଙ୍କ ମୁହଁରେ ହସ ଫୁଟିଛି। ସମୟ ଥାଇ ଚିଲିକା ପାଇଁ ଏହି ପଦକ୍ଷେପ ଆମକୁ ଶିଖାଏ ଯେ, ପ୍ରକୃତି ସହ ସମନ୍ୱୟ ରଖିଲେ ହିଁ ମନୁଷ୍ୟର ଭବିଷ୍ୟତ ସୁରକ୍ଷିତ। ଜଙ୍ଗଲ କାଟି, ନଦୀକୁ ଦୂଷିତକରି , ପାହାଡ଼ ଭାଙ୍ଗି ଆମେ କିଛି ସମୟ ପାଇଁ ଲାଭାନ୍ୱିତ ହୋଇପାରୁ, କିନ୍ତୁ ଭବିଷ୍ୟତରେ ଏହା ଆମ ଅସ୍ତିତ୍ୱକୁ ନଷ୍ଟକରେ।

ଆମେ ଅନେକ ସମୟରେ ଯୁକ୍ତି ବାଢ଼ୁ ଏବଂ ନିଜ ମନକୁ ଏହା କହି ବୁଝାଇଦେଉ ଯେ, ଏକୁଟିଆ ଜଣେ ମଣିଷ କ'ଣ ପରିବର୍ତ୍ତନ ଆଣିପାରିବ ? ଏହି ପ୍ରଶ୍ନ ହିଁ ଅସାବଧାନତାର ସର୍ବଶ୍ରେଷ୍ଠ ନିଦର୍ଶନ। ଗୋଟିଏ ଗଛ, ଛୋଟ ଏକ ଜଳବିନ୍ଦୁ, ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ଏସବୁର ସମାହାରରେ ହିଁ ତ ଆଗାମୀ ପୃଥିବୀର ଭବିଷ୍ୟତ ଗଢ଼ିହୁଏ। ଏଣୁ ଜଣେ ଜଣେ ଚାହିଁଲେ ହିଁ ବିରାଟ ପରିବର୍ତ୍ତନ ସମ୍ଭବ ହୋଇପାରିବ। ପ୍ରକୃତି ସହ ଆମ ସମ୍ପର୍କ ମାଲିକାନାର ନୁହେଁ, ସହାବସ୍ଥାନର ହେବା ଉଚିତ। ଆମେ ଯେମିତି ଚାହିଁଲେ ସେମିତି ଏହାକୁ ବ୍ୟବହାର କରିପାରିବା ନାହିଁ! ଭୁଲ୍ ପରେ ଭୁଲ୍ କରି ପ୍ରକୃତିକୁ କ୍ଷମା ମାଗିବାର ସୌଜନ୍ୟ, ପ୍ରତାରଣା ବ୍ୟତୀତ ଆଉ କିଛି ନ ହୋଇପାରେ! ଆସନ୍ତାକାଲି ଅନୁତାପ ନ କରି ଆଜିଠାରୁ ଚିନ୍ତାଧାରାରେ ପରିବର୍ତ୍ତନ, ଆଚରଣରେ ସଂଶୋଧନ ଓ ଦାୟିତ୍ୱବୋଧ ସହ ଦୂରଦୃଷ୍ଟି ରଖିଲେ ହିଁ କିଛି ଉପକାର ମିଳିପାରିବ ବୋଲି ଆଶା କରାଯାଇପାରେ। ବୁଝିବାକୁ ହେବ ଯେ ପ୍ରକୃତିକୁ ରକ୍ଷାକରି ଆମେ କିଛି ଉପକାର କରୁନାହୁଁ, ବରଂ ଏହାର ସୁରକ୍ଷା ଆମର ଦାୟିତ୍ୱ ବୋଲି ଭାବିନେବା ଉଚିତ।

ଶେଷକଥା ହେଉଛି ପ୍ରକୃତି ପୁନର୍ନବୀକରଣୀୟ ନୁହେଁ, ଏହା ଏକ ଏଭଳି ସାଧନ ଯାହାକୁ ଠିକ୍ ଭାବରେ ବ୍ୟବହାର ନ କଲେ ଆମର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲିହୋଇଯିବ। ପ୍ରକୃତି ଅଛି, ତେଣୁ ଆମେ ଅଛୁ। ଏହା ଏକ ସଜୀବ ବ୍ୟବସ୍ଥା, ଯାହାକୁ ସମ୍ମାନ ଓ ସଂଯମ ସହ ବ୍ୟବହାର କରିବା ଆବଶ୍ୟକ। ଏହାକୁ ଅସୀମ ଭାବି ଅବହେଳାକଲେ ଆସନ୍ତା ପିଢ଼ି ପାଇଁ କେବଳ ଅଭାବ ଓ ଅନୁତାପ ଛାଡ଼ିଯିବା ହିଁ ସାର ହେବ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସ୍ୱାସ୍ଥ୍ୟସେବାରେ ଆଧୁନିକୀକରଣ ହୋଇଥିଲେ ମଧ୍ୟ ଏବେ ଭାରତର ଗ୍ରାମାଞ୍ଚଳର ବହୁ ମେଡିକାଲରେ ଲୋକଙ୍କୁ ଉନ୍ନତ ଆଇସିୟୁ ସୁବିଧା ମିଳି ପାରୁନାହିଁ। ଫଳରେ ଜଟିଳ ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ସ୍ଥଳେ ଆଇସିୟୁ ପାଇଁ ସହରରେ ଥିବା ବଡ଼ ହସ୍ପିଟାଲକୁ ଆସି ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ଗ୍ରାମାଞ୍ଚଳରେ ଟେଲି ଆଇସିୟୁ ସେବା ଯୋଗାଇ ଦେଇ ରୋଗୀଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଡା. ଦିଲୀପ ରମଣ ଏବଂ ଡା. ଧ୍ରୁବ ଯୋଶୀ । ସେମାନଙ୍କ ପଦକ୍ଷେପ ଯୋଗୁ ଏବେ ଗ୍ରାମୀଣ ହସ୍ପିଟାଲଗୁଡ଼ିକରେ ଲୋକେ ଆଇସିୟୁ ସେବା ପାଇ ପାରୁଛନ୍ତି। ଡା. ଯୋଶୀ ଓ ଡା. ରମଣ ଆମେରିକାର କ୍ଲିଭେଲାଣ୍ଡ କ୍ଲିନିକ୍‌ର କ୍ରିଟିକାଲ କେୟାରରୁ ଚାକିରି ଛାଡ଼ି ସେମାନେ ଭାରତ ଫେରି ଆସି 'ଟେଲି ଆଇସିୟୁ ପ୍ଲାଟଫର୍ମ' ଗଠନ କରିଥିଲେ। ଏବେ ସୁଦ୍ଧା ତା' ମାଧ୍ୟମରେ ୧୭ଟି ରାଜ୍ୟରେ ଅନେକ ଗ୍ରାମୀଣ ଡାକ୍ତରଖାନାରେ ଆଇସିୟୁ ବ୍ୟବସ୍ଥା କରାଯାଇ ୪୦,୦୦୦ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଗଲାଣି। ଟେଲି ଆଇସିୟୁ ପ୍ଲାଟଫର୍ମର କମାଣ୍ଡ ସେଣ୍ଟର(ଯାହାକୁ ରାଡାର କୁହାଯାଉଛି) ତା' ସହ ଅଂଶୀଦାର ହସ୍ପିଟାଲଗୁଡ଼ିକର ଆଇସିୟୁ ସହ ସଂଯୋଗ କରାଯାଇ ଏକ ପ୍ରଶିକ୍ଷଣପ୍ରାପ୍ତ ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା ସଞ୍ଚାଳନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଫେବୃଆରୀ ୧୯୭୭**

- ପୂର୍ବତନ ଲୋକ ସଭା ସଦସ୍ୟ ଶଙ୍କର ଗିରିଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ।
- ଢାକାରେ ଥିବା ଡେପୁଟି ହାଇକମିଶନର ଅରୁଣକାନ୍ତି ଦାସଙ୍କୁ ହଙ୍ଗେରୀର ଭାରତୀୟ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପ୍ରଦାନ।

## ଚିରନ୍ତନୀ

ପୁରୁଷର ମନ ଘୃଣାରେ ଭରେ
ଦେଖି ସେ ଅଖି
ଛଳନା ତିଆଗି ଦେଖାଅ ତୋର
କି ଅଛି ବାକି ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାଲ୍ୟବନ୍ତ ମହୋତ୍ସବକୁ ନେଇ ପ୍ରଶ୍ନ

ମହାଶୟ,

ମାଲକାନଗିରି ଜିଲାରେ ଆୟୋଜିତ 'ମାଲ୍ୟବନ୍ତ ମହୋତ୍ସବ' କେବଳ ଏକ ସାଂସ୍କୃତିକ ଉତ୍ସବ ନୁହେଁ, ବରଂ ସ୍ୱାଭିମାନ ଓ ବିକାଶର ଏକ ଶକ୍ତ ମାଧ୍ୟମ। ମହୋତ୍ସବ ମାଧ୍ୟମରେ ମାଲକାନଗିରିର ଲୋକନୃତ୍ୟ, ଲୋକଗୀତ, ଜନଜାତୀୟ କଳାକୃତି, ହସ୍ତଶିଳ୍ପ ଓ ପାରମ୍ପରିକ ଖାଦ୍ୟର ପ୍ରଦର୍ଶନ କରାଯାଉଛି। ବଣ୍ଡା, ଗୋଣ୍ଡ, ପରଜା, କୋୟା ପରି ଜନଜାତିଙ୍କ ସାଂସ୍କୃତିକ ଅଭିବ୍ୟକ୍ତି ମାଲ୍ୟବନ୍ତକୁ ଏକ ଅନନ୍ୟ ଆକାର ଦେଇଥାଏ। ଏହା ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରେ। ତଥାପି, ଜିଲାର ଜଣେ ଲୋକ ଭାବେ ମୋ ମନରେ କିଛି ପ୍ରଶ୍ନ ଉଠୁଛି। ମହୋତ୍ସବ କେବଳ ମଞ୍ଚୀୟ କାର୍ଯ୍ୟକ୍ରମ ଓ ଆଡମ୍ବରରେ ସୀମିତ ରହୁନାହିଁ କି? ସ୍ଥାନୀୟ କଳାକାର ଓ ଶିଳ୍ପୀମାନେ କେତେ ମାତ୍ରାରେ ଆର୍ଥିକ ଲାଭ ପାଉଛନ୍ତି ? ମହୋତ୍ସବ ପରେ ସେମାନଙ୍କ ଜୀବିକାରେ କିଛି ସ୍ଥାୟୀ ପରିବର୍ତ୍ତନ ଆସୁଛି କି ? ଆବଶ୍ୟକ ହେଉଛି ମାଲ୍ୟବନ୍ତ ମହୋତ୍ସବକୁ ଦୀର୍ଘମିଆଦୀ ବିକାଶ ରୂପରେ ଯୋଡ଼ିବା। ସ୍ଥାନୀୟ ଉତ୍ପାଦ ପାଇଁ ବଜାର ସୃଷ୍ଟି, ପର୍ଯ୍ୟଟନ ଢାଞ୍ଚାର ଉନ୍ନତି, ଯୁବପିଢ଼ିଙ୍କୁ କଳା-ସଂସ୍କୃତି ସହ ଯୋଡ଼ିବା ଦିଗରେ ଗୁରୁତ୍ୱ ଦିଆଗଲେ ମହୋତ୍ସବର ମୂଲ୍ୟ ଆଉ ବଢ଼ିପାରିବ। ମାଲ୍ୟବନ୍ତ ମହୋତ୍ସବ ମାଲକାନଗିରି ପାଇଁ ଏକ ସୁଯୋଗ, ନିଜକୁ ରାଜ୍ୟ ଓ ଦେଶ ମାନଚିତ୍ରରେ ଆଉ ଭଲଭାବେ ପରିଚିତ କରାଇବାର। ଆବଶ୍ୟକ କେବଳ ଦୃଢ଼ ଦୃଷ୍ଟିକୋଣ, ସ୍ଥାନୀୟ ଲୋକଙ୍କ ସହଭାଗିତା ଓ ଆଡମ୍ବର ଠାରୁ ଅଧିକ ଅର୍ଥପୂର୍ଣ୍ଣ ଯୋଜନା।

**-ସୁରଜ କୁମାର ବେହେରା, ଏମ୍‌ଭି ୭୯, ମାଲକାନଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତାରକେଶ୍ୱର ପୀଠରେ ପ୍ରତିଭା ସମ୍ମାନ ସମାରୋହ

**ଖଇରା,୧୦।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତର ଶିରିପୁର-ବାସିନ୍ଦିପୁରଠାରେ ବାବା ତାରକେଶ୍ୱର ୨୫ତମ ଯଜ୍ଞ ମହୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପଣ୍ଡିତ ବ୍ରଜକିଶୋର ଶତପଥୀ, ମଦନମୋହନ ପଣ୍ଡା, ରବିନାରାୟଣ ଶତପଥୀ, ଚକ୍ରଧର ଶତପଥୀ ଓ ପୁରୀର ତପନ ପଣ୍ଡାଙ୍କ ଦ୍ୱାରା ଗଣପତି ଯଜ୍ଞ ଆୟୋଜନ କରାଯାଇଥିଲା । ପରେ ସନ୍ଧ୍ୟାରେ ମହୋତ୍ସବ ତଥା ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ପ୍ରସାଦ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗଗନଧୂଳି ସେବା ସମବାୟ ସମିତି ସଭାପତି ହରେକୃଷ୍ଣ ଶତପଥି ଓ ସମ୍ପାଦକ ଗଗନ ଜେନା, ଗୋବିନ୍ଦପୁର ସମିତି ସମ୍ପାଦକ ବାବୁଲି ଖଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଧାରାବାହିକ ଅଭିନେତା ଭାରତ ନାରଙ୍ଗ, ଅଭିନେତ୍ରୀ ଆନନ୍ଦିତା ସାହୁ, ତାପସ ଜେନା, ଅରବିନ୍ଦ ଜୟକୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ଶଶିକାନ୍ତ ବେହେରା, ସମ୍ପାଦକ ମୁକ୍ତିକାନ୍ତ ପାଢୀ, ଉପେନ୍ଦ୍ର ବେହେରା, ଦୀପ୍ତିକାନ୍ତ ପାଢୀ, କାଟିଆ ବେହେରା, ଅକ୍ଷୟ ବେହେରା, କୈଳାଶ ବେହେରା, କ୍ଷେତ୍ରବାସୀ ରାଉତ ଓ ଭାସ୍କର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗୁରୁତର

**ନୀଳଗିରି,୧୦।୨(ପ୍ରଶାନ୍ତ ବିଶ୍ୱାଳ)**

ଫୁଟବଲ ଖେଳରେ ପରସ୍ପର ଫାଉଲ ମରାକୁ କେନ୍ଦ୍ରକରି ଜଣେ ଛାତ୍ରଙ୍କୁ ସହପାଠୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଏଥିରେ ନବମଶ୍ରେଣୀ ଛାତ୍ର ଅଭିରାମ ଦାସ ଗୁରୁତର ହୋଇ ବାଲେଶ୍ୱର ଫକୀରମୋହନ ମେଡିକାଲ୍ କଲେଜରେ ଭର୍ତ୍ତି ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ସନ୍ତରାଗଡିଆ ହାଇସ୍କୁଲରେ। ଗତ ଶୁକ୍ରବାର ହାଇସ୍କୁଲ ପରିସରରେ ନବମଶ୍ରେଣୀର ଏ' ସେକ୍ସନ ଓ ବି' ସେକ୍ସନ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳସମୟରେ ଛାତ୍ରଛାତ୍ରଙ୍କ ମଧ୍ୟରେ ଫାଉଲ ହୋଇଥିଲା। ଉକ୍ତ ଫାଉଲ୍ ପାଇଁ ବାରୁଦଖାନା ଗାଁର ଅଭିରାମ ଦାସଙ୍କୁ ବି' ସେକ୍ସନର ୪ରୁ ୫ଜଣ ଛାତ୍ର ମିଶି ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ ସନ୍ତରାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଆକ୍ରମଣ ସମୟରେ ଖେଳପଡିଆରେ କାମ କରୁଥିବା ଶ୍ରମିକମାନେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅଭିଭାବକଙ୍କୁ ଜଣାଇବା ପରେ ଘଟଣା ପ୍ରଘଟ ହୋଇଥିଲା। ସେପଟେ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହେଉଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଫୋନ କରିବାରୁ ସେ ଫୋନ ଉଠାଇ ନ ଥିଲେ।

# ୧୨୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୧୦।୨(ବାଞ୍ଛାନିଧି ଦେ): ବାଲେଶ୍ୱର ଅବକାରୀ ଷ୍ଟେଶନ-୨ ପକ୍ଷରୁ ମଙ୍ଗଳବାର ୧୬ନଂ. ଜାତୀୟ ରାଜପଥର ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ ଛକ ନିକଟରେ ଚଢ଼ାଉ କରାଯାଇଛି। ଏକ ସ୍କୁଟି ସହ ୧୨୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଅଭିଯୁକ୍ତ ସେରଗଡ ଅଞ୍ଚଳର କୈଳାସ ମୁଖୀ(୪୦)ଙ୍କୁ ଗିରଫ କରାଯାଇଛି। ବିଭାଗ ପକ୍ଷରୁ ଏକ ମାମଲା (ନଂ. ୨୭୩/୨୫-୨୬) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା। ଅଭିଯୁକ୍ତ ସ୍କୁଟି ଯୋଗେ ଅରଡବଜାରରୁ ବ୍ରାଉନ୍‌ସୁଗାର ନେଇ ସେରଗଡ ଅଭିମୁଖେ ଯାଉଥିଲେ।

# ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

**ବାଲେଶ୍ୱର,୧୦।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ସହର ଉପକଣ୍ଠରେ ଥିବା ପଦ୍ମାବତୀ ଆମିଜ୍ୟୁମେଣ୍ଟ ପାର୍କରେ ମଙ୍ଗଳବାର ୨ ଦିବସୀୟ ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲାପାଳ ସୁଧାକର ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଉନ୍ନୟନ ଅଧିକାରୀ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ ଓ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଜେନା ଯୋଗଦେଇ ପିଏମ୍‌ଶ୍ରୀ ବିଦ୍ୟାଳୟର ଲକ୍ଷ୍ୟ, ଦୃଷ୍ଟିକୋଣ ଓ ଶିକ୍ଷାରେ ତାହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୧୮ଟି ପିଏମ୍‌ଶ୍ରୀ ବିଦ୍ୟାଳୟରୁ ୧ହଜାରୁ ଅଧିକ ଛାତ୍ରୀଛାତ୍ର ଓ ୧୫୦ରୁ ଅଧିକ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ବିଭାଗ ଭିତ୍ତିକ ଆକର୍ଷଣୀୟ ଷ୍ଟଲ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାଶ ଧନ୍ୟବାଦ ଦେଇଥିଲେ।



ମଞ୍ଚରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହିତ ଅତିଥିଗଣ।

# ଆବଶ୍ୟକତା ଅନୁସାରେ ବ୍ୟବହାର କରିବାକୁ ପରାମର୍ଶ

## ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ

ବାଲେଶ୍ୱର, ୧୦।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ଅନଲାଇନ୍ ସୁରକ୍ଷା, ଗୋପନୀୟତା ଓ ସାଇବର ବିପଦ ବାବଦରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସାରା ଭାରତରେ ଫେବୃଆରୀ ଦ୍ୱିତୀୟ ମଙ୍ଗଳବାର ଇଣ୍ଟରନେଟ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସରକାରୀ ଜିଲା ଶିଳ୍ପ ତାଲିମ କେନ୍ଦ୍ରଠାରେ ମଙ୍ଗଳବାର ଏନଆଇସି ପକ୍ଷରୁ ଏକ ସଚେତନତାମୂଳକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଡିଆଇଓ ଏନଆଇସି ରାଜେନ୍ଦ୍ର ପ୍ରସାଦ ହେମ୍ବ୍ରମ, ସରକାରୀ ଜିଲା ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ମହେନ୍ଦ୍ର କୁମାର ବେହେରା, ଏଚ୍ଆରଏମ୍ଏସର କୋର୍ଡିନେଟର ଅପୂର୍ବ ରାୟ, ଏନଆଇସି ଇଞ୍ଜିନିୟର ପ୍ରଭାସ କୁମାର ମହାନ୍ତି ଓ ଶଶୀଶେଖର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏଆଇ ଯୁଗରେ ମାତ୍ରାଧିକ ଯନ୍ତ୍ରପାତି ବ୍ୟବହାର ନ କରି ଆବଶ୍ୟକତା ଅନୁଯାୟୀ ଇଣ୍ଟରନେଟ, ମୋବାଇଲ, କମ୍ପ୍ୟୁଟର ଆଦିକୁ ବ୍ୟବହାର କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିସହିତ ମୋବାଇଲ, ସୋସିଆଲ ମିଡ଼ିଆ, ଅନଲାଇନ ସପିଂ, ଡ଼ିଜିଟାଲ ଠକାମୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଡିଆଇଓ ଏନଆଇସି ହେମ୍ବ୍ରମ ସୁରକ୍ଷିତ ଇଣ୍ଟରନେଟର ବ୍ୟବହାର, ବିଭିନ୍ନ ଅନଲାଇନ ଠକାମି, ସାଇବର ଠକାମିର ହେଲ୍‌ପଲାଇନ ଆଦି ବିଷୟରେ ପିପିଟି ମାଧ୍ୟମରେ ପ୍ରଦର୍ଶିତ କରି ସରକାରୀ ଡାଟାବେସରେ ସୁରକ୍ଷିତ ପରିଚାଳନା, ନାଗରିକ ସୂଚନାର ସୁରକ୍ଷା, ଇମେଲ ସୁରକ୍ଷା ପ୍ରୋଟୋକଲ ଏବଂ ଅନଧିକୃତ ଡାଟା ପ୍ରବେଶକୁ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଅଧିକାରୀମାନଙ୍କୁ ସମ୍ଭାବ୍ୟ ସୁରକ୍ଷା ଉଲ୍ଲଙ୍ଘନ ଚିହ୍ନଟ କରିବା ଏବଂ ରିପୋର୍ଟିଂ ଲାଗି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା ଅନୁସରଣ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା।

# ଆଧ୍ୟାତ୍ମିକ ପରିବେଶ ସମସ୍ତ ସମସ୍ୟାର ସମାଧାନ

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚତୁର୍ବିଂଶତମ ବାର୍ଷିକ ଉତ୍ସବ



ଅତିଥିମାନଙ୍କ ଗହଣରେ ସମ୍ମାନିତ ପ୍ରତିଯୋଗୀଗଣ।

**ସିମୁଳିଆ,୧୦।୨(ସନ୍ତୋଷ ନାୟକ)**

ମାର୍କୋଣା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ଶିକ୍ଷାକେନ୍ଦ୍ରର ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ପଣ୍ଡା ଯୋଗଦେଇ ଅଭିଭାବକମାନେ ଶୃଙ୍ଖଳା ରଜ୍ଜୁରେ ପିଲାମାନଙ୍କୁ ବାନ୍ଧି ରଖିବା ଉଚିତ୍ ଓ ଆଧ୍ୟାତ୍ମିକ ପରିବେଶ ସମସ୍ତ ସମସ୍ୟାର ସମାଧାନର ସୂତ୍ର ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସିମୁଳିଆ କଲେଜର ଅଧ୍ୟାପକ କମଳବରଣ ଲେଙ୍କା, ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ମହାପାତ୍ର, ଗଜେନ୍ଦ୍ର ସେଠୀ, ଜିଲାପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରାଇକୁଳା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗୌତମ ବେହେରା ଅତିଥି ପରିଚୟ, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଆଚାର୍ଯ୍ୟ ବସନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ, ପ୍ରଧାନ ଆଚାର୍ଯ୍ୟ ଗୌରାଙ୍ଗ ଚନ୍ଦ୍ର ବେହେରା ଉତ୍ସବର ଆଭିମୁଖ୍ୟ ଓ ସମ୍ପାଦକ ମହେନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୁନି କୁନି ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ଓ କ୍ରୀଡାରେ କୃତି ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଚେନ୍ନାଇ (ତାମିଲନାଡୁ)ର ଏକ ଚିକେନ୍ ଦୋକାନ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
ଯୋଗାଯୋଗ
86800 00062

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ - ଭୁବନେଶ୍ୱର। 9692566745 କୁ ବାୟୋଡାଟା ପଠାନ୍ତୁ।

See Career Appointment on every Wednesday & Saturday

**REQUIRED**
Required 2 Nos. of MARKETING (FEMALE) for a Educational Institute at Unit - 8, Bhubaneswar.
Cont.: 7609065707 (M)
email: msujata82@gmail.com

**WALK-IN-INTERVIEW**
Date: 18th & 19th Feb. 2026 | Time Starts from 11 A.M.
1.GNM: B.Sc. Nursing
2.Lab. Technician: DMLT/B.Sc. MLT
SUN HOSPITAL PVT. LTD.
Jubuli Town, Kantanali Bypass, Dhenkanal
Contact: 8249206554 | 7978091292 | 7735098892


**ODISHA COAL AND POWER LTD.**
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

**NOTICE INVITING TENDER**

NIT No.: OCPL/SER-224/2026 Dt.: 11.02.2026

Sealed bids in prescribed format are invited from theTravel Agencies / Tour Operators for the following work:

| Sl. No. | Name of the Work | Cost of Tender Paper | Issue of Tender Document | Start date of Download and Submission of Tender document | Last Date of Submission/ Opening of Bid |
|---|---|---|---|---|---|
| 1 | Hiring of Light Commercial Vehicles for the Site Office of Odisha Coal and Power Limited at Sarbahal, Sundargarh, Odisha | NIL | 11.02.2026 | 11.02.2026 | 03.00 P.M./03.30 P.M. on 24.02.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Chief Operating Officer**

CENTRE FOR DISTANCE AND ONLINE EDUCATION UNDER
**FAKIR MOHAN UNIVERSITY**
VYASA VIHAR, BALASORE

**CORRIGENDUM**

**Advertisement No. Estt.(T)-II-52/2026/1414 Dated: 10.2.26**
**Ref.: Advertisement No. Estt. (T)-II-52/2026/1368, Dated: 09.02.2026**

This is with reference to the Advertisement bearing No. Estt. (T)-II-52/2026/1368, Dated: 09.02.2026, inviting application for the post of Director, Centre for Distance and Online Education (CDOE).

"The complete applications in the prescribed form along with photocopies of two sets of all credential must reach the office of the Registrar, Fakir Mohan University, Balasore, Odisha, India - 756089 latest by 17.02.2026".

Thus the date 13.01.2026 may be read as 17.02.2026.

The inconvenience is regretted.

All other terms and conditions remain unchanged.

**Sd./- Registrar**

**SBI**
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

**Bank of Baroda** | बैंक ऑफ़ बड़ौदा

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଭୌତିକ ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ଯାଞ୍ଚ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ମ୍ୟୁନିସିପାଲିଟି ଅଫିସ୍ ନିକଟ, ସା/ପୋ.: ଯୋଡା, କେନ୍ଦୁଝର-୭୫୮୦୩୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ପିତା: ହରିରାମ ଅଗ୍ରୱାଲ, କ୍ରାଷ୍ଣା କୁଞ୍ଜ, ଓଲ୍ଡ ମ୍ୟୁନିସିପାଲ ଅଫିସ୍ ନିକଟ, ଭିଉପଏଣ୍ଟ ହୋଟେଲ ନିକଟ, ବାଂଶପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ, ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, ୨) ଶ୍ରୀ କମଳ କୁମାର ପାତ୍ର, ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, ୩) ଶ୍ରୀ ମୁନ୍ନା ବେହେରା, ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲି, ମୌଜା: ଜଳହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଟ.୨,୭୭,୨୩,୧୭୫/- + (ଡିମାଣ୍ଡ ନୋଟିସ୍ ୨୭.୦୪.୨୦୧୨ରିଖି ଅନୁଯାୟୀ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ତା.୦୯.୦୮.୨୦୨୫ ସୁଦ୍ଧା ବକେୟା ଟ.୧୨,୬୫,୦୭,୬୫୨.୪୨ + ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ମହାନ୍ତି, ପିତା: ରାଇଚରଣ ମହାନ୍ତି, ୨) ଶ୍ରୀମତୀ ମିହିର କୁମାରୀ ମହାନ୍ତି, ୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ଶ୍ରୀମତୀ ମିହିର କୁମାରୀ ମହାନ୍ତି, ଶ୍ରୀ ଦେବବ୍ରତ ମହାନ୍ତି ଏବଂ ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୨, ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର | ଟ.୧୩,୩୨,୬୬୩/- + (ଡିମାଣ୍ଡ ନୋଟିସ୍ ୦୧.୦୧.୨୦୧୬ରିଖି ଅନୁଯାୟୀ ୦୧.୧୧.୨୦୧୫ରିଖି ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୧୨.୦୭.୨୦୨୫ ସୁଦ୍ଧା ଟ.୫୯,୦୧,୯୮୧.୮୭+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୩,୩୨,୦୦୦/- / ଟ.୨,୩୩,୨୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୩. | ଋଣଗ୍ରହୀତା: ମେସର୍ସ ସାଇ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ସମରାଇପୁର, ଏସ୍‌ବିଡି ଇଣ୍ଟରନ୍ୟାଶନାଲ୍ ସ୍କୁଲ ନିକଟ, ଭଦ୍ରକ - ୭୫୬୧୮୧, ଶ୍ରୀ ଦୁର୍ଯ୍ୟୋଧନ ଦାସ, ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମନୋରମା ଦାସ, ସ୍ୱାମୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୨୪/୪୬୯୬,ଖାତା ନଂ.: ୭୬୬/୮୪୭, ପରିମିତ ମୋଟ କ୍ଷେତ୍ର: ଏକର ୦.୨୦ ଡିସିମିଲି, ମୌଜା: ଗେଲପୁର, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ | ଟ.୨୨,୦୮,୬୮୪/- + (ଡିମାଣ୍ଡ ନୋଟିସ୍ ୦୭.୦୯.୨୦୨୫ରିଖି ଅନୁଯାୟୀ ୦୧.୦୮.୨୦୧୫ରିଖି ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୦୯.୦୨.୨୦୨୬ ସୁଦ୍ଧା ଟ.୪୪,୨୯,୬୩୦.୪୦+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୫.୦୩.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୭,୦୦,୦୦୦/- / ଟ.୭୦,୦୦୦/- / ଟ.୧୫,୦୦୦/- | ଭୌତିକ | ୧୨.୦୩.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : **https://www.bankofbaroda.bank.in/e-auction.htm** ଏବଂ **https://baanknet.com** ଦେଖନ୍ତୁ। ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ:
କ୍ର.ନଂ.: ୧ ଓ ୨ ନିମନ୍ତେ- ୨୭.୦୨.୨୦୨୬ ଏବଂ କ୍ର.ନଂ.: ୩ ନିମନ୍ତେ- ୧୫.୦୩.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୧୦.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**PUBLIC NOTICE**

SAHARA INDIA PARIWAR

It has come to our notice that Mr. Naveen Maurya has issued certain newspaper advertisements, made representations to revenue authorities, and released public statements in relation to properties situated at Berhampur, Odisha, claiming to act for and on behalf of Sahara India Pariwar.

We hereby clarify and place on record that Mr. Naveen Maurya has no authority whatsoever, whether express or implied, actual or ostensible, to represent, act for, or bind Sahara India Pariwar or any of its entities in any manner whatsoever, including but not limited to issuing any notices, making any representations, publishing any statements, or lodging any complaints for or on behalf of Sahara India Pariwar in relation to the Berhampur property or any other property of the Group.

Any publications, representations, statements or communications issued by Mr. Naveen Maurya in this regard are wholly unauthorised, do not represent the Sahara India Pariwar or its position and shall not be binding on Sahara India Pariwar in any manner whatsoever.

Members of the public, government authorities, and all concerned parties are hereby advised to disregard any such unauthorised communications, representations, or claims.

This clarification is being issued in the interest of transparency and to prevent any misunderstanding or misrepresentation.

**For Sahara India Pariwar** **Date: 10 February 2026**
**Authorised Signatory** **Place: Lucknow**

**OFFICE OF THE TAHASILDAR, BALIANTA**
e-mail: tahasilbalianta@gmail.com
Nic Mail: tah.balianta-od@nic.in

Letter No. 800 Dt.04.02.2026

**PROCLAMATION**

**Sub.:** Auction sale of property with two storyed building over Plot No. 317 of Mouza - Tiranpada arising out of Civil Execution No. 32/2015 of Family Court-II, BBSR.

No. 24001/19/2526: It is hereby proclaimed that the auction sale of the following attached scheduled land along with two storied building standing thereon as per order of the Hon'ble Family court-II, BBSR arising out of Civil Execution No. 32/2015 is required to be held on Dt.06.03.26 at 11.00 A.M. in the Office of the Tahasildar Balianta. The intending candidate who wants to participate in this auction sale has to deposit the security amount in shape of BD. as detailed below. The auction sale will be finalized in favour of the highest bidder and the highest bidder is to deposit the entire bid amount at once. The security deposit of others will be returned back soon after finalization of auction sale. Any default by the participant will lead to forfeiture of security deposit.


**LAND SCHEDULE**
Mouza - Tiranpada, Khata No. 180/6, Plot No. 317, Area - Ac.0.310
Cost of the lands and suilding = Rs.1,40,54,340.00
Security Deposit = Rs. 14,05,434.00

**OIPR-24001/24050/3/25-26/0001** **Sd./- Tahasildar, Balianta**

झारखण्ड सरकार
**उपायुक्त का कार्यालय**
**(जिला बाल संरक्षण इकाई), धनबाद**
मिश्रित भवन, Ground Floor, कमरा नम्बर - 7
दुरभाष - 7903353045
Email ID - dcps-dhanbad@jharkhandmail.gov.in

**गुमशुदा बच्चे की सूचना**

एतद् द्वारा सूचित किया जाता है कि गुमशुदा बच्ची के बारे में पता लगाना है। जिसकी विवरणी निम्नवत है–



| | |
|---|---|
| नाम– | मिरू |
| लिंग– | स्त्री0 |
| पिता का नाम– | अज्ञात |
| माता का नाम– | अज्ञात |
| उम्र– | 12 वर्ष |
| रंग– | काला |
| ऊचाई– | 52 cm |
| वजन– | 29 kg |

बालिका मिरू, माता–पिता– अज्ञात, उम्र–12 वर्ष, रंग–काला। दिनांक–15.12.2025 को राजगंज थाना द्वारा बालिका को बाल कल्याण समिति, धनबाद में प्रस्तुत किया गया है। वर्तमान में बालिका मिशनरीज ऑफ चैरिटी, धनबाद में आवासित है। बालिका माता–पिता का नाम तथा पता बताने में असमर्थ है। बालिका थोड़ा–थोड़ा संथाली बोल पाती है।

आम जनता से अपील है कि इस बालक के संबंध में अगर कोई जानकारी उपलब्ध हो तो जिला बाल संरक्षण पदाधिकारी, धनबाद के संपर्क नम्बर–7903353045 पर जानकारी दे सकते है अथवा जिला बाल संरक्षण इकाई, धनबाद के कार्यालय मिश्रित भवन के कमरा नम्बर–7 में जानकारी दे सकते है।

कार्यालय का पता:–
जिला बाल संरक्षण इकाई, मिश्रित भवन के कमरा नं0–7
धनबाद। संपर्क नं0–7903353045

(साधना कुमारी)
जिला बाल संरक्षण पदाधिकारी, धनबाद

PR 372744 Women, Child Development & Social Security (25-26)_D

# ଅନ୍ତର୍ଜାତୀୟସ୍ତରୀୟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମରେ ଭାଗନେବେ ଜ୍ୟୋତିରଞ୍ଜନ

କେନ୍ଦୁଝର,୧୦।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ସୁଇଜରଲ୍ୟାଣ୍ଡର ଲାଉସେନ ସହରରେ ଅବସ୍ଥିତ ଆନ୍ତର୍ଜାତିକ ଅଲିମ୍ପିକ କମିଟିର ମୁଖ୍ୟ କାର୍ଯ୍ୟାଳୟରେ ଆସନ୍ତା ୧୧ରୁ ୧୭ ପର୍ଯ୍ୟନ୍ତ ଆନ୍ତର୍ଜାତୀୟସ୍ତରୀୟ ଅଲିମ୍ପିକ ମୂଲ୍ୟବୋଧ ଭିତ୍ତିକ କ୍ଷେତ୍ର ପରିଦର୍ଶନରେ ଓଡ଼ିଶାରୁ ୪ ଜଣ ଛାତ୍ରୀଛାତ୍ର ସାମିଲ ହେବେ। କେନ୍ଦୁଝରରୁ ସ୍ଥାନୀୟ ଏନ୍ଏସ୍ ପୋଲିସ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଜ୍ୟୋତିରଞ୍ଜନ ମହାନ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ତାଙ୍କୁ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ ପ୍ରମୁଖ ଜ୍ୟୋତିରଞ୍ଜନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ଅଭିନବ ବିନ୍ଦ୍ରା ଟ୍ରଷ୍ଟ ଫାଉଣ୍ଡେଶନ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗ(ଓସେପା)ର ମିଳିତ ସହଯୋଗରେ ରାଜ୍ୟରେ ଅଲିମ୍ପିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି) ୧୭ଟି ଜିଲାରେ କାର୍ଯ୍ୟକ୍ଷମ ହୋଇଛି। କେନ୍ଦୁଝରର ୨୦ ଟି ବିଦ୍ୟାଳୟରେ ଓଭିଇପି ଜିଲା ସହାୟକ ଅଧିକାରୀ ଅଭିଜିତ୍ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଲିମ୍ପିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଜାରି ରହିଛି। ଏନ୍ଏସ୍ ପୋଲିସ ହାଇସ୍କୁଲର ଓଭିଇପି ଗାଇଡ୍ ଶିକ୍ଷକ ବିଜୟ ବେହେରାଙ୍କ ମାର୍ଗଦର୍ଶନରେ ଜ୍ୟୋତିରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେବେ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଖୁସିବ୍ୟକ୍ତ କରିଛନ୍ତି।

# ନିଯୁକ୍ତି, ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଜିଲାପାଳ ବିଶାଲ ସିଂହ ଓ ବିଭାଗୀୟ ଅଧିକାରୀମାନେ।

## ୨ୟ ଜିଲା ଦକ୍ଷତା ବିକାଶ ମିଶନ ବୈଠକ

କେନ୍ଦୁଝର,୧୦।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳ ବିଶାଲ ସିଂହଙ୍କ ଅଧକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ଜିଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ଯୁବତୀ, ଯୁବକଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।
ନୂଆ ଓଡ଼ିଶା ଓ ପ୍ଲେସମେଣ୍ଟ ଲିଙ୍କଡ ଟ୍ରେନିଂ ପ୍ରୋଗ୍ରାମ କାର୍ଯ୍ୟକ୍ରମ ଜରିଆରେ ଜିଲାର ୧୩ଟି ବ୍ଲକ୍‌ରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରୀୟ ନିଯୁକ୍ତି ମେଳା-୨୦୨୫-୨୬ ଓଏସ୍ଏମ୍ଇ କ୍ୟାମ୍ପସରେ ଏକ ବିଶାଳ ଜିଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ପ୍ରାୟ ୬୦ ଜଣ ସିଧାସଳଖ ନିଯୁକ୍ତିଦାତା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆପୋଲୋ ମେଡସ୍କିଲ୍ସ ଜରିଆରେ ତାଲିମ, ଜିଲାର ୬୦୦ ଯୁବତୀ, ଯୁବକଙ୍କୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ କରାଯିବ। ଡିଏମ୍ଏଫ୍ ସହାୟତାରେ ସିଟିଟିସି, ସିପେଟ ଏବଂ ଆଇଏଚ୍ଏମ ଭଳି ପ୍ରତିଷ୍ଠାନ ମାଧ୍ୟମରେ ଚାଲୁଥିବା ତାଲିମ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ପଛୁଆ ବର୍ଗ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ପିଭିଟିଜି ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମଡେଲ କ୍ୟାରିୟର ସେଣ୍ଟରର କାର୍ଯ୍ୟକାରିତା, ତେଲକୋଇଠାରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ଏବଂ ଜିଲାରେ ୫ଟି ନୂତନ ସରକାରୀ ଆଇଟିଆଇ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏଥିସହିତ ବିଭିନ୍ନ ବ୍ଲକ୍‌ରେ ସଚେତନତା ଶିବିର ଆୟୋଜନ କରି ପ୍ରତି ବ୍ଲକ୍‌ରୁ ୧୫୦ ଜଣ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲାପରିଷଦ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲାର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ତାଲିମ ପ୍ରଦାନକାରୀ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ପେନ୍‌ସନ ଯୋଜନାକୁ ନେଇ ସଚେତନତା

କେନ୍ଦୁଝର,୧୦।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର, ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ଜିଲା କୋଷାଗାର ପକ୍ଷରୁ ବିଭିନ୍ନ ବିଭାଗର ବିତରଣ ଅଧିକାରୀ (ଡିଡିଓ)ଙ୍କ ଅଂଶଗ୍ରହଣ, ଏନ୍‌ପିଏସ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଭାଗୀୟ ଅଧିକାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ସହ ଏନ୍‌ପିଏସକୁ ନେଇ ଅଧିକ ସଚେତନତା ସୃଷ୍ଟି କରିବ। ପ୍ରତ୍ୟେକ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଉପକୃତ ହେବେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଓଡ଼ିଶା କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ, ଭୁବନେଶ୍ୱରର ପଙ୍କଜ ମହାନ୍ତ ଏନ୍‌ପିଏସ ସମ୍ପର୍କିତ ବିଭିନ୍ନ ବୈଷୟିକ ତଥ୍ୟ ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିତରଣ ଅଧିକାରୀ (ଡିଡିଓ)ମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ଜଟିଳ ପ୍ରଶ୍ନର ସରଳ ସମାଧାନ ସମ୍ପର୍କିତ ଏକ ମାର୍ଗଦର୍ଶିକା ସଭିଙ୍କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଓଡ଼ିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ଡିଡିଓଙ୍କ ନିମନ୍ତେ ୯ଫେବୃଆରୀ ୨୦୨୬ଠାରୁ ୧୩ ଫେବୃଆରୀ ୨୦୨୬ପର୍ଯ୍ୟନ୍ତ ଏନପିଏସର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ ହେଉଛି। ଏହି ଅବସରରେ କେନ୍ଦୁଝର କୋଷାଗାରରେ ଏକ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଖୋଲାଯାଇଛି। ରାଷ୍ଟ୍ରୀୟ ପେନସନ ଯୋଜନା ସମ୍ବନ୍ଧୀୟ ସମସ୍ତ ସନ୍ଦେହ ଦୂର କରାଯିବା ସହ ବିଭିନ୍ନ ସମସ୍ୟାର ସମାଧାନ କରାଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲପରିଷଦ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲା କୋଷାଗାର ଅଧିକାରୀ ଏସ. ହିମାନୀ, କାର୍ଯ୍ୟାଳୟର ଅଡିଟର ଚିନ୍ମୟ ପ୍ରଧାନ, କନିଷ୍ଠ ସହାୟକ ଆର୍ତ୍ତସାରଥୀ ପଟ୍ଟନାୟକଙ୍କ ସମେତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ମାଦଳର ତାଳେ ତାଳେ ଝୁମିଲେ ଆଦିବାସୀ



## ଗୋହାଲଡ଼ିହୀରେ ମାଘେ ପରବ

କେନ୍ଦୁଝର,୧୦।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଗୋହାଲଡିହୀ ଗ୍ରାମରେ ପାରମ୍ପରିକ ମାଘେ ପରବ ଅନୁଷ୍ଠିତ ହୋଇଯାଇଛି। ସନାତନ ବାଲବୁରୁ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ମାଦଳର ତାଳେ ତାଳେ ନାଚିଥିଲେ। ଆଦିବାସୀଙ୍କ ଏକତାର ପର୍ବ ମାଘେ ପରବ ଅବସରରେ ଗୋହାଲଡ଼ିହୀ ବିର୍ସାମୁଣ୍ଡା ପ୍ରତିମୂର୍ତ୍ତି ପଡ଼ିଆରେ ସମସ୍ତ ଆଦିବାସୀ ଭଉଣୀ, ଭାଇ ଏକାଠି ହୋଇ ମାଦଳର ତାଳେ ତାଳେ ରାତି ତମାମ ନାଚଗୀତ କରି ଆନନ୍ଦ ଉତ୍ସାହର ସହ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଆଦିକନ୍ଦ ସଏ, ସୋମନାଥ ବାଲମୁରୁ, ସନାତନ ବାଲମୁରୁ(ବି), ଗୁରା ଗୁୟା, ବିଶ୍ୱନାଥ ସଏ, ଲାଲମୋହନ ସଏ, ରାମଚନ୍ଦ୍ର କୁଲଡ଼ିହି, ରଇଦାସ କୁଲଡିହି, ରବି ସିଦ୍ଧୁ, ସୁରେଶ ସଏ, ମାଧ ସଏ, ରାମ ବାଲମୁରୁ, ଶୁକଦେବ ସଏ, କିଶୋର ବାଲମୁରୁ, ମୁନା ସିଦ୍ଧୁ, ମକରଧଜ ସଏ, ମଧୁ ଗୁୟା ପ୍ରମୁଖ ସହଯୋଗ କରିଥିଲେ।

# ଗଡ଼ସଙ୍ଗଙ୍କୁ ହରାଇ କାଳିମେଘା ଚାମ୍ପିୟନ

ବେରୁଣପଦୀ ଫ୍ରେଣ୍ଡକ୍ଲବ୍ ପକ୍ଷରୁ ଭଲିବଲ୍ ଟୁର୍ନାମେଣ୍ଟ

ବଉଳା,୧୦।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତ ବେରୁଣପଦୀ ଗ୍ରାମର ଫ୍ରେଣ୍ଡକ୍ଲବ୍ ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳୀମେଘା, ଗଡ଼ସଙ୍ଗ, ଡଗରପଡ଼ା ଓ ଧାମନଗର ମଧ୍ୟରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ କାଳିମେଘା ଓ ଗଡସଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାଳିମେଘା ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ଯନ୍ତ୍ରୀ କ୍ଷୀରୋଦ ସାହୁ ପରିଚାଳନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ନାରାୟଣ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟ ବକ୍ତାଭାବେ ଶଙ୍ଖାଳୀ ଚରଣ ରାଉଳ, ଅତିଥିଭାବେ ମାଧବା ନନ୍ଦ ଆୟଚ, ଗଜେନ୍ଦ୍ର ବେହେରା, ରବିନ୍ଦ୍ର ସାହୁ, ବୈଲୋଚନ ନାୟକ, ସୁରଥ ମହାକୁଡ଼, ରମାକାନ୍ତ ଜେନା, ସୁରେନ୍ଦ୍ର ନାଥ ବେହେରା, ଆନନ୍ଦ ଚନ୍ଦ୍ର ବେହେରା, ଭୁବନାନନ୍ଦ ପଟ୍ଟନାୟକ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଦେବେନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ରବିନ୍ଦ୍ର ମାଝୀ, ପ୍ରଦୀପ ଜେନା, ମହେଶ୍ୱର ନାୟକ, ଉଦୟାଂଶୁ ସାହୁ , ଜଗନ୍ନାଥ ବେହେରା , ଅଶୋକ ଆୟଚ, ପରେଶ ସାହୁ, ପର୍ଶୁରାମ ଜେନା ପ୍ରମୁଖ ସହଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଚେନ୍ନାଇ (ତାମିଲନାଡୁ)ର ଏକ ଚିକେନ୍ ଦୋକାନ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
ଯୋଗାଯୋଗ
86800 00062

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ - ଭୁବନେଶ୍ୱର। 9692566745 କୁ ବାୟୋଡାଟା ପଠାନ୍ତୁ।

See Career Appointment on every Wednesday & Saturday

**REQUIRED**
Required 2 Nos. of **MARKETING (FEMALE)** for a Educational Institute at Unit - 8, Bhubaneswar.
Cont.: 7609065707 (M)
email: msujata82@gmail.com

**WALK-IN-INTERVIEW**
Date: 18th & 19th Feb. 2026 | Time Starts from 11 A.M.
1.GNM: B.Sc. Nursing
2.Lab. Technician: DMLT/B.Sc. MLT
**SUN HOSPITAL PVT. LTD.**
Jubuli Town, Kantanali Bypass, Dhenkanal
Contact: 8249206554 | 7978091292 | 7735098892

## ODISHA COAL AND POWER LTD.

OCPL Odisha Coal and Power Limited
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph. No: 0674-2300654 / 2300664

### NOTICE INVITING TENDER

NIT No.: OCPL/SER-224/2026 Dt.: 11.02.2026

Sealed bids in prescribed format are invited from theTravel Agencies / Tour Operators for the following work:

| Sl. No. | Name of the Work | Cost of Tender Paper | Issue of Tender Document | Start date of Download and Submission of Tender document | Last Date of Submission/ Opening of Bid |
|---|---|---|---|---|---|
| 1 | Hiring of Light Commercial Vehicles for the Site Office of Odisha Coal and Power Limited at Sarbahal, Sundargarh, Odisha | NIL | 11.02.2026 | 11.02.2026 | 03.00 P.M./03.30 P.M. on 24.02.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Chief Operating Officer**

## CENTRE FOR DISTANCE AND ONLINE EDUCATION UNDER FAKIR MOHAN UNIVERSITY

VYASA VIHAR, BALASORE

### CORRIGENDUM

**Advertisement No. Estt.(T)-II-52/2026/1414 Dated: 10.2.26**
**Ref.: Advertisement No. Estt. (T)-II-52/2026/1368, Dated: 09.02.2026**

This is with reference to the Advertisement bearing No. Estt. (T)-II-52/2026/1368, Dated: 09.02.2026, inviting application for the post of Director, Centre for Distance and Online Education (CDOE).

"The complete applications in the prescribed form along with photocopies of two sets of all credential must reach the office of the Registrar, Fakir Mohan University, Balasore, Odisha, India - 756089 latest by 17.02.2026".

Thus the date 13.01.2026 may be read as 17.02.2026.

The inconvenience is regretted.

All other terms and conditions remain unchanged.

**Sd./- Registrar**

## बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଭୌତିକ ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ଯାଞ୍ଚ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ,** ମ୍ୟୁନିସିପାଲଟି ଅଫିସ୍ ନିକଟ, ସା/ପୋ.: ଯୋଡା, କେନ୍ଦୁଝର-୭୫୮୦୩୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ,** ପିତା: ହରିରାମ ଅଗ୍ରୱାଲ, କ୍ରାଷ୍ଣା କୁଞ୍ଜ, ଓଲ୍ଡ ମୁନିସିପାଲ ଅଫିସ୍ ନିକଟ, ଭିଉପଏଣ୍ଟ ହୋଟେଲ ନିକଟ, ବାଂଶପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ,** ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, **୨) ଶ୍ରୀ କମଲ କୁମାର ପାତ୍ର,** ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, **୩) ଶ୍ରୀ ମୁନ୍ନା ବେହେରା,** ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲି, ମୌଜା: ଜଳହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଟ.୨,୭୭,୨୩,୧୭୫/- + (ଡିମାଣ୍ଡ ନୋଟିସ୍ ୨୭.୦୪.୨୦୧୨ରିଖ ଅନୁଯାୟୀ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ତା.୦୯.୦୮.୨୦୨୫ ସୁଦ୍ଧା ବକେୟା ଟ.୧୨,୬୫,୦୭,୬୫୨.୪୨ + ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | **ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି,** ସା/ପୋ.: ଧନେଶ୍ୱର, ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ମହାନ୍ତି,** ପିତା: ରାଇଚରଣ ମହାନ୍ତି, **୨) ଶ୍ରୀମତୀ ମିହିର କୁମାରୀ ମହାନ୍ତି, ୩) ଶ୍ରୀ ସୁବ୍ରତ କୁମାର ମହାନ୍ତି,** ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ.: ଧନେଶ୍ୱର, ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ଶ୍ରୀମତୀ ମିହିର କୁମାରୀ ମହାନ୍ତି, ଶ୍ରୀ ଦେବବ୍ରତ ମହାନ୍ତି ଏବଂ ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୨, ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ, ଜିଲ୍ଲା: ଯାଜପୁର | ଟ.୧୩,୩୨,୬୬୩/- + (ଡିମାଣ୍ଡ ନୋଟିସ୍ ୦୧.୦୧.୨୦୧୬ରିଖ ଅନୁଯାୟୀ ୦୧.୧୧.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୧୨.୦୭.୨୦୨୫ ସୁଦ୍ଧା ଟ.୫୯,୦୧,୯୮୧.୮୭+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୩,୩୨,୦୦୦/- / ଟ.୨,୩୩,୨୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୩. | **ଋଣଗ୍ରହୀତା: ମେସର୍ସ ସାଇ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ,** ସା: ସମରାଇପୁର, ଏସ୍‌ବିଡି ଇଣ୍ଟରନ୍ୟାଶନାଲ୍ ସ୍କୁଲ ନିକଟ, ଭଦ୍ରକ - ୭୫୬୧୮୧, **ଶ୍ରୀ ଦୁର୍ଯ୍ୟୋଧନ ଦାସ,** ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମନୋରମା ଦାସ,** ସ୍ୱାମୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୨୪/୪୬୯୬,ଖାତା ନଂ.: ୭୬୬/୮୪୭, ପରିମିତ ମୋଟ କ୍ଷେତ୍ର: ଏକର ୦.୨୦ ଡିସିମିଲି, ମୌଜା: ଗେଲପୁର, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ | ଟ.୨୨,୦୮,୬୮୪/- + (ଡିମାଣ୍ଡ ନୋଟିସ୍ ୦୭.୦୯.୨୦୨୫ରିଖ ଅନୁଯାୟୀ ୦୧.୦୮.୨୦୨୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୦୯.୦୨.୨୦୨୬ ସୁଦ୍ଧା ଟ.୪୪,୨୯,୬୩୦.୪୦+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୫.୦୩.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୭,୦୦,୦୦୦/- / ଟ.୭୦,୦୦୦/- / ଟ.୧୫,୦୦୦/- | ଭୌତିକ | ୧୨.୦୩.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : **https://www.bankofbaroda.bank.in/e-auction.htm** ଏବଂ **https://baanknet.com** ଦେଖନ୍ତୁ। ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ:
କ୍ର.ନଂ.: ୧ ଓ ୨ ନିମନ୍ତେ- ୨୭.୦୨.୨୦୨୬ ଏବଂ କ୍ର.ନଂ.: ୩ ନିମନ୍ତେ- ୧୫.୦୩.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୧୦.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## PUBLIC NOTICE

SAHARA INDIA PARIWAR

It has come to our notice that Mr. Naveen Maurya has issued certain newspaper advertisements, made representations to revenue authorities, and released public statements in relation to properties situated at Berhampur, Odisha, claiming to act for and on behalf of Sahara India Pariwar.

We hereby clarify and place on record that Mr. Naveen Maurya has no authority whatsoever, whether express or implied, actual or ostensible, to represent, act for, or bind Sahara India Pariwar or any of its entities in any manner whatsoever, including but not limited to issuing any notices, making any representations, publishing any statements, or lodging any complaints for or on behalf of Sahara India Pariwar in relation to the Berhampur property or any other property of the Group.

Any publications, representations, statements or communications issued by Mr. Naveen Maurya in this regard are wholly unauthorised, do not represent the Sahara India Pariwar or its position and shall not be binding on Sahara India Pariwar in any manner whatsoever.

Members of the public, government authorities, and all concerned parties are hereby advised to disregard any such unauthorised communications, representations, or claims.

This clarification is being issued in the interest of transparency and to prevent any misunderstanding or misrepresentation.

**For Sahara India Pariwar**
**Authorised Signatory**
**Date: 10 February 2026**
**Place: Lucknow**

## OFFICE OF THE TAHASILDAR, BALIANTA

**e-mail: tahasilbalianta@gmail.com**
**Nic Mail: tah.balianta-od@nic.in**

**Letter No. 800** **Dt.04.02.2026**

### PROCLAMATION

**Sub.:** Auction sale of property with two storyed building over Plot No. 317 of Mouza - Tiranpada arising out of Civil Execution No. 32/2015 of Family Court-II, BBSR.

No. 24001/19/2526: It is hereby proclaimed that the auction sale of the following attached scheduled land along with two storied building standing thereon as per order of the Hon'ble Family court-II, BBSR arising out of Civil Execution No. 32/2015 is required to be held on Dt.06.03.26 at 11.00 A.M. in the Office of the Tahasildar Balianta. The intending candidate who wants to participate in this auction sale has to deposit the security amount in shape of BD. as detailed below. The auction sale will be finalized in favour of the highest bidder and the highest bidder is to deposit the entire bid amount at once. The security deposit of others will be returned back soon after finalization of auction sale. Any default by the participant will lead to forfeiture of security deposit.

**LAND SCHEDULE**
Mouza - Tiranpada, Khata No. 180/6, Plot No. 317, Area - Ac.0.310
Cost of the lands and suilding = Rs.1,40,54,340.00
Security Deposit = Rs. 14,05,434.00

**OIPR-24001/24050/3/25-26/0001** **Sd./- Tahasildar, Balianta**

## SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

### ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**


**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

## झारखण्ड सरकार
### उपायुक्त का कार्यालय
### (जिला बाल संरक्षण इकाई), धनबाद

मिश्रित भवन, Ground Floor, कमरा नम्बर - 7
दुरभाष - 7903353045
Email ID - dcps-dhanbad@jharkhandmail.gov.in

**गुमशुदा बच्चे की सूचना**

एतद् द्वारा सूचित किया जाता है कि गुमशुदा बच्ची के बारे में पता लगाना है। जिसकी विवरणी निम्नवत है–



| | |
|---|---|
| नाम– | मिरू |
| लिंग– | स्त्री0 |
| पिता का नाम– | अज्ञात |
| माता का नाम– | अज्ञात |
| उम्र– | 12 वर्ष |
| रंग– | काला |
| ऊचाई– | 52 cm |
| वजन– | 29 kg |

बालिका मिरू, माता–पिता– अज्ञात, उम्र–12 वर्ष, रंग–काला। दिनांक–15.12.2025 को राजगंज थाना द्वारा बालिका को बाल कल्याण समिति, धनबाद में प्रस्तुत किया गया है। वर्तमान में बालिका मिशनरीज ऑफ चैरिटी, धनबाद में आवासित है। बालिका माता–पिता का नाम तथा पता बताने में असमर्थ है। बालिका थोड़ा–थोड़ा संथाली बोल पाती है।

आम जनता से अपील है कि इस बालक के संबंध में अगर कोई जानकारी उपलब्ध हो तो जिला बाल संरक्षण पदाधिकारी, धनबाद के संपर्क नम्बर–7903353045 पर जानकारी दे सकते है अथवा जिला बाल संरक्षण इकाई, धनबाद के कार्यालय मिश्रित भवन के कमरा नम्बर–7 में जानकारी दे सकते है।

कार्यालय का पता:–
जिला बाल संरक्षण इकाई, मिश्रित भवन के कमरा नं0–7
धनबाद। संपर्क नं0–7903353045

(साधना कुमारी)
जिला बाल संरक्षण पदाधिकारी, धनबाद

PR 372744 Women, Child Development & Social Security (25-26)_D

## ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଚାନ୍ଦବାଲି,୧୦।୨(କିଷାନ ପାତ୍ର): ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇସିସି କମିଟି ସଦସ୍ୟା ତଥା ସାମାଜିକ କର୍ମୀ କୁଞ୍ଜଲତା ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ଜୟଦେବ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ମଲ୍ଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ବିଷୟରେ କହିଥିଲେ। କଲେଜର ପୂର୍ବତନ ପରିଚାଳନା କମିଟି ସଭାପତି ସନାତନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ସଂଯୋଜିକା ନିରୁପମା ସୂତାର, ସଂଯୋଜିକା ମଦାଳସା ମଲ୍ଲିକ ଓ ସହ ସଂଯୋଜିକା ବିଷ୍ଣୁପ୍ରିୟା ସାହୁ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ଦୀପ୍ତିମଞ୍ଜରୀ ବିଶ୍ୱାଳ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ।

# ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

### ଆରଡ଼ି ଆଖଣ୍ଡଳମଣି ପୀଠରେ ଶିବରାତ୍ରି ପ୍ରସ୍ତୁତି ସମୀକ୍ଷା

ଧୁଷୁରୀ,୧୦।୨(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଶିବରାତ୍ରି ଉତ୍ସବ ପ୍ରସ୍ତୁତି ନେଇ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ ଅତିଥି ଭବନରେ ସମୀକ୍ଷା ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ଏବିଡିଓ ଲକ୍ଷ୍ମୀକାନ୍ତ ମହାରଣା, ଜିଲା ସୂଚନା ଅଧିକାରିଣୀ ମଧୁସ୍ମିତା ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଶିବରାତ୍ରି ଉପଲକ୍ଷେ ପୀଠରେ କେଉଁ କେଉଁ ବ୍ୟବସ୍ଥା



ବୈଠକରେ ଉପସ୍ଥିତ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀ।

କରାଯାଇଛି, ସେ ବାବଦରେ ବିଭାଗୀୟ ଅଧିକାରୀଙ୍କଠାରୁ ବୁଝିଥିଲେ। ଜାଗର ଉତ୍ସବ ଦିନ ପୀଠରେ ଶୃଙ୍ଖଳିତ ଦର୍ଶନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ବୈଠକ ଆରମ୍ଭରେ ଭଦ୍ରକ-ଆରଡ଼ି ମୁଖ୍ୟରାସ୍ତାର ତେଲିପାଟଣାଠାରୁ ମଠଡିହ ପର୍ଯ୍ୟନ୍ତ ରାସ୍ତାର ଦୁରବସ୍ଥାକୁ ନେଇ ସେବାୟତ ଓ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଥିଲେ। ଶିବରାତ୍ରି ପୂର୍ବରୁ ରାସ୍ତା ମରାମତି ଦିଗରେ ଧ୍ୟାନ ଦେବାକୁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଉପଜିଲାପାଳ କହିଥିଲେ। ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାର ସହ ଦିଅଁ ଦର୍ଶନ କରିପାରିବେ, ସେଥିପାଇଁ ବ୍ୟାରିକେଡ୍ ବ୍ୟବସ୍ଥା, ପୀଠ ଓ ପୀଠକୁ ସଂଯୋଗ କରୁଥିବା ରାସ୍ତାରେ ଆଲୋକୀକରଣ, ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ଟ୍ରାଫିକ ବ୍ୟବସ୍ଥା ଓ ମହାଦୀପ ଉଠିବା ପରେ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଧାମନଗର ଭାରପ୍ରାପ୍ତ ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କ ସମେତ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, କିଶୋର ନାୟକ, ସେବାୟତ ଆଶିଷ ପାଢ଼ୀ, ମାନସ ପାଢ଼ୀ, ବିଜୟ ଦାଶ, ଅରବିନ୍ଦ ପାଢ଼ୀ, ଲଲାଟେନ୍ଦୁ ପାଢ଼ୀ, ଶିବାନନ୍ଦ ପାଢ଼ୀ, ଲଲାଟ କିଶୋର ପାଢ଼ୀ, ଓଳଗ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ବେହେରା ଓ ସରୋଜ ଦାସ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ତ୍ତ, ଜଳ ଓ ପରିମଳ, ସୂଚନା ଓ ଲୋକସମ୍ପର୍କ, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଆଦି ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ଜିଲାରେ ମାଟ୍ରିକ୍ ପରୀକ୍ଷା ଦେବେ ୨୧,୦୨୪ ପରୀକ୍ଷାର୍ଥୀ

### ୧୧୫ ପରୀକ୍ଷା କେନ୍ଦ୍ର, ୧୧ ନୋଡାଲ ସେଣ୍ଟର

ଭଦ୍ରକ,୧୦।୨(ସନାତନ ରାଉତ)

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଭଦ୍ରକ ଜିଲାରେ ୩୧୮ଟି ଉଚ୍ଚ ବିଦ୍ୟାଳୟର ରେଗୁଲାର ଓ ଏକ୍ସ ରେଗୁଲାର ମୋଟ ୨୧,୦୨୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା ସୁପରିଚାଳନା ପାଇଁ ୧୧ଟି ନୋଡାଲ ସେଣ୍ଟର ଓ ୧୧୫ଟି ପରୀକ୍ଷା କେନ୍ଦ୍ର ତାଲିକା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି।

୧୧୪ଟି ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା କେନ୍ଦ୍ର, ଚରମ୍ପା ବାଳିକା ଉଚ୍ଚ ବିଦ୍ୟାଳୟରେ ଗୋଟିଏ ଏସ୍‌ଓଏସ୍‌ସି (ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ୍) ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ମଧ୍ୟମାରେ ୨୮୪, ଏସ୍‌ଓଏସ୍‌ସିରେ ୫୮ ଓ ସିସି (କମ୍ପ୍ଲିସନ୍ ସାର୍ଟିଫିକେଟ୍)ରେ ୨୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନପତ୍ର ରଖିବା ପାଇଁ ଭଦ୍ରକ ବ୍ଲକରେ ଜିଲା ସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁରରେ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲିରେ ମତୋ ଉଚ୍ଚ ବିଦ୍ୟାଳୟ ଓ ଧାମରାଇ ଉଚ୍ଚ ବିଦ୍ୟାଳୟ ନରସିଂହପୁର, ଧାମନଗରରେ ମୂରଲୀଧର ହାଇସ୍କୁଲ, ଧୁଷୁରୀ ଓ ଧାମନଗର ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ ବ୍ଲକରେ ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ, ବନ୍ତ ବ୍ଲକରେ ବନ୍ତ ଓ ଆଗରପଡ଼ା ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ସେହିପରି ଭଦ୍ରକ ବ୍ଲକରେ ୨୦ଟି ପରୀକ୍ଷା କେନ୍ଦ୍ର, ଭଣ୍ଡାରିପୋଖରୀରେ ୯, ବନ୍ତରେ ୧୪, ଚାନ୍ଦବାଲିରେ ୨୦, ଧାମନଗରରେ ୧୭, ବାସୁଦେବପୁରରେ ୨୧ ଓ ତିହିଡ଼ି ବ୍ଲକରେ ୧୪ଟି ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ୧୧୫ଜଣ ସୁପରିଣ୍ଟେଣ୍ଡେଣ୍ଟ, ୧୧୫ ଅବ୍‌ଜର୍ଭର ଓ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବାକୁ ଡେସ୍‌ପାଚ୍ ଟିମ୍ ଗଠନ କରାଯାଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଧାନକିଣା ଅବଧି ଅଧା ହେଲାଣି, ଆବଶ୍ୟକ ଟାର୍ଗେଟ ନାହିଁ

ଭଣ୍ଡାରିପୋଖରୀ,୧୦।୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ୧୬ଟି ମଣ୍ଡିକୁ ମଙ୍ଗଳବାର ସୁଦ୍ଧା ୧ ଲକ୍ଷ ୫୫ ହଜାର ୪୯୩ କୁଇଣ୍ଟାଲ କ୍ରୟ ପାଇଁ ଟାର୍ଗେଟ ଆସିଛି। ୨୯୫୯ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୧ ଲକ୍ଷ ୩୬ ହଜାର ୧୧୩.୭୯ କୁଇଣ୍ଟାଲ ଧାନ କିଣା ହୋଇଛି। କ୍ରୟ ଧାନ ମଧ୍ୟରୁ ୯୩ ହଜାର ୨୬୬.୦୩ କୁଇଣ୍ଟାଲ ଧାନ ଟ୍ୟାଗ୍ ମିଲରଙ୍କୁ ପରିବହନ ହୋଇଛି ବୋଲି ଜିଲା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ଚଳିତବର୍ଷର ଏହି ଧାନକ୍ରୟ ପରିମାଣ ୨୦୨୪-୨୫ ଆର୍ଥିକ ବର୍ଷର ମୋଟ ଧାନକ୍ରୟ ପରିମାଣର ଏକ ଚତୁର୍ଥାଂଶ ବୋଲି ଜଣାପଡ଼ିଛି। ଏହାମଧ୍ୟରେ ଧାନ କ୍ରୟ ସମୟସୀମାର ଅଧା ବିତିଗଲାଣି। ଆସନ୍ତା ମାର୍ଚ୍ଚ ୩୧ ଧାନକ୍ରୟର ଶେଷ ଦିନ ରହିଛି। ବାକି ୪୮ ଦିନ ମଧ୍ୟରେ ପଞ୍ଜୀକରଣ କରିଥିବା ଅବଶିଷ୍ଟ ୯ ହଜାର ଚାଷୀଙ୍କଠାରୁ ତିନି ଚତୁର୍ଥାଂଶ ଧାନ କ୍ରୟ କରିବା ମଣ୍ଡିଗୁଡ଼ିକ ପାଇଁ ଜଟିଳ ସମସ୍ୟା ସୃଷ୍ଟି କରିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଯୋଗାଣ ବିଭାଗ ଦ୍ୱାରା ମଣ୍ଡିଗୁଡ଼ିକୁ ଟାର୍ଗେଟ୍ ପ୍ରଦାନରେ ଶିଥିଳତା ଓ ମଣ୍ଡିରୁ ଧାନ ପରିବହନ କରିବାରେ ମିଲରମାନଙ୍କ ଅସହଯୋଗ ମନୋବୃତ୍ତି ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ଟୋକନ ଅବଧିର ସମୟ ପୂରଣ ହୋଇ ଅକାମୀ ହେବାକୁ ଯାଉଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ମଣ୍ଡିକୁ ଧାନ ନେଇ ମାସ ମାସ ଧରି ଅନିଶ୍ଚିତତା ମଧ୍ୟରେ ଜଗି ରଖି ବିକ୍ରୟ ପାଇଁ ଅପେକ୍ଷା କରିବାକୁ ପଡୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏନେଇ ବ୍ଲକ ମାର୍କେଟିଂ ଅଫିସର ହିମାଂଶୁ ଦାସ କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ଆସିସାରିଛି। ଜିଲା ବାହାର ମିଲରଙ୍କ ସହ ଯୋଗାଯୋଗ ହୋଇଛି। ଖୁବ୍‌ଶୀଘ୍ର ଚାଷୀଙ୍କ ଧାନ କିଣାଯିବ।

## କଂଗ୍ରେସ କିଷାନ ସେଲ୍‌ର ପ୍ରତିବାଦ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଷାନ ସେଲ୍ ପକ୍ଷରୁ ପ୍ରତିବାଦ କରାଯାଉଛି।

### ଧାନର ଅଭାବୀ ବିକ୍ରି, କ୍ରୟରେ ଅନିୟମିତତା

ଭଦ୍ରକ,୧୦।୨(ସନାତନ ରାଉତ)

ଚଳିତବର୍ଷ ଧାନର ଅଭାବୀ ବିକ୍ରି ଓ ସରକାରୀ ମଣ୍ଡିରେ ଧାନକିଣାରେ ଅନିୟମିତତା ବିରୋଧରେ ଭଦ୍ରକ କଂଗ୍ରେସ କିଷାନ ସେଲ୍ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ଏଫଏକ୍ୟୁ ମାନ ଆଳରେ ଚାଷୀଙ୍କ ଧାନ ନ କିଣିବା, କଟ୍‌ନିଛଟ୍‌ନି ସହ ଟୋକନ ଅବଧି ସରିଯାଉଥିଲେ ମଧ୍ୟ ଚାଷୀଙ୍କଠାରୁ ଧାନ କିଣାଯାଇ ପାରୁନାହିଁ। ମିଲର ଓ ପ୍ରଶାସନ ମଧୁଚନ୍ଦ୍ରିକା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କିଷାନ ସେଲ୍‌ର ଜିଲା ସଭାପତି ପ୍ରସନ୍ନ କୁମାର ଧଳ କହିଛନ୍ତି। ସରକାର ଚାଷୀଙ୍କ ଆୟ ୨ ଗୁଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲେ। ଏବେ ଚାଷୀଙ୍କୁ ଶୋଷଣ କରାଯାଉଛି। ସେମାନଙ୍କ କଷ୍ଟ ଅର୍ଜିତ ଫସଲକୁ ସରକାର କିଣିବାରେ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଧାନକିଣା ସୁରୁଖୁରରେ କରା ନ ଗଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପରେ କୃଷିମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କିଷାନ ସେଲ୍ ସମ୍ପାଦକ ଶ୍ରୀକାନ୍ତ ପଣ୍ଡା, ଜଗନ୍ନାଥ ନାୟକ, ସୁଧୀର ଖଟୁଆ, ଚାଷୀ ସୁଧାଂଶୁ ଶେଖର ଦାସ, କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦ ଯେନା, ଦେବେନ୍ଦ୍ର ମହାନ୍ତି, ହୃଦାନନ୍ଦ ସେଠୀ, ବିଦ୍ୟାଧର ସେଠୀ, ଅବଦୁଲ ମୋକିତ ଖାଁ, ବଳରାମ ରାଉତ, ଜାନକୀ ମଲ୍ଲିକ, ପୀତବାସ ଧଳ, ଲାଲୁ ଖାଁଙ୍କ ସମେତ ଦଳୀୟ କର୍ମୀମାନେ ଏଥିରେ ସାମିଲ ଥିଲେ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭଦ୍ରକ,୧୦।୨(ସନାତନ ରାଉତ)

ଭଦ୍ରକ ଚରମ୍ପା ରେଲ୍‌ୱେ କ୍ରସିଂ ନିକଟରୁ ଟାଉନ ପୋଲିସ ମଙ୍ଗଳବାର ଅପରାହ୍ନରେ ୧୨.୫୩ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ଜନ୍ମେଞ୍ଜୟ ମହାପାତ୍ର। ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଜନ୍ମେଞ୍ଜୟ ଚରମ୍ପା ବରାଳପୋଖରୀ ଅଞ୍ଚଳରୁ ବ୍ରାଉନସୁଗାର କିଣି ଚାଲି ଚାଲି ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଟାଉନ ପୋଲିସ ତାଙ୍କର ଯାଞ୍ଚ କରିଥିଲା। ତାଙ୍କ ପାଖରୁ ବ୍ରାଉନସୁଗାର ବାହାରିବା ପରେ ପୋଲିସ ତାଙ୍କୁ ଗିରଫ କରି ଥାନାକୁ ନେଇଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୧୩/୨୬) ରୁଜୁ ହୋଇଛି। ଜନ୍ମେଞ୍ଜୟ ବରାଳପୋଖରୀର ଜଣେ ଯୁବକଙ୍କଠାରୁ ବ୍ରାଉନସୁଗାର କିଣିଥିବା କହିବା ପରେ ଉକ୍ତ ଯୁବକଙ୍କୁ ମଧ୍ୟ ଥାନାରେ ଅଟକ ରଖାଯାଇଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

## 'ଅର୍ଜୁନ ପଣ୍ଡା ଥିଲେ ଯଶସ୍ୱୀ ସାହିତ୍ୟିକ'




ସ୍ମୃତିସଭାରେ ଉପସ୍ଥିତ ଅତିଥି।

ଧାମନଗର, ୧୦।୨(ଦେବେନ୍ଦ୍ର ଆନ୍ଦିଆ)

ଅର୍ଜୁନ ଚରଣ ପଣ୍ଡା କେବଳ ଜଣେ ଶିକ୍ଷାବିତ୍, ପାଲାଗାୟକ ଓ ରେଳ ବିଭାଗର କର୍ମଚାରୀ ନ ଥିଲେ। ସେ ଜଣେ ଯଶସ୍ୱୀ ସାହିତ୍ୟିକ ଥିଲେ ବୋଲି ସୋମବାର ଧାମନଗର ବ୍ଲକର ବନ୍ଧଟିଆଠାରେ ଅନୁଷ୍ଠିତ ଦ୍ୱାଦଶ ବାର୍ଷିକୀ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଧର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସେବାନିବୃତ୍ତ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ଶିକ୍ଷାବିତ୍ ନିରାକାର ରାଉତ, ରସାନନ୍ଦ ମହାପାତ୍ର, ଭାସ୍କର ଚନ୍ଦ୍ର ସାମଲ, ଆନନ୍ଦ ଚନ୍ଦ୍ର ସାମଲ, କଳ୍ପନା ଦାସ, ରାମଚନ୍ଦ୍ର ସାହୁ, ଖବରଦାତା ବାସୁଦେବ ତ୍ରିପାଠୀ, ସାମାଜିକ କର୍ମୀ ଡା. ସୁବାସ ଚନ୍ଦ୍ର ବାରିକ, ଦାମୋଦର ମଲ୍ଲିକ, ସୂର୍ଯ୍ୟକାନ୍ତ ନାୟକ, ନରେନ୍ଦ୍ର କୁମାର ମଲ୍ଲିକ, କଳାକାର ସୁବାସ ଚନ୍ଦ୍ର ମଲ୍ଲିକ, ସରପଞ୍ଚ ପ୍ରୀତମ କୁମାର ଦାସ, ଆଶିଷ କୁମାର ସ୍ୱାଇଁ, ଲୋକେଶ ଚନ୍ଦ୍ର ପଣ୍ଡା, ମନୋଜ କୁମାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ପଣ୍ଡା ଗଳ୍ପ, କବିତା, ପ୍ରବନ୍ଧ ଓ ଶିଶୁ ସାହିତ୍ୟ ଉପରେ ପ୍ରାୟ ୩୭ ଖଣ୍ଡ ପୁସ୍ତକ ରଚନା କରି ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସନ୍ତୋଷ କୁମାର ପାଢୀ ସଭା ସଞ୍ଚାଳନ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ପୁଅ ଡା. ସଞ୍ଜୀବ କୁମାର ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ।

## ଅଗ୍ନି ନିୟନ୍ତ୍ରଣ, ନିରାକରଣ ଓ ନିର୍ବାପନ ସମ୍ବନ୍ଧୀୟ ତାଲିମ

ବାସୁଦେବପୁର,୧୦।୨
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଶନିବାର ବିଭିନ୍ନ ଗ୍ରାମ୍ୟ ଜଙ୍ଗଲ, ଜଙ୍ଗଲ ତଥା ବିଭିନ୍ନ ଅଞ୍ଚଳରେ ଲାଗୁଥିବା ନିଆଁକୁ କିପରି ନିୟନ୍ତ୍ରଣ, ନିରାକରଣ ଓ ନିର୍ବାପନ କରାଯିବ ସେ ସମ୍ବନ୍ଧରେ ଏକ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବାସୁଦେବପୁର ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ ଯୋଗଦେଇ ଉପସ୍ଥିତ ବନ ବିଭାଗ କର୍ମଚାରୀଙ୍କୁ ନିଆଁ ଲାଗିଲେ କିପରି ସୁରକ୍ଷିତ ଭାବେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ, ସେ ସମ୍ବନ୍ଧରେ ଅବଗତ କରାଇଥିଲେ। ନିଆଁକୁ ଆୟତ୍ତ କରାଯିବା ପରେ ଏହାର ନିରାକରଣ ପନ୍ଥା କ'ଣ ହେବା ଦରକାର, ଅଗ୍ନି ନିର୍ବାପନ ପରବର୍ତ୍ତୀ ଅବସ୍ଥାରେ କିପରି ପଦକ୍ଷେପ ନିଆଯିବ ସେ ସମ୍ବନ୍ଧରେ ତାଲିମ ଦେଇଥିଲେ। ବିଶେଷକରି ବଣ, ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସମସ୍ତଙ୍କର ପ୍ରଧାନ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ରେଞ୍ଜର ମତ ରଖିବା ସହ ଏ ଦିଗରେ ଅଞ୍ଚଳବାସୀଙ୍କର ଏକ ବଡ଼ ଭୂମିକା ଥିବା କହିଥିଲେ। କେଉଁ ସ୍ଥାନରେ କିମ୍ବା ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିଲେ, ତୁରନ୍ତ ବନ ବିଭାଗକୁ ସୂଚନା ଦିଆଗଲେ ନିଆଁକୁ ପ୍ରାଥମିକ ପର୍ଯ୍ୟାୟରେ ରୋକାଯାଇ ପାରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅଗ୍ନିଶମ ବିଭାଗର ସହାୟତା ନିଆଯାଇ ଏହାର ନିୟନ୍ତ୍ରଣ କରାଯାଇପାରିବ ବୋଲି ରେଞ୍ଜର କହିଥିଲେ। ବନ ବିଭାଗ ଓ ଅଗ୍ନିଶମ ବିଭାଗର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୨ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ନିଆଁକୁ ନିୟନ୍ତ୍ରଣର କୌଶଳ, ନିରାକରଣ ପଦ୍ଧତି ଓ ନିର୍ବାପନ ସମ୍ବନ୍ଧରେ ଡେମୋ ମାଧ୍ୟମରେ ଅବଗତ ହୋଇଥିଲେ।

## ସାମ୍ବାଦିକ ଗୌରବ ରାଧାଶ୍ୟାମଙ୍କ ସ୍ମୃତିସଭା



ସଭାରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚାନ୍ଦବାଲି,୧୦।୨(କିଷାନ ପାତ୍ର)

ସାମ୍ବାଦିକ ଗୌରବ, ଚାନ୍ଦବାଲି ବିକାଶ ଯାତ୍ରାର ଅନ୍ୟତମ ପୁରୋଧା ଦିବଂଗତ ଖବରଦାତା ରାଧାଶ୍ୟାମ ବେହେରାଙ୍କ ୧୯ତମ ଶ୍ରାଦ୍ଧୋତ୍ସବ ଅବସରରେ ମଙ୍ଗଳବାର ଚାନ୍ଦବାଲି ବରିଷ୍ଠ ନାଗରିକ ସାଧନାକେନ୍ଦ୍ର ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରାଧାଶ୍ୟାମ ବେହେରା ସ୍ମୃତି ସଂସଦର ସଭାପତି ସାହିତ୍ୟିକ ପ୍ରଫୁଲ୍ଲ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ସଞ୍ଜୀବ କୁମାର ମହାପାତ୍ର, ମୁଖ୍ୟବକ୍ତା ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ, ବିଶିଷ୍ଟ ଅତିଥି ଓଡ଼ିଶା ଖାଉଟି ସମବାୟ ମହାସଂଘର ସଭାପତି ପ୍ରତାପ ଚନ୍ଦ୍ର ଧଳ, ବରେଣ୍ୟ ଅତିଥି ଜିଲା ଭାଜପା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ତାରାପଦ ମହାନ୍ତି, ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ପରିବେଶବିତ୍ ସୁଧୀର ମହାନ୍ତି, ଗାଳ୍ପିକ ଡ. ଗୋପାଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଅମୂଲ୍ୟ ରାଉତ ଅତିଥି ପରିଚୟ ଓ ସତ୍ୟପ୍ରକାଶ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ଆବାହକ ନିତ୍ୟପ୍ରକାଶ ବେହେରା ଧନ୍ୟବାଦ ଦେଇଥିଲେ। କାହ୍ନୁଚରଣ ବେହେରା, ବ୍ରଜସୁନ୍ଦର ମହାନ୍ତି, ପ୍ରଫୁଲ୍ଲ ସାହୁ, ସୁଶାନ୍ତ ବିଶ୍ୱାଳ, ସୌଦାମିନୀ ଜେନା, ରେଖା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ମନ ମୋହିଲା ଗଞ୍ଜାମର ବାଘନାଚ

### ତିହିଡ଼ି ମହୋତ୍ସବର ୨ୟ ସନ୍ଧ୍ୟା

ତିହିଡ଼ି,୧୦।୨(ସଞ୍ଜିତ ବଳ)

ତିହିଡ଼ି ମହୋତ୍ସବର ସୋମବାର ୨ୟ ସନ୍ଧ୍ୟାରେ ଗଞ୍ଜାମର କଳାକାରମାନଙ୍କ ଆକର୍ଷଣୀୟ ବାଘ ନାଚ ଦର୍ଶକଙ୍କ ମନ ମୋହିଛି। ସେହିପରି କଣ୍ଠଶିଳ୍ପୀ ରୁକୁ ସୁନାଙ୍କ ସମ୍ବଲପୁରୀ ସଙ୍ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଯୋଗଦେଇ ମହୋତ୍ସବ ପାରମ୍ପରିକ କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବିଡିଓ ନିରଞ୍ଜନ ବାରିକ, ବରେଣ୍ୟ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଓ ଆଗ୍ନିକ ପ୍ରଫୁଲ୍ଲ ପରିଡ଼ା ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ସୃଷ୍ଟି କରିଥାଏ ବୋଲି କହିଥିଲେ। ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ ଏଥିରେ ପୌରୋହିତ୍ୟ କରିଥିବା ବେଳେ ଡ. ଲକ୍ଷ୍ମୀଧର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବରେ କଳା ପ୍ରଦର୍ଶନ କରିଥିବା ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଓ ଡ୍ୟାନ୍ସ ଗ୍ରୁପ୍‌କୁ ପୁରସ୍କୃତ କରାଯାଇଥିଲା। ଡ. ଅମୂଲ୍ୟ ସେନାପତି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗାଳ୍ପିକ ମନୋଜ ପାଣିଗ୍ରାହୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମିଡିଆ ସଂଯୋଜକ ନିରଞ୍ଜନ ବାରିକ, ଓଡ଼ିଶା ବ୍ରିଗେଡ୍ ସ୍କୁଲ ଅଧ୍ୟକ୍ଷ ବିସ୍ମୟ ବିହାରୀ ସାହୁଙ୍କ ସମେତ ମହୋତ୍ସବ କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ପରଲୋକ

ତିହିଡ଼ି,୧୦।୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ଗନ୍ଧର୍ବପୋଖରୀ ଗ୍ରାମର ପ୍ରଫୁଲ୍ଲ ବଳ(୫୯)ଙ୍କର ମଙ୍ଗଳବାର ଭୋର ସମୟରେ ପରଲୋକ ହୋଇଯାଇଛି। ସେ ଯାଜପୁର ଜିଲାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଗତ କିଛି ମାସ ହେଲା କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଅସୁସ୍ଥ ହୋଇପଡ଼ିଥିଲେ। ଶନିବାର ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ବେଆଇନ ବାଲିଘାଟ ରାସ୍ତା କାଟିଲା ଖଣି ବିଭାଗ

ଧାମନଗର,୧୦।୨(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଥାନା ସୋଧ ରାଜସ୍ୱ ସର୍କଲ ଅଧୀନ ସୋହଡ଼ା, ଆନନ୍ଦପୁର ପଞ୍ଚାୟତରେ ଚାଲିଥିବା ବେଆଇନ ବାଲିଘାଟକୁ ଖଣି ବିଭାଗ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ବନ୍ଦ କରାଯାଇଛି। ଖଡ଼ିପଦା ଓ ଆନନ୍ଦପୁରରେ ଅନ୍ୟ ୩ଟି ବେଆଇନ ଘାଟ ଚାଲୁଥିବାରୁ ସେଗୁଡ଼ିକ ବୁଧବାର ବନ୍ଦ କରାଯିବ ବୋଲି ଭଦ୍ରକ ଜିଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ କହିଛନ୍ତି।

ପ୍ରକାଶ ଯେ, ସୋହଡ଼ା ପଞ୍ଚାୟତର ଷେଣ୍ଢପୁର, ଖଡ଼ିପଦା ପଞ୍ଚାୟତର ମୁଥାନଗର ଓ ଆନନ୍ଦପୁର ପଞ୍ଚାୟତର ନଡ଼ିଆବାଗ ଜେନାସାହିଠାରେ ବୈତରଣୀ ନଦୀବନ୍ଧରେ ଗଡ଼ା କରାଯାଇ ବେଆଇନ ବାଲି ଉତ୍ତୋଳନ କରାଯାଉଥିଲା। ସ୍ଥାନୀୟ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ସହଯୋଗୀଙ୍କ



ସୋହଡ଼ା ପଞ୍ଚାୟତର ଷେଣ୍ଢପୁର ବାଲିଘାଟଠାରେ ଜେସିବି ଦ୍ୱାରା ରାସ୍ତା କଟାଯାଉଛି।

ସାହାଯ୍ୟରେ ଟ୍ରାକ୍ଟର ଓ ମିନିଟ୍ରକ୍‌ରେ ବାଲି ଉଠାଉଥିଲେ। ପ୍ରତ୍ୟହ ନଦୀଘାଟରୁ ବହୁ ଟ୍ରିପ୍ ବାଲି ଉଠାଯାଉଥିଲା। ପ୍ରତି ଟ୍ରିପ୍‌କୁ ୪୦୦ ଟଙ୍କାରେ ବିକ୍ରି କରି ଗୋଟିଏ ଘାଟରୁ ୨୦,୦୦୦ ଟଙ୍କା ଲେଖାଏ ରୋଜଗାର କରୁଥିଲେ। ବୈତରଣୀ ନଦୀରେ ଉପଯୁକ୍ତ ପରିମାଣର ବାଲି ଗଚ୍ଛିତ ନ ଥିବା ଓ ସ୍ଥାନୀୟ ଲୋକଙ୍କ ବାରମ୍ବାର ବିରୋଧ ଯୋଗୁ କିଛି ବର୍ଷ ହେଲା ସୈରାତ ଉତ୍ସ ନିଲାମ ହୋଇପାରୁ ନାହିଁ। ଚାଲାଣକାରୀ ରାତିରେ ଜେସିବି ଦ୍ୱାରା ପାଣିରୁ ବାଲି ଉଠାଇ ଉପରେ ଠୁଳ କରି ସକାଳୁ ଚୋରାରେ ଚାଲାଣ କରିଆସୁଥିଲେ। ଅନ୍ୟପକ୍ଷେ ଦୈନିକ ଶତାଧିକ ଗାଡ଼ି ନଦୀବନ୍ଧରେ ଯିବା ଆସିବା କରିବା ଦ୍ୱାରା ରାସ୍ତା ନଷ୍ଟ ହେଉଛି। ବେଆଇନ ବାଲି ଘାଟକୁ ବନ୍ଦ କରିବା ଲାଗି ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ତହସିଲଦାର ଓ ଖଣି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ସନ୍ଧ୍ୟାରେ ଅଚାନକ କନିଷ୍ଠ ଖଣି ଅଧିକାରୀ ଦ୍ୱିବେଦୀ ସ୍ଥାନୀୟ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ସୋଧ ସର୍କଲ ରାଜସ୍ୱ ନିରୀକ୍ଷକ ବୁଲବୁଲ ସିଂ, ରାଧାବଲ୍ଲଭପୁର ସର୍କଲ ଆର୍‌ଆଇ କିଶୋର ମଲିକ ଓ ଧାମନଗର ପୋଲିସ ସହାୟତାରେ ବାଲିଘାଟଗୁଡ଼ିକରେ ଚଢ଼ାଉ କରିଥିଲେ। ସୋହଡ଼ା ପଞ୍ଚାୟତର ଷେଣ୍ଢପୁରଠାରେ ବୈତରଣୀ ନଦୀକୁ ହୋଇଥିବା ଗଡ଼ାକୁ ଜେସିବି ସାହାଯ୍ୟରେ କାଟି ଦିଆଯାଇଛି। ପରେ ଯଦି କେହି ସେଠାରୁ ବାଲି ଉଠାନ୍ତି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି ଅଧିକାରୀ ଓ ତହସିଲଦାର କହିଛନ୍ତି।

## ସଂକ୍ଷେପରେ

### ଖୁଣ୍ଟାପୁର ଗାଁରେ ଡକାୟତି ଜଣଙ୍କୁ ମାଡ଼ିବସିଲେ ଗ୍ରାମବାସୀ

ବୈଶିଙ୍ଗା,୧୦।୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମର ଚିନ୍ମୟ ମିଶ୍ରଙ୍କ ଘରେ ମଙ୍ଗଳବାର ସନ୍ଧ୍ୟା ୭ଟା୩୦ ସମୟରେ ୬ଜଣ ଦୁର୍ବୃତ୍ତ ପଶି ସୁନାଗହଣା ଲୁଟି ପଳାଇଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଚାଷ ଜମି ଭିତରେ ଗୋଡାଇ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଅନ୍ୟମାନେ ଅନ୍ଧାରର ସୁଯୋଗରେ ସୁନାଗହଣା ନେଇ ଚମ୍ପଟ ମାରିବାକୁ ସଫଳ ହୋଇଛନ୍ତି। ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇଆସିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଉତ୍ୟକ୍ତ ଗ୍ରାମବାସୀ ଗ୍ରାମର ସୁରକ୍ଷା ବିପନ୍ନ ହୋଇପଡିଥିବା ଅଭିଯୋଗ କରି ପୋଲିସ ଗାଡ଼ିକୁ ଅଟକ ରଖିଥିଲେ।

### କେନ୍ଦ୍ରୀୟ ବଜେଟ-୨୦୨୬ ମହିଳା ସମାବେଶ

ବାରିପଦା,୧୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭାରତୀୟ ଜନତା ମହିଳାମୋର୍ଚ୍ଚା ପଶ୍ଚିମ ମୟୂରଭଞ୍ଜ ଜିଲା ସଙ୍ଗଠନ ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ କେନ୍ଦ୍ରୀୟ ବଜେଟ-୨୦୨୬ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ସଂସଦୀୟ କ୍ଷେତ୍ରରେ ରାଷ୍ଟ୍ରୀୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଭାନତି ଶ୍ରୀନିବାସନ ଆଜ୍ଞାଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମ ମୟୁରଭଞ୍ଜ ଜିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ ସୋନାଲି ବିଜୟଲକ୍ଷ୍ମୀ ମହାନ୍ତ ଏହାର ନେତୃତ୍ୱ ନେଇଥିଲେ। ଏହି ସମାବେଶରେ ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱରିୟା ବିଶ୍ୱାଳଙ୍କ ସହିତ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ରାଜ୍ୟ ମହିଳାମୋର୍ଚ୍ଚା ସଂଯୋଜିକା ରତ୍ନପ୍ରଭା ପଣ୍ଡା, କୌଶଲ୍ୟା ନାୟକ ,ଦୁଇ ସାଙ୍ଗଠନିକ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ଜୁରିଲାଲ ମହାନ୍ତ, ଜିଲ୍ଲାର ମହିଳା ମୋର୍ଚ୍ଚା ସଭାନେତ୍ରୀ ସୋରାଜିନୀ କିସ୍କୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀ ଏବଂ ଏସ୍‌ଏଚଜି ମହିଳା ନେତୃମଣ୍ଡଳୀ ଯୋଗଦାନ କରିଥିଲେ। ସମସ୍ତେ ବଜେଟ ବିଷୟରେ ନିଜ ନିଜର ମତ ପ୍ରକାଶ କରିବା ସହିତ ଏହି ବଜେଟ କିପରି ମହିଳା, ଛାତ୍ରୀ, ମଧ୍ୟବିତ୍ତ ଓ କୃଷକଙ୍କୁ ଅଧିକ ଲାଭାନ୍ୱିତ କରିବ ଏହି ବିଷୟରେ ଆଲୋଚନା କରା ଯାଇଥିଲା।

### ଦୁର୍ଘଟଣାରେ ୨ ଯୁବକ ଗୁରୁତର

ମୋରଡ଼ା,୧୦।୨(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉକ୍ତ ଥାନା ଅଧୀନ ବଳଦିଆ ଗ୍ରାମର ଲୁକାଇ ଟୁଡୁ ଏବଂ ନୂଆଗାଁ ଗ୍ରାମର ସତ୍ୟବାନ ମହାନ୍ତ। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଲୁକାଇ ବାଇକ୍ ଯୋଗେ ନୂଆଗାଁ ଆଡ଼କୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ସତ୍ୟବାନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଉଭୟ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସାପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ପୋଲିସ ଜବତ କରିଛି।

### ବ୍ଲକ୍, ପୌରାଞ୍ଚଳ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

ବାରିପଦା,୧୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ କଂଗ୍ରେସର ପୂର୍ବ ସାଙ୍ଗଠନିକ ଜିଲା ୧୦ଜଣ ବ୍ଲକ୍ ଓ ପୌରାଞ୍ଚଳ ସଭାପତିଙ୍କ ନାମ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ପ୍ରଶାସନିକ ସମ୍ପାଦକ ସମୀର କୁମାର ରାଉତରାୟ ଘୋଷଣା କରିଛନ୍ତି। ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ପାଖକୁ ଆସିଥିବା ପତ୍ର ଅନୁଯାୟୀ ରାସଗୋବିନ୍ଦପୁର ବ୍ଲକ୍ ସଭାପତି ଭାବେ ହରିଶ୍ଚନ୍ଦ୍ର ସେଠୀ ରହିଥିବା ବେଳେ ଶୁଳିଆପଦା ବ୍ଲକ ପାଇଁ ପ୍ରଦୀପ କୁମାର ନାୟକ, ଖୁଣ୍ଟା ତ୍ରିଲୋଚନ ବେହେରା, ବାରିପଦା ବ୍ଲକ ପାଇଁ କହ୍ନେଇଲାଲ ମହାନ୍ତ, ବାରିପଦା ମ୍ୟୁନସିପାଲଟି ପାଇଁ ଏମଡି ଇକବାଲ, ଶ୍ୟାମାଖୁଣ୍ଟା ବ୍ଲକ ପାଇଁ ଠାକୁର ସୋରେନ, ବାଙ୍ଗିରିପୋଷି ରବୀନ୍ଦ୍ରନାଥ ଗିରି, କୁଳିଅଣା ପ୍ରଫୁଲ୍ଲ କୁମାର ଦାସ, ବଡ଼ସାହି ଶଶାଙ୍କ ଶେଖର କର ଓ ବେତନଟୀ ବ୍ଲକ ପାଇଁ କୁଶଧର ବେହେରାଙ୍କ ନାମ ସଭାପତି ଭାବେ ଘୋଷଣା କରାଯାଇଛି।

# ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ବାରିପଦା,୧୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ୪୯ନଂ. ଜାତୀୟ ରାଜପଥରେ ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ଚଳପ୍ରଚଳ ମଧ୍ୟରେ ଅବୈଧ ଟୋଲ ସଂଗ୍ରହକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ (ପିଆଇଏଲ୍) ମାମଲାର ବିଚାର ଆରମ୍ଭ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହାରୀ ଶ୍ରୀରମଣଙ୍କ ଦ୍ୱାରା ଗଠିତ ବେଞ୍ଚ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରି ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ ପ୍ରତିପକ୍ଷ ଆଇନଜୀବୀ ଏନ୍‌ଏଚ୍‌ଆଇ ପକ୍ଷରୁ ଯେତିକି ରାସ୍ତା ସମ୍ପୂର୍ଣ୍ଣ ହୋଇଛି ସେ ବାବଦରେ ଅର୍ଥ ଆଦାୟ ହେଉଛି ବୋଲି ଦର୍ଶାଇଥିଲେ। ତେବେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଟୋଲ୍ ଆଦାୟ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଏଭଳି ଆଦାୟକୁ ନେଇ ଅଭିଯୋଗକାରୀ ଆଇନଜୀବୀ ଆକାଶ ଶର୍ମା ଯୁକ୍ତି ବାଢ଼ିଛନ୍ତି। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ଝାରପୋଖରିଆ ଟୋଲ୍ ପ୍ଲାଜାରେ ଅବୈଧ ଓ ଇଚ୍ଛାଧୀନ ଟୋଲ୍ ସଂଗ୍ରହକୁ ଚ୍ୟାଲେଞ୍ଜ କରି ଆଇନଜୀବୀ ଶର୍ମା ଏକ ଜନସ୍ୱାର୍ଥ ମାମଲା ଡବ୍ଲ୍ୟୁପି(ସି) ନମ୍ବର ୧୫୪/୨୦୨୬ ଦାଖଲ କରିଛନ୍ତି। ଦ୍ୱାରଶୁଣୀ ଘାଟି ରାସ୍ତା ବିପଦପୂର୍ଣ୍ଣ ଓ ଅଯୋଗ୍ୟ ହୋଇ ରହିଥିବାବେଳେ ଟୋଲ୍ ସଂଗ୍ରହ ଜାରି ରଖିବା ବେଆଇନ ବୋଲି ସେ ଦର୍ଶାଇଛନ୍ତି। ୨୦୧୮ଠାରୁ ଜାତୀୟ ରାଜପଥ ନଂ.୪୯ର ଦ୍ୱାରଶୁଣୀ ଘାଟି ରାସ୍ତା ମରଣଯନ୍ତା ସାଜିଛି। ଖାଲଖମା ସହିତ ଅଣଓସାରିଆ ରାସ୍ତା ଏବଂ ବିପଦଜନକ ଅଙ୍କାବଙ୍କା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଉପଲବ୍ଧ ରେକର୍ଡ ଓ ମିଡିଆ ରିପୋର୍ଟ ଅନୁଯାୟୀ ବିଶୋଇ-

**ଟୋଲ୍ ଅର୍ଥ ଆଦାୟକୁ ନେଇ ୧୭ରେ ପରବର୍ତ୍ତୀ ଶୁଣାଣି**

ବାଙ୍ଗିରିପୋଷି (ଦ୍ୱାରଶୁଣୀ ଘାଟି) ରାସ୍ତାର ଏହି ଅବଧିରେ ୫୦୦ରୁ ଅଧିକ ଦୁର୍ଘଟଣା ଓ ୧୦୦ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି। ଏହି ରାସ୍ତାରେ ଦୈନିକ ଯାତ୍ରୀ, ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି ଏବଂ ଜରୁରୀକାଳୀନ ସେବାକୁ ଗମ୍ଭୀର ଭାବେ ପ୍ରଭାବିତ କରୁଛି। ଏପରି ପରିସ୍ଥିତିରେ ଟୋଲ ସଂଗ୍ରହ ଅବୈଧ ଏବଂ ଅସାମ୍ବିଧାନିକ ଅଟେ ବୋଲି ଅଭିଯୋଗକାରୀ ଆଇନଜୀବୀ ଶର୍ମା ଦର୍ଶାଇଛନ୍ତି। ଏହା ନ୍ୟାଶନାଲ ହାଇୱେ ଫି (ଡିଟରମିନେସନ ଅଫ ରେଟ୍ସ ଆଣ୍ଡ କଲେକ୍ସନ) ରୁଲ୍ସ ୨୦୦୮ର ନିୟମ ୩(୧) ସହ ନିୟମ ୬, ନ୍ୟାଶନାଲ ହାଇୱେ ଆକ୍ଟ ୧୯୫୬ ଏବଂ ଭାରତ ସମ୍ବିଧାନର ଅନୁଚ୍ଛେଦ ୧୪, ୨୧ ଓ ୨୬୫କୁ ଉଲ୍ଲଙ୍ଘନ କରୁଛି।

ଯେତେବେଳେ ହାଇୱେ ସୁରକ୍ଷିତ, ନିରବଚ୍ଛିନ୍ନ ଏବଂ ଯାତାୟତ ଯୋଗ୍ୟ ହୋଇଥାଏ, ସେତେବେଳେ ହିଁ ଟୋଲ ସଂଗ୍ରହ କରାଯାଇପାରିବ ବୋଲି ଆଇନଜୀବୀ ଶର୍ମା ଯୁକ୍ତିରେ ଦର୍ଶାଇଛନ୍ତି।

ଏହି ମାମଲାରେ ସ୍ପଷ୍ଟ କରାଯାଇଛି ଯେ, ଦ୍ୱାରଶୁଣୀ ଘାଟି ଅଂଶର ମରାମତି ଓ ପ୍ରଶସ୍ତୀକରଣ ସମ୍ପର୍କିତ ଏକ ପୂର୍ବ ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଛି। କିନ୍ତୁ ବର୍ତ୍ତମାନର ମୋକଦ୍ଦମା ଏକ ଭିନ୍ନ ଓ ସ୍ୱତନ୍ତ୍ର ପ୍ରସଙ୍ଗ ଉଠାଇଛି, ଯାହା ରାସ୍ତା ଅଯୋଗ୍ୟ ଓ ବିପଦପୂର୍ଣ୍ଣ ଥିବାବେଳେ ଟୋଲ ସଂଗ୍ରହ ଜାରି ରଖାଯାଇଛି। ତେବେ ଏନେଇ ୨୦୨୫ ଡିସେମ୍ବର ୧ରେ ଏନ୍‌ଏଚ୍‌ଏଆଇର ପ୍ରୋଜେକ୍ଟ ଡାଇରେକ୍ଟର (ପିଆଇୟୁ ଚଣ୍ଡିଖୋଲ) ସ୍ୱୀକାର କରିଛନ୍ତି ଯେ, ବାଙ୍ଗିରିପୋଷି-ଦ୍ୱାରଶୁଣୀ ଘାଟି ଅଂଶର ପ୍ରଶସ୍ତୀକରଣ କାର୍ଯ୍ୟ ୨୨ ନଭେମ୍ବର ୨୦୨୭ ସୁଦ୍ଧା ଶେଷ କରିବା ପାଇଁ ଠିକାଦାରଙ୍କ ସହ ଚୁକ୍ତିନାମା କରାଯାଇଛି। ଏହି ସ୍ୱୀକାରୋକ୍ତି ସତ୍ତ୍ୱେ ଯାତ୍ରୀଙ୍କଠାରୁ ପୂରା ଟୋଲ୍ ସଂଗ୍ରହ ଜାରି ରହିଛି। ମୋକଦ୍ଦମାରେ ନ୍ୟାୟିକ ନଜିର ଉପରେ ନିର୍ଭର କରି ଯୁକ୍ତି କରାଯାଇଛି ଯେ, ନାଗରିକଙ୍କୁ ଅସୁରକ୍ଷିତ ଓ ଗର୍ତ୍ତପୂର୍ଣ୍ଣ ହାଇୱେ ପାଇଁ ଟୋଲ୍ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ରାସ୍ତା ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଯାତାୟତଯୋଗ୍ୟ ନ ହେବା ଯାଏ ଟୋଲ ସଂଗ୍ରହ ରୋକିବାକୁ ଉଚିତ ନିର୍ଦ୍ଦେଶ ଜାରି କରିବାକୁ ଆଇନଜୀବୀ ଶର୍ମା ଅନୁରୋଧ କରିଛନ୍ତି। ତେବେ ମାମଲାକୁ ନେଇ ବିଚାର ସମୟରେ ନିର୍ଦ୍ଧାରିତ ରାସ୍ତା ମଧ୍ୟରୁ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତା ବାବଦରେ ଶୁଳ୍କ ଆଦାୟ ହେଉଥିବା ନେଇ ଏନ୍‌ଏଚ୍‌ଆଇ ପକ୍ଷରୁ ଆଇନଜୀବୀ ଦର୍ଶାଇଥିଲେ। ଏଭଳି ବ୍ୟବସ୍ଥା ନ ଥିବା ବେଳେ ଏହା କିପରି ସମ୍ଭବ ହେଉଛି ତାହାକୁ ନେଇ ଜିଲାବାସୀ ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି। କୋର୍ଟଙ୍କ ପରବର୍ତ୍ତୀ ଶୁଣାଣିକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

### ହରିନାମ ସଂକୀର୍ତ୍ତନ

ଝାରପୋଖରିଆ,୧୦।୨
(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଜାଲଦା ପଞ୍ଚାୟତ ଅନ୍ତର୍ଗତ ବଣବୁଡ଼ାମରା ଗ୍ରାମରେ ୩୨ତମ ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ ମଙ୍ଗଳବାର ଶେଷ ହୋଇଛି। ଗ୍ରାମର ରଘୁନାଥ ନାଏକଙ୍କ ଉଦ୍ୟମ ଓ ଗ୍ରାମବାସୀଙ୍କ ସହଯୋଗରେ ୧୯୯୪ରେ ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଗତ ଶନିବାର ଅଧିବାସ ଅବସରରେ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ଗାଁ ପୋଖରୀରୁ ଘଟ ଉତ୍ତୋଳନ କରି ହରିମଣ୍ଡପରେ ସ୍ଥାପନା କରିଥିଲେ। ରବିବାର ବୈଷ୍ଣବ ମହାରାଜ ଅନନ୍ତ ପ୍ରସାଦ ଦାସଙ୍କ ଦ୍ୱାରା ହରି ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ଉପବେଶନ କରାଯାଇଥିଲା। ଗ୍ରାମର ଡମ୍ବରୁଧର ନାଏକଙ୍କ ସଂକଳ୍ପରେ ପୂଜାର୍ଚ୍ଚନା ପରେ ହରିନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ମୋଟ ୫ଟି ସଙ୍କୀର୍ତ୍ତନ ଦଳକୁ ନେଇ ହରିନାମ ଗାନ କରାଯାଇଥିଲା। ମଙ୍ଗଳବାର ଦଧିପସରା ଗ୍ରାମ ପରିକ୍ରମା କରିଥିଲା।

## ଭାରତ ବନ୍ଦ ପୂର୍ବରୁ ପଥପ୍ରାନ୍ତ ସଭା




ସଚେତନତା କାର୍ଯ୍ୟକ୍ରମରେ ସିପିଆଇ ଓ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ।

ରାଇରଙ୍ଗପୁର,୧୦।୨(ମାନସ ମହାନ୍ତି)

ବିଭିନ୍ନ ଦାବି ନେଇ ଆସନ୍ତା ୧୨ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଥିବା ପରିପ୍ରେକ୍ଷୀରେ ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କଚେରୀ ଛକ ପାର୍ଶ୍ୱରେ କମ୍ୟୁନିଷ୍ଟ ପାର୍ଟି ଏବଂ କଂଗ୍ରେସ ପକ୍ଷରୁ ଏକ ଜନ ସଚେତନତା ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ବାମପନ୍ଥୀ ଏ.ଆଇ.ପି.ୟୁସି. ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଏବଂ ସଭାପତି ତଥା ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ, ଲକ୍ଷ୍ମଣ ମାଝୀ ପ୍ରମୁଖଙ୍କ ନେତୃତ୍ୱରେ କଂଗ୍ରେସ ଯୁବ ନେତା ରୂପକ କୁମାର ମହାନ୍ତି, ବ୍ଲକ ସଭାପତି ସିମାଲ ମାଟି, ନଗର କମିଟିର ସମ୍ପାଦକ କୌଶିକ ମହାନ୍ତି ଏବଂ ପୀଥ ମୁର୍ମୁ, ସିପିଆଇର ତ୍ରିନାଥ ପାତ୍ରଙ୍କ ସମେତ ବହୁ ଯୁବ କର୍ମୀ ସାମିଲ ଥିଲେ।

## ଅବକାରୀ ଚଢ଼ାଉ, ୪ ଗିରଫ

କରଞ୍ଜିଆ,୧୦।୨(କବିତା ମହାନ୍ତ):

କରଞ୍ଜିଆ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଧର ପଗଡ଼ କରାଯାଇ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ମୋଟ ୭୨ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଆସନ୍ତା ମହା ଶିବରାତ୍ରିକୁ ଆଖି ଆଗରେ ରଖି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଏହି ଚଢ଼ାଉ କରାଯାଇଛି ବୋଲି ଅବକାରୀ ଏସ୍‌ଆଇ ରଶ୍ମିରଞ୍ଜନ ନାୟକ କହିଛନ୍ତି। ଅବକାରୀ ନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟ, ଏସ୍‌ଆଇ ରଶ୍ମିରଞ୍ଜନ ନାୟକ, ଏଏସ୍‌ଆଇ ଫୁଲମଣୀ ନାୟକଙ୍କ ସମେତ ଅବକାରୀ କର୍ମଚାରୀମାନେ ରରୁଆଁ, ଘାଘରବେଡ଼ା, କରଞ୍ଜିଆ ଥାନାର ବିଭିନ୍ନ ଅଞ୍ଚଳରେ ବେଆଇନ ମଦ ବିକ୍ରୟ ହେଉଥିବା ସୂଚନାପାଇ ଚଢ଼ାଉ କରିଥିଲେ। ଘାଘରବେଡ଼ା ଥାନା ଅଧୀନ ପାରାବେଡ଼ା ଗ୍ରାମର ମହେଶ୍ୱର



ପିଙ୍ଗୁଆ ମଦ କାରବାର କରୁଥିବା ଅଭିଯୋଗରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ୧୮ଲିଟର ମଦ ଜବତ ହୋଇଛି। ସେହି ଥାନା ଅଧୀନ ବଡ଼କେଶରୀ ଗ୍ରାମର ସାରଙ୍ଗ ଗିରିଙ୍କଠାରୁ ୧୯ଲିଟର ମଦ ଜବତ କରାଯାଇଛି। ରରୁଆଁ ଥାନା ଅଧୀନ ଫୁଲଗୁଛା ଗ୍ରାମର ଛତିଶ ଚନ୍ଦ୍ର ନାୟକ ଗିରଫ ହୋଇଥିବା ବେଳେ ତାଙ୍କ ନିକଟରୁ ୨୦ଲିଟର ମଦ ଜବତ କରାଯାଇଛି। ସେହିପରି କରଞ୍ଜିଆ ଥାନା ଅଧୀନ କାଳିକାପୁର ନିକଟରୁ ସରାଭାଡି ଗ୍ରାମର ଚନ୍ଦ୍ରିକା ଛକିଙ୍କଠାରୁ ୧୫ଲିଟର ମଦ ଜବତ କରାଯିବା ସହିତ ଜଣେ ମହିଳାଙ୍କୁ ମଧ୍ୟ ଗିରଫ କରାଯାଇଛି।

## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ବୈଶିଙ୍ଗା,୧୦।୨(ରତନ ଦାଶ)

ବୈଶିଙ୍ଗା ଥାନା ଅଧୀନ ତାଳପଦା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ନିର୍ଯାଦେଇ ଘରୁ ତଡିଦେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ମଲ୍ଲିକ ଅବଦୁଲ ହୁସେନଙ୍କ ସହିତ ଗୋବିନ୍ଦରାୟପୁର ଗ୍ରାମର ଓସେଦ ଅଲ୍ଲୀଙ୍କ ୨୦ ବର୍ଷିୟା ଝିଅ ରୋଜିନା ଖାତୁନଙ୍କ ବିଭାଘର ସରିବା ପରେ ଉଭୟଙ୍କ ୭ ମାସର କନ୍ୟା ସନ୍ତାନଟିଏ ରହିଛି। ଅବଦୁଲ ହୁସେନଙ୍କୁ ପରିବାର ପ୍ରତିପୋଷଣ ପାଇଁ ଘର ଛାଡ଼ି ବାହାରେ ରହିବାକୁ ପଡ଼ିଥାଏ। ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତି ପରିବାର ଲୋକଙ୍କ ଦୁର୍ବ୍ୟବହାର କାରଣରୁ ରୋଜିନା ଘରୁ ପଳାଇଯାଇ ବାପଘରେ ରହୁଥିଲେ। ତାଙ୍କ ମା' ବୁଝାଶୁଝା କରି ରୋଜିନାଙ୍କୁ ଶାଶୁଘରେ ଛାଡ଼ିବାକୁ ଆସିଥିଲେ। ହେଲେ ସେମାନେ ତାଙ୍କୁ ଗ୍ରହଣ ନ କରିବା ଯୋଗୁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

ରୋଜିନା ତାଙ୍କ ମା'ଙ୍କ ସହିତ ଫେରି ଆସି ପୋଲିସ ନିକଟରେ ସୋମବାର ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୫୪/୨୬) ରୁଜୁ ହୋଇଛି। ଅନ୍ୟପକ୍ଷରେ ରୋଜିନା ତାଙ୍କ ଘରେ ଜବରଦସ୍ତ ପ୍ରବେଶ ଉଦ୍ୟମ କରିଥିବା ଏବଂ ପରିବାର ଲୋକଙ୍କୁ ମାରଧର କରିଥିବା ନେଇ ସ୍ୱାମୀ ଅବଦୁଲ ପାଲଟା ଅଭିଯୋଗ ଦାଖଲ କରିଛନ୍ତି। ଏହାକୁ ନେଇ ପୋଲିସ ଅନ୍ୟଏକ ମାମଲା(ନଂ.୫୭/୨୬) ଏକ ମାମଲା ରୁଜୁ କରିଛି। ଏସଆଇ ଇତିଶ୍ରୀ ସାହୁ ଉଭୟ ଘଟଣାର ତଦନ୍ତ କରୁଛନ୍ତି।

## ପ୍ରଥମ ପର୍ଯ୍ୟାୟରେ ଘର ଗଣନା

ବାରିପଦା,୧୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମୁର୍ଗାବାଡ଼ି ସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ୨୦୨୭ ଜନଗଣନା ପାଇଁ ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, କପ୍ତିପଦା ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ପରିସଂଖ୍ୟାନ ଅନୁସନ୍ଧାନକାରି ମୋହନ ଚନ୍ଦ୍ର ପୁରୁଧୁଲ ଓ ତନ୍ମୟ ଗୁପ୍ତା ଯୋଗ ଦେଇଥିଲେ।

ଏହି ଅବସରରେ ସହକାରୀ ନିର୍ଦ୍ଦେଶକ ଦାସ କହିଥିଲେ ଯେ, ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ ଯାହାକି ଚଳିତ ବର୍ଷ ୧୬ ଏପ୍ରିଲ ରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ୩୦ ଦିନ ମଧ୍ୟରେ ହେବ। ଏହି କ୍ରମରେ ଗୃହ ତାଲିକା ଓ ଗୃହ ଗଣନା ହେବ। ଜଣେ ନାଗରିକ ଚାହିଁଲେ ସେନସସ ପୋର୍ଟାଲରେ ଲଗଇନ କରି ନିଜ ତଥ୍ୟ ଅପଲୋଡ୍ କରି ଆତ୍ମ ଗଣନା କରିପାରିବେ। ଜଣେ ସଚେତନ

**ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ**

ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ଠିକ୍ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଆତ୍ମ ଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ ଜରିଆରେ ଘରକୁ ଘର ଯାଇ ତଥ୍ୟ ଅଣାଯିବ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୨୦୨୭ ଫେବୃଆରୀ ୯ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା ହେବ ଏବଂ ୧ ମାର୍ଚ୍ଚରୁ ୫ ମାର୍ଚ୍ଚ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ। ମାତ୍ର ବର୍ତ୍ତମାନ ପାଇଁ ଗୃହ ଗଣନା ପରିପ୍ରେକ୍ଷୀରେ ମୁଖ୍ୟ କାର୍ଯ୍ୟ ହେଉଛି ଗୃହତାଲିକା ବ୍ଲକ ପ୍ରସ୍ତୁତି। ଏହି କାର୍ଯ୍ୟ ପାଇଁ ୭୦୦ରୁ ୮୦୦ ଜନସଂଖ୍ୟା ବିଶିଷ୍ଟ କିମ୍ବା ୧୫୦ ରୁ ୧୮୦ ଗୃହଥିବା ଗ୍ରାମକୁ ଗୋଟିଏ ଗୃହତାଲିକା ବ୍ଲକ ଭାବେ ନେଇ ପ୍ରତ୍ୟେକ ୬ଟି ଗୃହତାଲିକା ବ୍ଲକକୁ ନେଇ ଗୋଟିଏ ସର୍କଲ ପ୍ରସ୍ତୁତ ହେବ। ଜଣେ ସୁପରଭାଇଜର ଅଧୀନରେ ୬ ଜଣ ଗଣନାକାରି ରହିବେ। ଗୃହଗଣନା କାର୍ଯ୍ୟରେ ଯଦି କିଛି ପ୍ରତିବନ୍ଧକ ଦେଖାଦେବ ତେବେ ଚାର୍ଜ ଅଫିସର ସ୍ଥାନୀୟ ଅଞ୍ଚଳର ଆର୍‌ଆଇ, ଅମିନ, କାଉନସିଲରମାନଙ୍କ ସହାୟତା ନେଇ ଏହାର ସମାଧାନ କରିବେ। ଗୃହ ତାଲିକା ବ୍ଲକ ପ୍ରସ୍ତୁତ ସମୟରେ ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ। ଏହାର ସୁପରିଚାଳନା ପାଇଁ ପିରାମିଡ ଆଧାରରେ ଜାତୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରି ଓ ସୁପରଭାଇଜର ନିୟୋଜିତ କରାଯିବା ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ମାଷ୍ଟର ଟ୍ରେନରମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପରେ ଜିଲାସ୍ତରୀୟ ନିୟୋଜିତ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ତାଙ୍କ କାର୍ଯ୍ୟ ସମ୍ବନ୍ଧୀୟ ପର୍ଯ୍ୟାୟ କ୍ରମେ ତାଲିମ ଦିଆଯିବ।

କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଅତିରିକ୍ତ ତହସିଲଦାର, ଅତିରିକ୍ତ ଉପଜିଲାପାଳ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନଗଣନା କାର୍ଯ୍ୟରେ ସଂଶ୍ଳିଷ୍ଟ ସହକାରୀ କର୍ମଚାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାଧାରଣ ଓ ବିବିଧ ବିଭାଗର ସହକାରୀ ଜିଲାପାଳ ମାନସୀ ତରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳନ

ବାରିପଦା,୧୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ ହୋଇଯାଇଛି। ଏନଆଇସି ତଥା ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ତରଫରୁ ମୟୂରଭଞ୍ଜ ଜିଲା ସୂଚନା ବିଜ୍ଞାନ ଅଧିକାରୀ ଅଜୟ କୁମାର ମହାପାତ୍ର, ନେଟୱର୍କ ଇଞ୍ଜିନିୟର ମଧୁସ୍ମିତା ମିଶ୍ର, ଉମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର ଓ ଏ.ଆଇ ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଛାତ୍ରୀ ଓ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ପ୍ରଶିକ୍ଷିତ କରିବା ସହିତ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଜି ବିଜ୍ଞାନ ଆମକୁ ସଫଳତାର ଶୀର୍ଷରେ ପହଞ୍ଚେଇବାକୁ ପ୍ରୟାସ କରୁଛି ଓ ଆମ ସମାଜର ବିକାଶରେ ସହାୟ ହେଉଛି। ଏହି କ୍ରମରେ ଆମ ଜ୍ଞାନର ବିକାଶ ପାଇଁ ତଥା ଦେଶ ବିଦେଶରେ ଖବର ଓ ତଥ୍ୟ ଇଣ୍ଟରନେଟ ମାଧ୍ୟମରେ ଖୁବ କମ ସମୟରେ ଘରେ ବସି ପାଇପାରୁଛୁ। ଇଣ୍ଟରନେଟରେ ଏ. ଆଇ ଆମପାଇଁ ଏକ ବଡ଼ ବରଦାନ। ଏହା ସତ୍ତ୍ୱେ ମଧ୍ୟ ଆମେ ବିଭିନ୍ନ ସମୟରେ ବିଭିନ୍ନ ଭାବେ ଏହି ଇଣ୍ଟରନେଟ ଦ୍ୱାରା ଠକାମୀର ଶିକାର ହେଉଛୁ ବୋଲି କହିଥିଲେ। ଶେଷରେ ଇଣ୍ଟରନେଟ ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନେଟୱର୍କ ଇଞ୍ଜିନିୟର ଉମେଶ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିଲାବେଳେ ଗଣିତ ବିଭାଗର ସହକାରୀ ପ୍ରଫେସର ଅଭିଷେକ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବଢ଼ିଲା ଟାର୍ଗେଟ

## କିଣାହେବ ଅଧିକ ୫ ଲକ୍ଷ କୁଇଣ୍ଟାଲ ଧାନ

ବାରିପଦା,୧୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଧାନକିଣା ଟାର୍ଗେଟ ବୃଦ୍ଧି ପାଇଛି। ଅଧିକ ୫ ଲକ୍ଷ କୁଇଣ୍ଟାଲ ଧାନ କିଣା ହେବା ନେଇ ନିଷ୍ପତ୍ତି ପରେ ମୋଟ ୧୯ ଲକ୍ଷ କୁଇଣ୍ଟାଲ ଧାନ କିଣା ହେବ ବୋଲି ସୂଚନା ମିଳିଛି। ମାତ୍ର ଧାନକିଣା ଆରମ୍ଭ ଦିନଠାରୁ ଅଦ୍ୟାବଧି ମିଲ୍‌ଗୁଡ଼ିକ ଚାଲୁ କରାଯାଉ ନ ଥିବାରୁ ଗଚ୍ଛିତ ଧାନ ରଖିବା ନେଇ ମିଲରଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଫଳରେ ଗୋଦାମଗୃହର ଆବଶ୍ୟକତାକୁ ନେଇ ଚାଷୀଙ୍କଠାରୁ ଧାନ କିଣିବାକୁ ମିଲରମାନେ ଅସମର୍ଥ ହୋଇପଡ଼ିଛନ୍ତି।

ଜିଲାରେ ୫୫ ହଜାର ୯୩୮ ପଞ୍ଜୀକୃତ ଚାଷୀଙ୍କଠାରୁ ପର୍ଯ୍ୟାୟ କ୍ରମେ ୧୦୩ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ ଜରିଆରେ ୧୪ଲକ୍ଷ



୬୬ହଜାର ୧୦୩ କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ରଖାଯାଇଥିଲା । ଅଦ୍ୟାବଧି ୩୭ ହଜାର ୮ଶହ ଚାଷୀଙ୍କଠାରୁ ୧୪ ଲକ୍ଷ ୨୦ ହଜାର କୁଇଣ୍ଟାଲ ଧାନ କିଣା ହୋଇଛି। ପ୍ରଥମ ପର୍ଯ୍ୟାୟ ଧାନ କିଣାଯିବାର ଲକ୍ଷ୍ୟ ପୂରଣ ହେବା ପରେ ଅଧିକ କିଣା ହେବା ନେଇ ଟାର୍ଗେଟ ଆସିଛି । ତେବେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଧାନକିଣା କାର୍ଯ୍ୟ ଶେଷ ହେବାକୁ ଥିବା ବେଳେ ଆହୁରି ୧୮ହଜାର ୧୩୮ ଚାଷୀଙ୍କଠାରୁ ଧାନ କିଣା ହେବାକୁ ବାକି ରହିଛି। ଜିଲାରେ ଗତ ଡିସେମ୍ବର ୨୬ରୁ ମଣ୍ଡି ଆରମ୍ଭ ହୋଇଥିବା ବେଳେ ଅଦ୍ୟାବଧି ମିଲ୍‌ଗୁଡ଼ିକ ଚାଲୁ କରାଯାଇନାହିଁ । ଫଳରେ ଧାନ ଗଚ୍ଛିତ ରଖିବା ପାଇଁ ସ୍ଥାନର ପର୍ଯ୍ୟାପ୍ତ ଅଭାବ ରହିଛି । ଏପରିକି ଗତ ବର୍ଷ ଧାନ କିଣାର ୭ଦିନ ପରେ ମିଲ୍‌ଗୁଡିକ ଚାଲୁ ରହିଥିବାରୁ ସରକାରଙ୍କ ଧାର୍ଯ୍ୟ ଧାନ କିଣା ସମ୍ଭବ ହୋଇପାରିଥିଲା ବୋଲି

- ଅଢ଼େଇ ମାସ ହେଲା ମିଲ୍ ବନ୍ଦ
- ଧାନ ଗଚ୍ଛିତ ରଖିବାକୁ ନେଇ ମିଲର ଚିନ୍ତାରେ

ମିଲରମାନେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଧାନ କିଣା ହେବାର ୪୬ଦିନ ବିତିଯାଇଥିଲେ ମଧ୍ୟ ମିଲ ଚାଲୁ କରିବା ନେଇ କୌଣସି ନିର୍ଦ୍ଦେଶ ଆସିନାହିଁ । ଚାଉଳ ପ୍ରସ୍ତୁତ ହୋଇପାରୁ ନ ଥିବା ବେଳେ ଅଧିକ ଧାନ କିଣା ସମସ୍ୟା ମୁଣ୍ଡ ଟେକିଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କୁ ପଚାରିବାରୁ ସୋମବାର ୫ଲକ୍ଷ କୁଇଣ୍ଟାଲ ଧାନ କିଣାଯିବାକୁ ଅତିରିକ୍ତ ଟାର୍ଗେଟ ଆସିଛି। ଧାନ ବିକି ପାରି ନ ଥିବା ଅବଶିଷ୍ଟ ଚାଷୀଙ୍କଠାରୁ ଧାନ କିଣାଯିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ମିଲ୍ ଚାଲୁ ହେବ ବୋଲି ସେ କହିଛନ୍ତି।

# ରଣସାହି ସମବାୟ ସମିତିରେ ଧାନ କିଣା ଅବ୍ୟବସ୍ଥା

## ସିଏସ୍‌ଓଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଧାରଣାରେ ବସିଲେ ଚାଷୀ

ବାଲେଶ୍ୱର,୧୦।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଉତ୍ତେଜନା ଦେଖାଦେଇଛି। ସମିତିରେ ଧାନ ବିକ୍ରି ସମସ୍ୟା ଅଭିଯୋଗ ନେଇ ଆସିଥିବା ଚାଷୀଙ୍କୁ ସିଏସ୍‌ଓ ଅଭଦ୍ର କହିବା ଅଭିଯୋଗରେ ଚାଷୀମାନେ ଧାରଣାରେ ବସିଥିଲେ। ରଣସାହି ସରପଞ୍ଚ ସୂର୍ଯ୍ୟକାନ୍ତ ବେହେରା ଚାଷୀଙ୍କୁ ଅଭଦ୍ର କହିବାର କାରଣ ସମ୍ପର୍କରେ ସିଏସ୍‌ଓଙ୍କୁ ପଚାରିଥିଲେ। କିଛି ସମୟ ପରେ ଆପୋଷ ସମାଧାନ ହୋଇଥିଲା। ୧୩ତାରିଖ ସୁଦ୍ଧା ଚାଷୀଙ୍କ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନ ରଣସାହି ସେବା ସମବାୟ ସମିତିରେ ଚଳିତବର୍ଷ ଧାନବିକ୍ରି ପାଇଁ ୭୫୯ ଚାଷୀ ନାମ ପଞ୍ଜିକୃତ କରିଥିଲେ। ଏଯାବତ୍ ୭ଶହ ଚାଷୀଙ୍କୁ ଟୋକନ୍ ମିଳିଛି। ଗତ ଡିସେମ୍ବର ୨୫ରୁ ଧାନ କିଣାପାଇଁ ସମିତିକୁ ଟାର୍ଗେଟ୍ ଆସିଛି। ଅଦ୍ୟାବଧି ୧୩ହଜାର କୁଇଣ୍ଟାଲ ଧାନକିଣା ପାଇଁ ଟାର୍ଗେଟ୍ ଆସିଥିଲେ ହେଁ ମାତ୍ର ୩ହଜାର ୪ଶହ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡ଼ିଛି। ମିଲର ଧାନ କିଣିବାପାଇଁ ନିୟମିତ ଆସୁ ନ ଥିବାରୁ ଧାନକିଣାରେ ଅବ୍ୟବସ୍ଥା ଲାଗିରହିଛି। ଅପରପକ୍ଷରେ ଶତାଧିକ ଚାଷୀଙ୍କ ଟୋକନ୍ ଅବଧି ଶେଷ ହୋଇଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ସମସ୍ତ ଚାଷୀ କିପରି ସମିତିରେ ଧାନ ବିକ୍ରି କରିପାରିବେ ସେ ସମ୍ପର୍କରେ ସିଏସ୍‌ଓଙ୍କ ସହ ଆଲୋଚନା ବେଳେ ଏଭଳି ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ୧୫ଦିନ ମଧ୍ୟରେ ଧାନ ବିକ୍ରି ସମସ୍ୟାର ସମାଧାନ ନ ହେଲେ ଜିଲାପାଳ ଓ ସିଏସ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନବସ୍ତା ରଖି ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।


ଧାରଣାରେ ବସି ଚାଷୀଙ୍କ ପ୍ରତିବାଦ।

# 'ଯୁବଶକ୍ତି ଦ୍ୱାରା ରାଷ୍ଟ୍ର ନିର୍ମାଣ ସମ୍ଭବ'

## ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବସ୍ତା, ୧୦।୨ (ହରିଶଙ୍କର ପାଢୀ)

ବସ୍ତା ବ୍ଲକ ଅଧୀନ ଜାମସୁଲି ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ର ହେଉଛନ୍ତି ମହାବିଦ୍ୟାଳୟର ଶ୍ରେଷ୍ଠ ସମ୍ପଦ। ଯୁବଶକ୍ତି ଦ୍ୱାରା ରାଷ୍ଟ୍ର ନିର୍ମାଣ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ଶିକ୍ଷା ଦ୍ୱାରା ଅଜ୍ଞାନ ରୂପକ ଅନ୍ଧକାର ଦୂର ହୁଏ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନୀୟ ଅତିଥି ଭାବେ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ଆମର ଅତୀତ ଗୌରବମୟ। ଅତୀତକୁ ବିଶ୍ୱାସ କରିବାକୁ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ଏଡିଜିପି ଗୋପବନ୍ଧୁ ମଲ୍ଲିକ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ମହେଶ୍ୱର ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ଅଧ୍ୟକ୍ଷ ଦିବ୍ୟେନ୍ଦୁ ଗିରି, ସଙ୍ଗଠନ ସଭାପତି ଲକ୍ଷ୍ମୀଧର ଦାସ, ସାଧାରଣ ସମ୍ପାଦକ ଭଜହରି ପରିଡା, ସମ୍ପାଦକ ରାଧାକୃଷ୍ଣ ବେହେରା, ଉପସଭାପତି ସୀତାଂଶୁ ଶେଖର ସାହୁ, ଗୌରାଙ୍ଗ ବିଶ୍ୱାଳ, ଫଗନାଲ ବିଶ୍ୱାଳ, ସୁଶାନ୍ତ ଦାସ, ବିପିନ ବିଶ୍ୱାଳ, ଶୁଭାଂଶୁ ନାୟକ, କୁଲୁକି କମିଟି ଆବାହକ ଅଧ୍ୟାପକ ପରମାନନ୍ଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ନରେନ୍ଦ୍ର ନାଥ ପାତ୍ର ମଞ୍ଚ ଆବାହକ, ଅଧ୍ୟାପିକା ରାଜଶ୍ରୀ ପାଣିଗ୍ରାହୀ ବେଦପାଠ, ଅଧ୍ୟାପକ ଅଜିତ ଭୂୟାଁ ବିବରଣୀ ପାଠ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ କଲେଜର କେତେଜଣ ନିର୍ମାତାଙ୍କୁ ସମ୍ମାନିତ କରାଯାଇଥିଲା। ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ତାପସ ତନୟ ନନ୍ଦୀ, ଦେବେନ୍ଦ୍ର ଘୋଷ, ଆଶୁତୋଷ ଯତି, ଡ଼. ସୁକାନ୍ତ ଗିରି, ବଙ୍କିମ ମୈକାପ, ସବିର ହୋସେନ, ଦେବବ୍ରତ ଦାସ, ଗୋପୀନାଥ ପଣ୍ଡା, ପର୍ଶୁରାମ ଗିରି, ଅଧ୍ୟାପିକା ସବନମ ଖାତୁନ, ଲିମନ ଲିପ୍ସା ପାତ୍ର, ସ୍ୱାଗତିକା ଜେନା ଓ ବଂଶୀଧର ନାୟକ ପ୍ରମୁଖ ପରିଚାଳନା କରିଥିଲେ।


ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥି।

# ଅଗ୍ନିକାଣ୍ଡରେ ୨ ପରିବାର ସର୍ବସ୍ୱାନ୍ତ


ମୁଣିଦାରେ ପୋଡ଼ିଯାଇଥିବା ଘର।

ଖଇରା,୯।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମୁଣିଦା ଓ ମଛଦା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ମୁଣିଦାରେ କେହି ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଥିବା ବେଳେ ମଛଦାରେ ଆକସ୍ମିକ ବୋଲି କୁହାଯାଉଛି। ଅଚ୍ୟୁତପୁର ପଞ୍ଚାୟତ ଅଧୀନ ମୁଣିଦା ଗ୍ରାମରେ ଘରପୋଡିର ଶିକାର ହୋଇଥିବା ନିରଞ୍ଜନ ପାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ସୋମବାର ରାତି ପାଖାପାଖି ୧୦ଟା ବେଳେ ପ୍ରଥମେ ନିଆଁ ଲାଗିଥିବା ବେଳେ ଏହାକୁ ଆୟତ୍ତ କରାଯାଇଥିଲା। ପୁନଶ୍ଚ ରାତି ପ୍ରାୟ ୨ଟା ବେଳେ ପୁଣି ଘରେ ଧୂଆଁ ଭର୍ତ୍ତି ହୋଇଯିବା ବେଳେ ଘର ଲୋକ ଦୌଡି ବାହାରକୁ ପଳାଇ ଆସୁଥବା ବେଳେ ଜଣେ ପଡୋଶୀ ଦୌଡି ପଳାଇଯାଉଥିବା ପରିବାର ଲୋକଙ୍କ ନଜରକୁ ଆସିଥିଲେ। ସକାଳେ ଖଇରା ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ କରିଛି। ମୁଣିଦା ଗ୍ରାମକୁ ଯିବା ରାସ୍ତାରେ ପୋଲ ପାଇଁ ଗାଡ ଖୋଳାଯାଇଥିବାରୁ ଅଗ୍ନିଶମ ବାହିନୀ ବହୁ ବିଳମ୍ବରେ ପହଞ୍ଚିଥିଲା। ସେହିଭଳି ଗଗନଧୂଳି ପଞ୍ଚାୟତ ମଛଦା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ହରିହର ମଲ୍ଲିକଙ୍କର ୪ବଖରା ବାସଗୃହ ପୋଡି ନଷ୍ଟ ହୋଇଯାଇଛି। ଏଥିରେ ଧାନ, ଚାଉଳ, ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି।

# ସନ୍ତୋଷ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି

## ଜିଲାକୁ ୬ ମନୋନୀତ

ଭୋଗରାଇ, ୧୦।୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର ନୂତନ କଂଗ୍ରେସ ସଭାପତି ଭାବେ ସନ୍ତୋଷ କୁମାର ଜେନା ଓ ଜିଲା କଂଗ୍ରେସ କମିଟିକୁ ୬ଜଣ ବରିଷ୍ଠ ନେତ୍ରୀନେତାମାନେ ମନୋନୀତ ହୋଇଥିବା ପ୍ରଦେଶ କଂଗ୍ରେସ ଓ ଜିଲା କଂଗ୍ରେସ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଜିଲା କଂଗ୍ରେସର ପୁନର୍ଗଠନ ନିମନ୍ତେ କଂଗ୍ରେସର ତତ୍ପରତା ପ୍ରକାଶ ପାଇବା ପରେ ଭୋଗରାଇରେ ସାଙ୍ଗଠନିକ ଶକ୍ତିବୃଦ୍ଧି ନିମନ୍ତେ ସାଧୁତା ଓ ନିଷ୍ଠାପର ଭାବେ କାର୍ଯ୍ୟ କରିଆସୁଥିବା ଜିଲାର ଏକମାତ୍ର ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନାଙ୍କୁ ପ୍ରଦେଶ କଂଗ୍ରେସ ଓ ଜିଲା କଂଗ୍ରେସ କମିଟି ଆଲୋଚନା ଓ ପର୍ଯ୍ୟାଲୋଚନ କରି ତାଙ୍କୁ ବ୍ଲକ କଂଗ୍ରେସ ସଭାପତି ଭାବେ ଦଳ ପକ୍ଷରୁ ମନୋନୀତ କରାଯାଇଛି। ନୂତନ ବ୍ଲକ ସଭାପତି ଜେନାଙ୍କ ସହିତ ଜିଲା ଉପସଭାପତି ଭାବେ ବରିଷ୍ଠ ନେତା ଗୋପବନ୍ଧୁ ମହାପାତ୍ର, ପ୍ରଦୀପ ନାୟକ, ସାଧାରଣ ସମ୍ପାଦକ ସୁମନ୍ତ କୁମାର ବେହେରା, ସମ୍ପାଦକ ଶିଶିର ଦାସ ମହାପାତ୍ର, ମମତା ସାହୁ, ଉମାରାଣୀ ଦାସଙ୍କୁ ଜିଲା କଂଗ୍ରେସ କମିଟିକୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବାର ମଙ୍ଗଳବାର ଅପରାହ୍ନରେ ଭୋଗରାଇ କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତାମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ କଂଗ୍ରେସର ନୂତନ ସଭାପତି ଓ ଜିଲାକୁ ମନୋନୀତ ହୋଇଥିବା ନେତ୍ରୀନେତାଙ୍କୁ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଂଗ୍ରେସ ନେତା ଦେବୀଦାସ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ସୁର, ବରିଷ୍ଠ ନେତା ରାଜେନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଦଳାଇ, କାର୍ତ୍ତିକ ଚନ୍ଦ୍ର ପାତ୍ର, ଦୀପକ କୁମାର ଜେନା, ରାଧାଗୋବିନ୍ଦ ଦାସ, ଭଗବାନ ରଣା, ଯୁବ କଂଗ୍ରେସ ସଭାପତି ଚିନ୍ମୟ ଦାସ ସହ ବହୁ ଛାମୁଆନେତା ଯୋଗ ଦେଇଥିଲେ।


କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଜଳେଶ୍ୱର, ୧୦।୨(ନବୀନ ସାହୁ): ଜଳେଶ୍ୱର ପୌରପାଳିକା ଅଧୀନ ଶାନ୍ତିଆସ୍ଥିତ ଉଦ୍ୟାନ ଭବନ ପରିସରରେ ମଙ୍ଗଳବାର ଏକ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକଙ୍କ ଉନ୍ନତି ତଥା ନୂତନ ଜ୍ଞାନକୌଶଳରେ ଚାଷ କାର୍ଯ୍ୟକୁ ଆଗେଇ ନେବା ପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ବୈଠକରେ ବ୍ଲକ ଉଦ୍ୟାନ ବିଭାଗ ଅଧିକାରିଣୀ ସୌମ୍ୟ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ବ୍ଲକ ସଂଯୋଜକ ସନ୍ତୋଷ ପାତ୍ର, ଓଡ଼ିଶା ଜୀବିକା ମିଶନ ବ୍ଲକ ଅଧିକାରୀ ନିହାର ରଞ୍ଜନ ବେହେରା, ବ୍ଲକ ସାଗର ମିତ୍ର ସତ୍ୟପ୍ରକାଶ ସେନାପତି, ବ୍ଲକ ପ୍ରାଣୀ ବିଭାଗ ଅଧିକାରୀ ସତ୍ୟନାରାୟଣ ମହାପାତ୍ର, କେଦାର ଚରଣ ଜେନା ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଚାଷୀ ଓ ମହିଳା ଗୋଷ୍ଠୀଙ୍କୁ ପରାମର୍ଶ କର୍ମଶାଳାରେ ସ୍ଥାନୀୟ ଏସଏଚ୍‌ଜି ମହିଳା, ସିଆରପି ଏବଂ ଏମବିକେମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ବିଶେଷଜ୍ଞମାନେ ଆଧୁନିକ ଉଦ୍ୟାନ କୃଷି, ପନିପରିବା ଚାଷ ଓ ଏହାର ସଫଳ ପରିଚାଳନା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ମହିଳାମାନେ କିଭଳି କୃଷି ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବେ ଏବଂ ସରକାରୀ ଯୋଜନାର ସୁଫଳ ପାଇପାରିବେ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ପ୍ରତିନିଧି ଚାଷୀଙ୍କ ସମସ୍ୟା ବୁଝିବା ସହ ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ।


କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ

## ରକ୍ତହୀନତା କୃମି ସଂକ୍ରମଣର ମୁଖ୍ୟ ସମସ୍ୟା

ବାଲେଶ୍ୱର,୧୦।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବଟେଶ୍ୱର ଶ୍ରୀରାମଚନ୍ଦ୍ର ମହାବିଦ୍ୟାଳୟ ସଭାକକ୍ଷରେ ମଙ୍ଗଳବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଡା. ବେହେରା ରକ୍ତହୀନତା କୃମି ସଂକ୍ରମଣର ମୁଖ୍ୟ ସମସ୍ୟା ବୋଲି ବକ୍ତବ୍ୟରେ କହିଥିଲେ। ବର୍ଷକୁ ଦୁଇଥର ଫେବୃୟାରୀ ୧୦ ଏବଂ ଅଗଷ୍ଟ ୧୦ରେ କୃମିନାଶକ ବଟିକା ଚୋବାଇ ଖାଇବାକୁ ଉପଦେଶ ଦେଇଥିଲେ। ସହକାରୀ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟୋଜନ) ଡ଼ା ପରେଶ ନନ୍ଦୀ, ସହକାରୀ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ମ୍ୟାଲେରିଆ) ଡ଼ା. ସୂର୍ଯ୍ୟପ୍ରକାଶ ରାଉତରାଏ, ଡିପିଏମ ଚକ୍ରଧର ଜେନା, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ର କୃମିନାଶକ ଔଷଧ ସେବନ କରିଥିଲେ। ଭାରପ୍ରାପ୍ତ ଜିଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ। ଡିଏମଆର୍‌ସିଏଚ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରା ଉଦ୍‌ବୋଧନ ଦେଉଛନ୍ତି।

# ଲକ୍ଷାଧିକ ଟଙ୍କାର ଗହଣା ଚୋରି

ସୋର, ୧୦।୨(ଜନ୍ମେଜୟ ମିଶ୍ର): ସୋର ଥାନା କେଶରୀପୁର ପଞ୍ଚାୟତ ଫଟାଅର୍ଜୁନ ଛକ ନିକଟରେ ଥିବା ଏକ ଗହଣା ଦୋକାନରୁ ଦୁର୍ବୃତ୍ତମାନେ ଦୋକାନର କାନ୍ଥ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। କେଶରୀପୁର ଗ୍ରାମର ରାଜେନ୍ଦ୍ର ସାହୁ ଫଟାଅର୍ଜୁନ ଛକରେ ନୀଳମଣି ଜୁଏଲେରୀ ନାମରେ ଏକ ଗହଣା ଦୋକାନ କରିଛନ୍ତି। ସୋମବାର ରାତିରେ ସେ ଦୋକନ ବନ୍ଦ କରି ଘରକୁ ଯାଇଥବା ବେଳେ ସୋମବାର ସକାଳେ ତାଙ୍କ ଦୋକନ କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିଲେ। ଦୋକାନ ଲକରରୁ ୫ଶହ ଗ୍ରାମ ସୁନା ଓ ୫ କେଜିରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ସମେତ ନଗଦ ୧୨ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡ଼ିଛି। ସୋର ପୋଲିସ ପହଞ୍ଚି ତଦନ୍ତ କରିଛି ।

## ବାବା ବାଲୁକେଶ୍ୱର ମହୋତ୍ସବର ୨ୟ ସନ୍ଧ୍ୟା

# ସମ୍ପର୍କର ସେତୁ ସୃଷ୍ଟିକରେ ମହୋତ୍ସବ


ମଞ୍ଚରେ ଉପସ୍ଥିତ ଅତିଥି।

ଖଇରା, ୯।୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମରେ ୩ୟ ବାବା ବାଲୁକେଶ୍ୱର ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ବାବା ବାଲୁକେଶ୍ୱର ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ଗାଁ, ଦେଶ ଓ ଜାତି ମଧ୍ୟରେ ସମ୍ପର୍କରେ ସେତୁ ସୃଷ୍ଟି କରେ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ରଘୁନାଥ ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରସ୍ପର ମଧ୍ୟରେ ସମନ୍ୱୟ ରହିଲେ ମହୋତ୍ସବ ସୁଦୃଢ଼ ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଶରତ କୁମାର ଜେନା, ମହୋତ୍ସବ କମିଟି ସମ୍ପାଦିକା ମିତା ସେଠୀ, ସଭାପତି ବିଭୁତି ଭୂଷଣ ମାହାନା ପ୍ରମୁଖ ଉପସ୍ଥିତ ଥିଲେ। ଗୟାଧାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁଥିଲା।


## ତହସିଲ କାର୍ଯ୍ୟାଳୟ, ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର
### ନୋଟିସ

No. 24001/18/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାନ୍ୟବର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୨୧ର ଆଦେଶ ମୁତାବକ ଶ୍ରୀ ନବୀନ କୁମାର ସାହୁ, ପିତା: ନାରାୟଣ ସାହୁ, ନିବାସୀ: କନ୍ଦୋମୁଣ୍ଡାଙ୍କଠାରୁ ଟ.୨,୯୯,୭୯,୦୭୭.୦୦ (ଦୁଇ କୋଟି ଅନେଶତ ଲକ୍ଷ ଅଣସ୍ତରି ହଜାର ସତସ୍ତରୀ) ଟଙ୍କା ମାତ୍ର ଆଦାୟ ନିମନ୍ତେ ନିମ୍ନ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଛି।

| କ୍ର. ସଂଖ୍ୟା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୧ | ସାହାଜବାହାଲ | ୮୯ | ୩୩୫ | | ୦.୯୦୮ |
| ୨ | ସାହାଜବାହାଲ | ୮୯ | ୩୪୧ | | ୧.୨୩୦ |
| ୩ | ଇଚ୍ଛାପୁର | ୧୯୫ | ୧୩୦୪ | ଜଳସେଚିତ | ୦.୧୫୦ |
| ୪ | ଇଚ୍ଛାପୁର | ୧୯୫ | ୧୨୨୨ | ଘର | ୦.୦୧୮ |
| ୫ | ଇଚ୍ଛାପୁର | ୧୯୫ | ୧୨୫୫ | ଘର | ୦.୦୪୦ |
| ୬ | ଇଚ୍ଛାପୁର | ୧୯୫ | ୧୨୬୫ | ବାରି | ୦.୦୫୦ |

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୦୨।୨୦୨୬ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ, ରାମପୁରଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

OIPR-24001/24323/1/25-26/0001
ସ୍ୱା./- ତହସିଲଦାର, ରାମପୁର

## ପୂର୍ବ ତଟ ରେଳପଥ
### ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

(1) ଷ୍ଟେସନ ଏବଂ ସ୍ଥାନ : କଟକ-2 ଚକିଆ (ରେଳବାଇ ପ୍ରତିଷ୍ଠାନ ନିକଟରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.02.2026, 1530 ଘଟିକା।

(2) ଷ୍ଟେସନ ଏବଂ ସ୍ଥାନ : କେନ୍ଦୁଝର-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 23.02.2026, 1530 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1106/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ /କେଜିପି /୧/୨୦୨୬, ତାରିଖ: ୦୭।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକ ୧୫.୩୦ ଘଟିକା ପୂର୍ବରୁ ଖୋଲାଯିବ। ଟେଣ୍ଡର ନଂ.: ଇ/କେଜିପି/ଜିଏସ୍/୧/୨୦୨୬ । କାର୍ଯ୍ୟର ବର୍ଣ୍ଣନା: ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍‌ୟୁ/ଖଡ଼ଗପୁର, ଖଡ଼ଗପୁର ମଣ୍ଡଳଙ୍କ ଅଧୀନରେ ଗତି ଶକ୍ତି ୟୁନିଟ୍‌ର ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍‌ଏସ୍‌ଏ)ର ନିଯୁକ୍ତି; ଟେଣ୍ଡର ମୂଲ୍ୟ: ₹୮,୬୧,୩୮,୨୫୪.୧୦ । ଅମାନତ ରାଶି: ₹୧୭,୨୨,୮୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୨୪ ମାସ । ଖୋଲାଯିବା ତାରିଖ: ୧୮।୦୩।୨୦୨୬। ବିଡିଂ ଆରମ୍ଭ ତାରିଖ: ତା୦୪।୦୩।୨୦୨୬ରିଖରୁ ତା୧୮।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1165)

Your classified advertisement published in Dharitri will be listed free in Dharitri online edition : www.dharitri.com

## OFFICE OF THE NOTIFIED AREA COUNCIL, G.UDAYAGIRI
### CORRIGENDUM

No. 371 Dt. 07.02.2026

No. 13001/149/2526: In continuation to this Office Bid Identification No. GUDGR-NAC-02/2025-26 invite vide this Office Notice No. 290 Dt.22.01.2026, the following partial modification has been made:
1. Availability of tender online for bidding extended upto : Dt.16.02.2026 at 5.00 P.M.
2. Date & time of opening of the tender : Dt.17.02.2026 at 10.00 A.M.
3. Date & time of evaluation : Dt.18.02.2026 at 11.00 A.M.

All other terms and condition will remain unaltered.

OIPR-13001/13066/1/25-26/0001
Sd./- Executive Officer N.A.C. G.Udayagiri

## GOVERNMENT OF ODISHA
### "e" PROCUREMENT NOTICE
### OFFICE OF THE NOTIFIED AREA COUNCIL, DASPALLA
2nd Corrigendum on Tender Call Notice No. 66 Dt. 08.01.2026
Bid Identification No. NAC-Daspalla-(SAN)-2025-26

No. 422 Dt.: 03.02.2026

No. 13001/151/2526: Corrigendum hereby issued for Tender Call Notice No. 66 / Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.
1. Date & time of opening of Financial Bid : Dt.12.02.2026 at 11.00 A.M.

*All other terms & conditions remain unaltered.

OIPR-13001/13141/1/25-26/0001
Sd./- Executive Officer Notified Area Council, Daspalla

## OFFICE OF THE DISTRICT FISHERIES OFFICER, ANGUL
Ph.: (06764) 236458, E-mail: dfoangul123@gmail.com
### QUOTATION CALL NOTICE

No. 330 Date: 09.02.2026

(Hiring of Vehicle for Official Purpose on Monthly rent basis)

No. 6001/9/2526: Sealed quotations/tenders are invited from interested reputed travel agencies/tour operators or private individuals for providing 1 (One) No. of vehicle having sitting capacity not more than five including driver, for official use in District Fisheries Officer, Angul on monthly rent basis. The tender should reach the undersigned by 23.02.2026 5.30 P.M. through Registered Post/Courier. All tender shall be opened on 24.02.2026 12.00 Noon in the Office of the District Fisheries Office, Angul. The tender should be submitted to DFO, Angul, Mishra Pada, Near Jagannath Temple, Odisha, PIN Code - 759122. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in Office of the District Fisheries Officer, Angul or can be downloaded from www.angul.odisha.gov.in from Dt.11.02.2026 to 23.02.2026.
The undersigned deserve right to postpone/cancel the tender without assign any reason thereof.

OIPR-6001/6064/1/2526/0001
Sd./- District Fisheries Officer, Angul

## ODISHA COAL AND POWER LTD.
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664

### NOTICE INVITING TENDER

NIT No.: OCPL/MCMP/SER-190/2026 Dt.: 11.02.2026

Bids in prescribed format are invited in www.tendersodisha.gov.in from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last Date of Opening of Bid |
|---|---|---|---|---|---|
| 1 | Construction of Boundary wall and Pathway at Kechhobahal Kalyan Mandap, Jharsuguda, Odisha | Rs. 1000 Incl. of GST | 11.02.2026 3.00 P.M. | 07.03.2026 5.00 P.M. | 03.30 P.M. on 11.03.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr. Manager (Contract and Commercial)

## GOVT. OF ODISHA
## ST & SC DEVELOPMENT DEPARTMENT
## INTEGRATED TRIBAL DEVELOPMENT AGENCY: KARANJIA
## DIST- MAYURBHANJ,
### E-PROCUREMENT NOTICE
BID IDENTIFICATION NO-06/2025-26
e-mail: itdakja@nic.in/ itdakaranjia@gmail.com

No.215, Dtd. 02.02.26

No.19001/26/2526: Bid documents consisting of Work, Estimated Costs, Cost of Tender Papers, EMD, Time of Completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. Website i.e. www.tendersorissa.gov.in.

1. No. of Works : 25 (Twenty Five) Nos.
2. Estimated Cost : Varies from 15.00 Lakh to 80.00 Lakh
3. Period of Completion : Varies from 3 Calendar Months to 6 Calendar Months.
4. Date & Time of availability of bid documents : From 10 AM of 4th Day of February 2026 to 21st Day of February 2026 upto 5 PM
5. Last date & time of receipt of bids in the portal : Dt. 21st Day of February 2026 upto 5 P.M.
6. Last date & time of receipt of Bids through Tender Box : Dt.23rd Day of February 2026 upto 3.00 P.M.
7. Bids received through Tender Box shall be opened on : Dt.23rd Day of February 2026 3.30 P.M. onwards
8. Name and address of the Officer Inviting Bids : Project Administrator, ITDA, Karanjia

Further details can be seen/downloaded from the procurement portal i.e. www.tendersorissa.gov.in.

OIPR-19001/19007/1/25-26/0005
Sd./- Project Administrator I.T.D.A., Karanjia

## ସଂକ୍ଷେପରେ

### ୨୦୦୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ହାଟଡ଼ିହୀ,୧୦।୨(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଉଁଅର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଟିମ୍ ଏକାଡେମୀ ଉଁଅର ଉଚ୍ଚ ବିଦ୍ୟାଳୟର ୨୦୦୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ଦିନର ଅଭୁଲା ଅନୁଭୂତିକୁ ବଖାଣିଥିଲେ। ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଆବଶ୍ୟକ ସମୟରେ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ। ବନ୍ଧୁମିଳନ ସମସ୍ତଙ୍କୁ ଏକାଠି କରିବାର ଏକ ମାଧ୍ୟମ ଏବଂ ପରସ୍ପର ନିକଟତର ହେବାର ଏକ ସୁଯୋଗ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ଗୀତାଞ୍ଜଳି ମହାପାତ୍ର, ସ୍ୱର୍ଣ୍ଣଲତା କର, ସସ୍ମିତା ଜେନା, ଅଜୟ ଦାସ, ଦୟାନିଧି ନାୟକ, ବିଜୟ ଜେନା, ଶଶିକାନ୍ତ ଦାସ, ସଦାପ ପହି, ଅକ୍ଷୟ ଜେନା, ହିରଣ୍ୟ ସେଠୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜିଲାରେ ଧିମେଇଛି ଧାନକିଣା

## ୭୯ ହଜାର ଚାଷୀ ପଞ୍ଜୀକୃତ, ବିକିଛନ୍ତି ୩୫

କେନ୍ଦୁଝର,୧୦।୨(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ଧାନକିଣା ଧିମେଇଯାଇଛି। ଚଳିତ ବର୍ଷ ସର୍ବକାଳୀନ ଅଧିକ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିଥିବା ବେଳେ ସରକାର ମଧ୍ୟ ସର୍ବାଧିକ ଧାନ କିଣିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଧାନ କିଣା ବିଶେଷ ଅଗ୍ରଗତି ହୋଇପାରିନାହିଁ। ଧାନ କିଣିବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ ୨୧ ଲକ୍ଷ କ୍ୱିଣ୍ଟାଲ ଥିବା ବେଳେ ଫେବ୍ରୁଆରୀ ୯ ସୁଦ୍ଧା ୧୩ ଲକ୍ଷ ୨୮ ହଜାର କ୍ୱିଣ୍ଟାଲ ଧାନ କିଣା ହୋଇଛି। ବିଶେଷକରି ୭୯ ହଜାର ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିବା ବେଳେ ମାତ୍ର ୩୫ ହଜାର ୮୫୪ ଚାଷୀ ଧାନ ବିକ୍ରି କରିଛନ୍ତି।

ଯୋଗାଣ ବିଭାଗ ସୂଚନା ଅନୁଯାୟୀ, ଜିଲାରେ ୨୦୨୩ରେ ନଭେମ୍ବରରୁ ଧାନକିଣା ଆରମ୍ଭ ହୋଇଥିଲା। ମଣ୍ଡି ଜରିଆରେ ୧୫ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ସେ ସମୟରେ ୬୦,୯୪୧ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୨୦୨୪ରେ ୫୯ ହଜାର ୬୭୩ ଜଣ ଚାଷୀ ନାମ ପଞ୍ଜୀକରଣକରି ୨୨ ଲକ୍ଷ କ୍ୱିଣ୍ଟାଲ ଧାନ ମଣ୍ଡି ଜରିଆରେ ସରକାରଙ୍କୁ ବିକିଥିଲେ। ଅର୍ଥାତ୍ ଧାନର ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଇନପୁଟ୍ ସହାୟତା ମିଳିବା ପରେ ଗତ ବର୍ଷ ଜିଲାରେ ପ୍ରଥମ ଥର ପାଇଁ ରେକର୍ଡ ପରିମାଣର ୨୧ ଲକ୍ଷ ୮୮ ହଜାର ୮୦ କ୍ୱିଣ୍ଟାଲ ଧାନ ମଣ୍ଡି ଜରିଆରେ ସରକାରୀ ଲକ୍ଷ୍ୟଧାର୍ଯ୍ୟ ୨୧ ... କିନ୍ତୁ ଚଳିତ ବର୍ଷ ସ୍ଥିତି ଭିନ୍ନ। ଚାଷୀ ପଞ୍ଜୀକରଣ ରେକର୍ଡସ୍ତରରେ ପହଞ୍ଚିଛି। ଅର୍ଥାତ୍ ୨୦୨୫ରେ ଧାନ ବିକିବା ପାଇଁ ୭୯,୧୦୮ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। କିନ୍ତୁ ବିଳମ୍ବିତ ଧାନ କିଣା ପ୍ରକ୍ରିୟା ଯୋଗୁ ଧାନକିଣା ଧିମେଇଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୪ଟି ମଣ୍ଡିରେ ୨୧ ଲକ୍ଷ କ୍ୱିଣ୍ଟାଲର ଲକ୍ଷ୍ୟ ଧାର୍ଯ୍ୟ ଉପରେ ୧୩ ଲକ୍ଷ ୨୮ ହଜାର କ୍ୱିଣ୍ଟାଲ ଧାନ କିଣାସରିଛି। ଧାର୍ଯ୍ୟ ଲକ୍ଷ୍ୟର ଅଧାରୁ ଅଧିକ କିଣା ସରିଛି ବୋଲି ସାମରିକ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ କହିଛନ୍ତି। ଅପରପକ୍ଷରେ ମୋଟ ୭୯,୧୦୮ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏଯାଏ ମାତ୍ର ୩୫ ହଜାର ୮୫୪ ଜଣ ଚାଷୀ ଧାନ ବିକିଛନ୍ତି। ଅବଶିଷ୍ଟ ଚାଷୀ ଏଯାଏ ମଣ୍ଡିକୁ ଆସିନାହାନ୍ତି। ଯେଉଁ ୩୫ ହଜାର ୮୫୪ ଜଣ ଚାଷୀ ମଣ୍ଡିରେ ଧାନ ବିକିଛନ୍ତି, ସେମାନଙ୍କ ମଧ୍ୟରୁ ମୋଟ ୩୧ ହଜାର ୪ ଶହ ଜଣ ଚାଷୀଙ୍କୁ ସେମାନଙ୍କର ଧାନର ସହାୟକ ମୂଲ୍ୟ ପ୍ରଦାନ କରାଯାଇଥିବା ଜିଲା ଯୋଗାଣ ଅଧିକାରୀ କହିଛନ୍ତି। ଚଳିତ ବର୍ଷ ପାଖାପାଖି ୨୫ ଲକ୍ଷ କୁଇଣ୍ଟାଲ ଧାନ ବିକିବା ପାଇଁ ମଣ୍ଡିରେ ଚାଷୀ ପହଞ୍ଚିପାରନ୍ତି ବୋଲି ଆକଳନ କରାଯାଉଛି।


ମଣ୍ଡିରେ ବିକ୍ରି ନିମନ୍ତେ ରଖାଯାଇଥିବା ଧାନ।

# ଲୌହମାନବଙ୍କ ଜୟନ୍ତୀରେ ଏକତା ପଦଯାତ୍ରା

ଚମ୍ପୁଆ,୧୦।୨(ମହେଶ୍ୱର ଦାସ)

ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଚମ୍ପୁଆ ବ୍ଲକ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ପଦଯାତ୍ରା ଓ ସାମୂହିକ ରାଷ୍ଟ୍ରୀୟ ସଙ୍ଗୀତ ଗାନ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଦଯାତ୍ରା ବ୍ଲକ୍ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ପଦଯାତ୍ରାରେ ଏବିଡିଓ ଚୁନୁ ହାଁସଦା, ବ୍ଲକ୍ ଅଧକ୍ଷ ସୁରେଶ ଚନ୍ଦ୍ର ନାୟକ, ଏମ୍‌ପିଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂ, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ୧୫ ନଂ. ଜୋନ୍ ସଭ୍ୟା ରମଣୀ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସାଚୀ ନାଏକ, ବିତୀୟ ଅଧିକାରୀ ସୁକାନ୍ତ ଦେହୁରୀ, ଏପିଓ ସଙ୍ଗୀତା ମାଝୀ ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ପଦଯାତ୍ରାରେ ବ୍ଲକ୍‌ର ସମସ୍ତ ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମାଆ, ଶିଶୁ ବିକାଶ ପ୍ରକଳ୍ପର ଅଙ୍ଗନୱାଡି ସଦସ୍ୟା ଏବଂ ବ୍ଲକ୍‌ର ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଏହି ଉପଲକ୍ଷେ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କବାଡ଼ି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଅତିଥି ଅଧିକାରୀମାନେ ବାଳିକା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୋଦଗାଡ଼ିଆ ଏବଂ ବାଳକ ବିଭାଗର ପ୍ରଥମ ସ୍ଥାନ ହାସଲ କରିଥିବା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ରାମଲାର ଟିମ୍ ସଦସ୍ୟଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷର ଉତ୍ସବ ଅନେକ ଦୃଷ୍ଟିରୁ ଅନନ୍ୟ, ଯାହା ଏହି ଐତିହାସିକ ଅବସରକୁ ଅଧିକ ସ୍ମରଣୀୟ କରି ଗଢ଼ି ତୋଳିଥିଲା।

**ଯୋଡ଼ା,(ମାନସ ମହାନ୍ତି):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୋଡା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମଙ୍ଗଳବାର କେନ୍ଦ୍ରୀୟ ଖେଳପଡ଼ିଆଠାରେ ଏହି ପଦଯାତ୍ରା କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଡ଼ା ବ୍ଲକ୍ ବିଡ଼ିଓ ଡେନିସ୍ ବେହେରା ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ କବାଡି ପ୍ରତିଯୋଗିତାର ବିଜେତା ଓ ଉପ ବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ।

**ପାଟଣା,(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ପାଟଣା ମୁଖ୍ୟାଳୟର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ପାଟଣା ଆନନ୍ଦେଶ୍ୱର ଶିବମନ୍ଦିରରୁ ବାହାରି ବାଜାର ପରିକ୍ରମା କରି ବ୍ଲକ୍‌ରେ ପହଞ୍ଚିଥିଲା। ପଦଯାତ୍ରାରେ ପାଟଣା ବ୍ଲକ୍ ଅଧକ୍ଷା ବୀଣାପାଣି ନାୟକ, ପୂର୍ବତନ ବ୍ଲକ୍ ଅଧକ୍ଷ ବିଶ୍ୱନାଥ ନାୟକ, ବିଡିଓ ମାନସ ଦଣ୍ଡପାଟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ପ୍ରକାଶ ରାୟ, କ୍ୟାପଟେନ ଧର୍ମେନ୍ଦ୍ର ସାହୁ, ଡା ଯଶବନ୍ତ ମହାନ୍ତ, ବିପିଏମ ଦୀପକ ନାୟକ, ବ୍ଲକ୍ ପ୍ରୋଗ୍ରାମ ଅଫିସର ଜମାଲ ଉଦ୍ଦିନ ଖାନ, ଶିକ୍ଷକ ପ୍ରକାଶ ମିଶ୍ର, ଭୂତ ମହାନ୍ତଙ୍କ ସହ କଲେଜ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ବଜାର ପରିକ୍ରମା କରିଥିଲେ।

## ସାମାଜିକ ଅନୁଷ୍ଠାନ ପକ୍ଷରୁ ଶୁଦ୍ଧିକ୍ରିୟା ପାଇ ସହାୟତା

କେନ୍ଦୁଝର,୧୦।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ଭରସା ପରିବାର' ଟ୍ରଷ୍ଟ ପକ୍ଷରୁ ୨ ମୃତଙ୍କ ପରିବାରକୁ ଶୁଦ୍ଧିକ୍ରିୟା ନିମନ୍ତେ ସହାୟତା ପ୍ରଦାନ କରାଯାଇଛି। ସଦର ବ୍ଲକ୍ ଅର୍ନ୍ତଗତ ନୂଆଗାଁ ଗ୍ରାମର ସରୋଜ କୁମାର ଲୋହର(୩୨) ଓ ହାତୀକୁଚା ପୁରୁଣା ସାହିର ଶ୍ରୀକାନ୍ତ ପ୍ରଧାନ(୫୫)ଙ୍କ ମୃତ୍ୟୁ ହୋଇଛି। ୨ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ଶୁଦ୍ଧିକ୍ରିୟା କରିବା ପାଇଁ କଷ୍ଟକର ହୋଇଥିଲା। ଖବର ପାଇ ଭରସା ପରିବାର ଟ୍ରଷ୍ଟ ସଭାପତି ଲମ୍ବୋଧର ମହାନ୍ତ, ସଭାନେତ୍ରୀ ବୈଶାଖୀ ମହାନ୍ତ, ରତ୍ନମଣୀ ସେଠୀ, ଧରିତ୍ରୀ ଖଣ୍ଡା, ସୌମ୍ୟରଞ୍ଜନ ବେହେରା ୨ ପରିବାରକୁ ତେଜରାତି ସାମଗ୍ରୀ ଯୋଗାଇ ଦେଇଛନ୍ତି।

# ଭିବି-ଜି ରାମ ଜିର କାର୍ଯ୍ୟକୁ ନେଇ ସଚେତନତା

ବଉଳା,୧୦।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବୈଠକ ଗୃହରେ ସୋମବାରେ ଭିବି-ଜି ରାମ ଜିର ଗ୍ରାମିଣ ରୋଜଗାର ନୂଆ ଗ୍ୟାରେଣ୍ଟିର ୧୨୫ ଦିନର କାର୍ଯ୍ୟକୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏପିଓ ଭୌରେବେନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ବିଡିଓ ରଞ୍ଜନ କୁମାର ପରିଡା ଯୋଗଦେଇ ସଚେତନ କରିଥିଲେ। ଗାନ୍ଧିଜୀଙ୍କ ସମ୍ପୂର୍ଣ୍ଣ ଗ୍ରାମ୍ୟ ସ୍ୱରାଜ ପରିକଳ୍ପନାକୁ ସାକାର କରିବାରେ ବିଫଳ ହୋଇଥିଲା ଏମଜିଏନ୍‌ଆର୍‌ଇଜିଏସ୍। ତଳସ୍ତରଠାରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ପ୍ରଶାସନିକ ବ୍ୟବସ୍ଥାରେ ଆଇନ ଠିକ୍ ନ ଥିଲା। ଏହାକୁ ନେଇ ଗ୍ରାମୀଣ ରୋଜଗାର ନୂଆ ଗ୍ୟାରେଣ୍ଟିର ୧୨୫ ଦିନର କାର୍ଯ୍ୟରେ ରୋଜଗାର ଯୋଗାଇ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଏବଂ ଭିବି-ଜୀ ରାମ ଜୀ ବିଲ୍ ସଂସଦରେ ପାସ୍ ହୋଇ ଆଇନ୍‌ରେ ପ୍ରଣୟନ ହେଲା। କିଭଳି ଗ୍ରମାଞ୍ଚଳରେ ଏହି ଆଇନ କାର୍ଯ୍ୟକାରୀ ହୋଇ ଲୋକମାନେ ୧୨୫ ଦିନ କାମ ପାଇ ସମୃଦ୍ଧି ହେବେ ସେ ନେଇ ପ୍ରଶାସନ ତତ୍ପର ହୋଇଛି । ଏଥିରେ ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ବିକାଶ, ଜୀବିକାରେ ଉନ୍ନତି ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ କାର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ପଞ୍ଚାୟତସ୍ତରରେ ଗ୍ରାମୀଣ ମୌଳିକ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଆୟ ବୃଦ୍ଧି ପାଇବ ଏବଂ ସ୍ଥାୟୀ ବିକାଶ ସୁନିଶ୍ଚିତ ହେବ ବୋଲି କୁହାଯାଇଥିଲା। ଏଥିରେ ଏମଜିଏନ୍‌ଆର୍‌ଇଜିଏସ୍ ଓ ଭିବି-ଜୀ ରାମ-ଜୀ ମଧ୍ୟରେ କ'ଣ ଭୁଲ ଠିକ୍ ପାର୍ଥକ୍ୟ ଦର୍ଶାଯାଇଥିଲା। କିଭଳି ଯୋଜନାର ଲକ୍ଷ୍ୟକୁ ବାସ୍ତବରେ କରାଯାଇପାରିବ ସେ ନେଇ ସଭାଗୃହରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏଡିଇଓ, ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସରପଞ୍ଚଙ୍କୁ ସଚେତନତା କରାଯାଇଥିଲା। ବ୍ଲକ୍‌ର ସବିତା ରାଣି ଆୟଚ, ମାନସୀ ନାୟକ ଓ ଶୁଭଶ୍ରୀ ରାଉତ ସହଯୋଗ କରିଥିଲେ।



## ସତ୍ୟନାରାୟଣ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ


ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଢେଙ୍କିକୋଟ,୧୦।୨(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ଶିକ୍ଷା ଜିଲା ଅଧୀନସ୍ଥ ମୁଦ୍ରାବେଡ଼ାସ୍ଥିତ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ପାଳନ ହୋଇଯାଇଛି। ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ପୁହାଣଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପିଙ୍କ ଘଟଗାଁ ପ୍ରତିନିଧି ଅଖିଳ ପାତ୍ର, ମୁଖ୍ୟ ବକ୍ତାଭାବେ ପାଟଣା ବ୍ଲକ୍ ବରିଷ୍ଠ ଖବରଦାତା ନୃସିଂହନାଥ ସିଂହ, ସମ୍ମାନୀୟ ଅତିଥିଭାବେ ଘଟଗାଁ ଶିକ୍ଷା ଜିଲା ଢେଙ୍କିକୋଟ କ୍ଲଷ୍ଟର ସିଆରସିସି ଜିତେନ୍ଦ୍ର ଗିରି, ମୁକ୍ତାପୁର ସରପଞ୍ଚ ତିଳତ୍ତମା ମହାନ୍ତ, ବିଦ୍ୟାଳୟର ପୂର୍ବତନ ପରିଚାଳନା ସଭାପତି ଦୁଷ୍ମନ୍ତ ଘଣା, ବର୍ତ୍ତମାନ ବିଦ୍ୟାଳୟ ପରିଚାଳନା ସଭାପତି ଦୁର୍ଲଭ ଘଣା, ପୋଇପାଣି ହାଇସ୍କୁଲର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ପ୍ରତାପ କିଶୋର ରାଉତ ଯୋଗଦେଇଥିଲେ। ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କ୍ୟାତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସଂସ୍କୃତ ଶିକ୍ଷକ ଦେବାନନ୍ଦ ମହାକୁଡ଼ଙ୍କୁ ଏହି ଅବସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଦୀପ ବରାଳ, ଅଭିମନ୍ୟୁ କବି, ଜଗନ୍ନାଥ ପ୍ରଧାନ, ଅଭିମନ୍ୟୁ ରାଉତ, ଉଗ୍ରସେନ ପ୍ରଧାନ, ସମେତ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

# ଶାସ୍ତ୍ରୀନଗର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଯୋଡ଼ା,୧୦।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ପୌରପାଳିକା। ସ୍ପୋର୍ଟସ କମ୍ପ୍ଳେକ୍ସ ପରିସରରେ ଶାସ୍ତ୍ରୀନଗର ପ୍ରିମିୟର ଲିଗ୍‌ର ସର୍ଟ ବାଉଣ୍ଡରୀ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁକ୍ୟ ଅତିଥିଭାବେ ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ, ସମ୍ମାନିତ ଅତିଥିଭାବେ ଯୋଡ଼ା ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, କାଉନ୍‌ସିଲର ଭାନୁମତୀ ବାନା, ଶାସ୍ତ୍ରୀନଗର ୟୁଥ କ୍ଲବ୍ ସଭାପତି ସିଦ୍ଧାର୍ଥ କର ଯୋଗଦେଇ ଏହି ସର୍ଟ ବାଉଣ୍ଡରୀ କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସମ୍ରାଟ ଏକାଦଶ ବନାମ ବିଜେ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଜେ ଏକାଦଶ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ବେଳେ ସମ୍ରାଟ ଏକାଦଶ ବ୍ୟାଟିଂ କରିଥିଲା। ପ୍ରଥମ ଦିବସରେ ୪ ଟି ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଶାସ୍ତ୍ରୀନଗର କ୍ଲବ୍‌ର ସମ୍ପାଦକ ସୁବ୍ରତ ନାୟକ, ସହ ସଭାପତି ସାତ୍ୟକି ପ୍ରିୟଦର୍ଶିନୀ ବେହେରା, ସହ ସମ୍ପାଦକ ପ୍ରେମ ପ୍ରସାଦ ଅଧିକାରୀ, ଶ୍ୟାମ ସୁନ୍ଦର ଓରାମ, ବୀରବଲ ଯାଦବ, ଶ୍ରବଣ ରାଉତ, ଦେବାଶିଷ ବିଶାଳ, ସ୍ୱୟଂ ପ୍ରକାଶ ବଡପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟ ସାମିଲ ହୋଇ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

# ଭାଜପା ପକ୍ଷରୁ ପଥପ୍ରାନ୍ତ ସଭା

ଘଷିପୁରା/ଆନନ୍ଦପୁର,୧୦/୨(ନିରଞ୍ଜନ ସାହୁ/ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ କେଶଦୁରାପାଳ ପଞ୍ଚାୟତରେ ଭାରତୀୟ ଜନତା ପାଟି ପକ୍ଷରୁ ଏକ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଘସିପୁରା ଭାଜପା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ଜନତା ଯୋଗଦେଇ ଭାଜପାର ସୁଶାସନ, ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ପକ୍ଷରୁ ମିଳୁଥିବା ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ କର୍ମୀ ତଥା ସାଧାରଣ ଜନତାଙ୍କୁ ଅବଗତ କରାଇଥିଲେ। ତୃଣମୂଳସ୍ତରରୁ ଦଳ ତଥା ସଂଗଠନକୁ ମଜବୁତ କରି ଆଗାମୀ ପଞ୍ଚାୟତ ନିର୍ବାଚନ ବୈତରଣୀ ପାର ହେବାକୁ ଘରକୁ ଘର ଯାଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ କହିଥିଲେ। ଘସିପୁରା ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲାପରିଷଦ ସିଟ୍ ଏବଂ ବ୍ଲକ୍ ଅଧକ୍ଷ ପଦ ବିଜେଡି କବ୍‌ଜାରେ ଥିବା ବେଳେ ଭାଜପା ଆଗାମୀ ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଜିମାତ କରିବ ବୋଲି ଡଃ ରାଉତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବୈଠକରେ ଖାଳିଆମେଣ୍ଟା ମଣ୍ଡଳ ସଭାପତି ଯୋଗେନ୍ଦ୍ର ବାବୁ ଦାସ, ଦେଓଗାଁ ମଣ୍ଡଳ ସଭାପତି ବାଇଧର ଚିନ୍ଦ୍ରା, ରାମଚନ୍ଦ୍ରପୁର ମଣ୍ଡଳ ସଭାପତି ଅଜୟ ବାରିକ, ବରିଷ୍ଠ କାର୍ଯ୍ୟକର୍ତ୍ତା ବୁଦ୍ଧଦେବ ମହାରଣା, କାମପାଳ ଓଝା, ବଳରାମ ସେନାପତି, ଇନ୍ଦ୍ରମଣୀ ସେଠୀ, ନିଳମଣୀ ପୋଥାଲଙ୍କ ସମେତ ଶତାଧିକ ଭାଜପା କର୍ମୀ ଏବଂ ସାଧାରଣ ଜନତା ସାମିଲ ହୋଇଥିଲେ।


**ପୂର୍ବ ତଟ ରେଳପଥ**
**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**
ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

| | |
|---|---|
| (1) ଷ୍ଟେସନ ଏବଂ ସ୍ଥାନ : | କଟକ-2 ଚକିଆ (ରେଳବାଇ ପ୍ରତିଷ୍ଠାନ ନିକଟରେ)। |
| ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : | 20.02.2026, 1500 ଘଟିକା, |
| ନିଲାମ ବନ୍ଦ ହେବା ତାରିଖ ଓ ସମୟ : | 20.02.2026, 1530 ଘଟିକା। |
| (2) ଷ୍ଟେସନ ଏବଂ ସ୍ଥାନ : | କେନ୍ଦୁଝର-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)। |
| ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : | 23.02.2026, 1500 ଘଟିକା, |
| ନିଲାମ ବନ୍ଦ ହେବା ତାରିଖ ଓ ସମୟ : | 23.02.2026, 1530 ଘଟିକା। |

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍‌ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1106/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ /କେଜିପି /୧/୨୦୨୬, ତାରିଖ: ୦୭।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକ ୧୫.୩୦ ଘଟିକା ପୂର୍ବରୁ ଖୋଲାଯିବ। **ଟେଣ୍ଡର ନଂ.:** ଇ/କେଜିପି/ଜିଏସ୍/୧/୨୦୨୬ । **କାର୍ଯ୍ୟର ବର୍ଣ୍ଣନା:** ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍‌ୟୁ/ଖଡ଼ଗପୁର, ଖଡ଼ଗପୁର ମଣ୍ଡଳଙ୍କ ଅଧୀନରେ ଗତି ଶକ୍ତି ୟୁନିଟ୍‌ର ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍ଏସ୍ଏ)ର ନିଯୁକ୍ତି; **ଟେଣ୍ଡର ମୂଲ୍ୟ:** ₹୮,୬୧,୩୮,୨୫୪.୧୦ । **ଅମାନତ ରାଶି:** ₹୧୭,୨୨,୮୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ୦.୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୨୪ ମାସ । **ଖୋଲାଯିବା ତାରିଖ:** ୧୮।୦୩।୨୦୨୬। ବିଡିଂ ଆରମ୍ଭ ତାରିଖ: ତା୦୪।୦୩।୨୦୨୬ରିଖରୁ ତା୧୮।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1165)



Your classified advertisement published in Dharitri will be listed free in Dharitri online edition :
**www.dharitri.com**



**ତହସିଲ କାର୍ଯ୍ୟାଳୟ, ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର**
**ନୋଟିସ**

No. 24001/18/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାନ୍ୟବର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୨୧ର ଆଦେଶ ମୁତାବକ ଶ୍ରୀ ନବୀନ କୁମାର ସାହୁ, ପିତା: ନାରାୟଣ ସାହୁ, ନିବାସୀ: କନ୍ଦୋମୁଣ୍ଡାଙ୍କଠାରୁ ଟ.୨,୯୯,୬୯,୦୭୭.୦୦ (ଦୁଇ କୋଟି ଅନେଶତ ଲକ୍ଷ ଅଣସ୍ତରି ହଜାର ସତସ୍ତରୀ) ଟଙ୍କା ମାତ୍ର ଆଦାୟ ନିମନ୍ତେ ନିମ୍ନ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଛି।

| କ୍ର. ସଂଖ୍ୟା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୧ | ସାହାଜବାହାଲ | ୮୯ | ୩୩୫ | | ୦.୯୦୮ |
| ୨ | ସାହାଜବାହାଲ | ୮୯ | ୩୪୧ | | ୧.୨୩୦ |
| ୩ | ଇଛାପୁର | ୧୯୫ | ୧୩୦୪ | ଜଳସେଚିତ | ୦.୧୫୦ |
| ୪ | ଇଛାପୁର | ୧୯୫ | ୧୨୨୨ | ଘର | ୦.୦୧୮ |
| ୫ | ଇଛାପୁର | ୧୯୫ | ୧୨୫୫ | ଘର | ୦.୦୪୦ |
| ୬ | ଇଛାପୁର | ୧୯୫ | ୧୨୬୫ | ବାରି | ୦.୦୫୦ |

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୦୨।୨୦୨୬ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ, ରାମପୁରଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।
OIPR-24001/24323/1/25-26/0001 — ସ୍ୱା./– ତହସିଲଦାର, ରାମପୁର



**OFFICE OF THE NOTIFIED AREA COUNCIL, G.UDAYAGIRI**
**CORRIGENDUM**
No. 371 — Dt. 07.02.2026
No. 13001/149/2526: In continuation to this Office Bid Identification No. GUDGR-NAC-02/2025-26 invite vide this Office Notice No. 290 Dt.22.01.2026, the following partial modification has been made:
1. Availability of tender online for bidding extended upto : Dt.16.02.2026 at 5.00 P.M.
2. Date & time of opening of the tender : Dt.17.02.2026 at 10.00 A.M.
3. Date & time of evaluation : Dt.18.02.2026 at 11.00 A.M.
All other terms and condition will remain unaltered.
Sd./- Executive Officer, N.A.C. G.Udayagiri
OIPR-13001/13066/1/25-26/0001



**GOVERNMENT OF ODISHA**
**"e" PROCUREMENT NOTICE**
**OFFICE OF THE NOTIFIED AREA COUNCIL, DASPALLA**
**2nd Corrigendum on Tender Call Notice No. 66 Dt. 08.01.2026**
Bid Identification No. NAC-Daspalla-(SAN)-2025-26
No. 422 — Dt.: 03.02.2026
No. 13001/151/2526: Corrigendum hereby issued for Tender Call Notice No. 66 / Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.
1. Date & time of opening of Financial Bid : Dt.12.02.2026 at 11.00 A.M.
*All other terms & conditions remain unaltered.
Sd./- Executive Officer, Notified Area Council, Daspalla
OIPR-13001/13141/1/25-26/0001



**OFFICE OF THE DISTRICT FISHERIES OFFICER, ANGUL**
Ph.: (06764) 236458, E-mail: dfoangul123@gmail.com
**QUOTATION CALL NOTICE**
No. 330 — Date: 09.02.2026
(Hiring of Vehicle for Official Purpose on Monthly rent basis)
No. 6001/9/2526: Sealed quotations/tenders are invited from interested reputed travel agencies/tour operators or private individuals for providing 1 (One) No. of vehicle having sitting capacity not more than five including driver, for official use in District Fisheries Officer, Angul on monthly rent basis. The tender should reach the undersigned by 23.02.2026 5.30 P.M. through Registered Post/Courier. All tender shall be opened on 24.02.2026 12.00 Noon in the Office of the District Fisheries Office, Angul. The tender should be submitted to DFO, Angul, Mishra Pada, Near Jagannath Temple, Odisha, PIN Code - 759122. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in Office of the District Fisheries Officer, Angul or can be downloaded from **www.angul.odisha.gov.in** from Dt.11.02.2026 to 23.02.2026.
The undersigned deserve right to postpone/cancel the tender without assign any reason thereof.
OIPR-6001/6064/1/2526/0001 — Sd./- District Fisheries Officer, Angul



**ODISHA COAL AND POWER LTD.**
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664
**NOTICE INVITING TENDER**
NIT No.: OCPL/MCMP/SER-190/2026 — Dt.: 11.02.2026
Bids in prescribed format are invited in **www.tendersodisha.gov.in** from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last Date of Opening of Bid |
|---|---|---|---|---|---|
| 1 | Construction of Boundary wall and Pathway at Kechhobahal Kalyan Mandap, Jharsuguda, Odisha | Rs. 1000 Incl. of GST | 11.02.2026 3.00 P.M. | 07.03.2026 5.00 P.M. | 03.30 P.M. on 11.03.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.
Sd./- Sr. Manager (Contract and Commercial)



**GOVT. OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: KARANJIA**
**DIST- MAYURBHANJ,**
E-PROCUREMENT NOTICE
BID IDENTIFICATION NO-06/2025-26
e-mail: itdakja@nic.in/ itdakaranjia@gmail.com
No.215, — Dtd. 02.02.26
**No.19001/26/2526:** Bid documents consisting of Work, Estimated Costs, Cost of Tender Papers, EMD, Time of Completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. Website i.e. www.tendersorissa.gov.in.

| | | |
|---|---|---|
| 1. | No. of Works | 25 (Twenty Five) Nos. |
| 2. | Estimated Cost | Varies from 15.00 Lakh to 80.00 Lakh |
| 3. | Period of Completion | Varies from 3 Calendar Months to 6 Calendar Months. |
| 4. | Date & Time of availability of bid documents | From 10 AM of 4th Day of February 2026 to 21st Day of February 2026 upto 5 PM |
| 5. | Last date & time of receipt of bids in the portal | Dt. 21st Day of February 2026 upto 5 P.M. |
| 6. | Last date & time of receipt of Bids through Tender Box | Dt.23rd Day of February 2026 upto 3.00 P.M. |
| 7. | Bids received through Tender Box shall be opened on | Dt.23rd Day of February 2026 3.30 P.M. onwards |
| 8. | Name and address of the Officer Inviting Bids | Project Administrator, ITDA, Karanjia |

Further details can be seen/downloaded from the procurement portal i.e. www.tendersorissa.gov.in.
Sd./- Project Administrator, I.T.D.A., Karanjia
OIPR-19001/19007/1/25-26/0005

# ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳରେ ମାନବାଧିକାର ଉଲ୍ଲଂଘନ

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

■ ଘଟଣାକୁ ନେଇ ଓଏଚ୍ଆର୍‌ସିଙ୍କ ଚିନ୍ତା ପ୍ରକଟ
■ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସରକାରଙ୍କୁ ସୁପାରିସ

ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳରେ ଗ୍ରାମ ବିସ୍ଥାପନ ପ୍ରକ୍ରିୟାରେ ଅବହେଳା ହୋଇଛି। ବିନା ଗ୍ରାମସଭା, ନୋଟିସରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କାଯାଇଛି। ଫଳରେ ସାତକୋଶିଆ ରିଜର୍ଭ ଅଞ୍ଚଳରେ ମାନବାଧିକାରର ଉଲ୍ଲଂଘନ ହୋଇଛି। ଏହାକୁ ନେଇ ରାଜ୍ୟ ମାନବିକ ଅଧିକାର ଆୟୋଗ(ଓଏଚ୍ଆର୍‌ସି) ଚିନ୍ତା ପ୍ରକଟ କରିଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ଏବଂ ବହୁବିଭାଗୀୟ କମିଟି ଗଠନ କରିବାକୁ କମିଶନର ଅଧକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ୬ ସପ୍ତାହ ମଧ୍ୟରେ କମିଟି ଗଠନ କରି ଜଣାଇବାକୁ ଖଣ୍ଡପୀଠ କହିଛନ୍ତି।

ବନ ଅଧିକାର ଆଇନ-୨୦୦୬ ଅନୁଯାୟୀ, ବ୍ୟକ୍ତିଗତ ଓ ସାମୂହିକ ବନ ଅଧିକାର ସମାଧାନ ପୂର୍ବରୁ ଯେଉଁ ପୁନର୍ବାସ ଆରମ୍ଭ କରାଯାଇଥିଲା, ତାହା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ ବୋଲି ଓଏଚ୍ଆର୍‌ସି ଅନୁଭବ କରିଛନ୍ତି। ଅନେକ ସ୍ଥାନରେ ଗ୍ରାମସଭା ବୈଠକ ଠିକ ଭାବେ ହୋଇ ନ ଥିଲା। ଯୋଗ୍ୟ ବାସିନ୍ଦାମାନେ ଅନୁପସ୍ଥିତ ଥିଲେ ଏବଂ ତରବରିଆ ଭାବେ ସଙ୍କଳ୍ପ ପାରିତ କରାଯାଇଥିଲା। ଏପରି ସ୍ଥିତିରେ ମିଳିଥିବା ସମ୍ମତିକୁ ଆଇନଗତ ଭାବେ ବୈଧ ବୋଲି ଧରାଯାଇପାରିବ ନାହିଁ ବୋଲି କମିଶନ କହିଛନ୍ତି। ଏଥିସହ ଘର, ଜମି, ଗଛ ଓ ଜୀବିକା ସମ୍ପତ୍ତିର ବୈଜ୍ଞାନିକ ମୂଲ୍ୟାୟନ ଛଡ଼ା କ୍ଷତିପୂରଣ ଦିଆଯାଇ ନ ଥିବାରୁ ବିସ୍ଥାପିତ ପରିବାରମାନେ ବହୁ କଷ୍ଟ ଭୋଗିଛନ୍ତି। ଏନ୍‌ଟିସିଏ ନିର୍ଦ୍ଦେଶାବଳୀ ଓ ପ୍ରୋଟୋକଲ ମଧ୍ୟ ଠିକ୍ ଭାବେ ପାଳନ ହୋଇ ନ ଥିବା ଓଏଚ୍ଆର୍‌ସି ଦର୍ଶାଇଛନ୍ତି। ଏହାକୁ ଆଧାର କରି ରାଜ୍ୟ ସରକାର ୬ସପ୍ତାହ ମଧ୍ୟରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିବାକୁ କମିଶନ ସୁପାରିସ କରିଛନ୍ତି। ଏହି କମିଟି ସାତକୋଶିଆ ଅଞ୍ଚଳର ସମ୍ପୂର୍ଣ୍ଣ ପୁନର୍ବାସ ପ୍ରକ୍ରିୟା ଗ୍ରାମଭିତ୍ତିକ ଯାଞ୍ଚ କରିବ। ଆଇନଗତ ଉଲ୍ଲଂଘନ ଚିହ୍ନଟ କରିବ ଏବଂ ଆବଶ୍ୟକ ସଂଶୋଧନ ସୁପାରିସ କରିବ। ଇତିମଧ୍ୟରେ ସାତକୋଶିଆ ବଫର୍ ଅଞ୍ଚଳରୁ କୌଣସି ନୂଆ ପୁନର୍ବାସ ହେବ ନାହିଁ ବୋଲି ଓଏଚ୍ଆର୍‌ସି କହିଛନ୍ତି।

ଆୟୋଗ ସମ୍ମୁଖରେ ଗ୍ରାମବାସୀ ଦାଖଲ ହୋଇଥିବା ଅଭିଯୋଗ ଅନୁସାରେ, ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳର ଭୁରୁକୁଣ୍ଡି, ଆସନବାହାଲ, କଟରଙ୍ଗା, ତୁଲୁକା, ଟିକରାପଡା ଓ ଗୋପାଳପୁର ସହିତ ଅନେକ ଗ୍ରାମର ୬୫୦ରୁ ଅଧିକ ପରିବାର ରହୁଥିଲେ। ଏହି ପରିବାରଙ୍କୁ ବିନା ନୋଟିସରେ ବିସ୍ଥାପନ କରାଯାଇଥିବାରୁ ସେମାନେ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ଗ୍ରାମ ସଭାର ସ୍ୱତନ୍ତ୍ର, ଆଗୁଆ ନୋଟିସ ଓ ଲିଖିତ ସମ୍ମତି ନେବା ବିନା ସ୍ଥାନାନ୍ତର କାର୍ଯ୍ୟ ସମ୍ପାଦନ କରାଯାଇଛି। ଅନେକ ପରିବାରଙ୍କ ଜମି ଅଧିକାର, ଜଙ୍ଗଲ ଉପରେ ଜୀବିକା ନିର୍ଭର ଓ ପାରମ୍ପରିକ ଅଧିକାରକୁ ଅଗ୍ରାହ୍ୟ କରାଯାଇଥିବା ଅଭିଯୋଗ ରହିଛି। କେତେକ ଯୋଗ୍ୟ ପରିବାରଙ୍କୁ କ୍ଷତିପୂରଣ ପ୍ୟାକେଜରୁ ବାଦ୍ ଦିଆଯାଇଥିବା ବେଳେ କିଛି ଅଯୋଗ୍ୟ ପରିବାରଙ୍କୁ ସୁବିଧା ମିଳିଥିବା ମଧ୍ୟ ଅଭିଯୋଗ କରାଯାଇଛି। ସ୍ଥାନାନ୍ତରିତ ପରିବାରମାନଙ୍କୁ ଯଥୋଚିତ ପୁନର୍ବାସ, ଜୀବିକା ସୁଯୋଗ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଦିଆଯାଇନାହିଁ। ଏହାକୁ ମାନବାଧିକାର ଉଲ୍ଲଂଘନର ସମ୍ଭାବ୍ୟ ଘଟଣା ଭାବେ ଦେଖି, ଆୟୋଗ ଦୋଷୀ ଅଧିକାରୀଙ୍କୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ପ୍ରଭାବିତ ପରିବାରମାନଙ୍କୁ ଯଥୋଚିତ କ୍ଷତିପୂରଣ ଓ ପୁନର୍ବାସ ସୁନିଶ୍ଚିତ କରିବାକୁ ପ୍ରଭାବିତ ଗ୍ରାମବାସୀ ଓଚ୍ଆର୍‌ସିଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ସଶସ୍ତ୍ର ଡକାୟତି ଘଟଣାରେ ୩ ଗିରଫ

କେନ୍ଦୁଝର,୧୦।୨
(ନରେଶ୍ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାୟାପାଣ୍ଡାଧାରରେ ଜଣଙ୍କ ଘରୁ ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ସଶସ୍ତ୍ର ଡକାୟତି ଘଟଣାରେ ପୋଲିସ ୩ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ଧାନବାଦ୍ ଜିଲା ଟୁଣ୍ଡି ଥାନା ଅନ୍ତର୍ଗତ ଚରକ ଗ୍ରାମର ରିଜ୍‌ୱାନ ଅନ୍‌ସାରୀ (୩୨), ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗାଇଡେହେରା ଗ୍ରାମର ଅସ୍‌ଗର ଅନ୍‌ସାରୀ (୪୬) ଓ ଉକ୍ତ ଥାନା କୁରେଶିନଗର ଗ୍ରାମର ମାନିକ ରବିଦାସ(୩୦)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୧ ତାରିଖ ରାତି ପ୍ରାୟ ୧୦ଟାରେ ଜାତୀୟ ରାଜପଥ ୪୯ କଡ଼ରେ ଥିବା ସଂଗ୍ରାମ କେଶରୀ ନାୟକଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଏ ନେଇ ସଦର ଥାନାରେ ଏକ ମାମଲା(ନଂ.୬୦/୨୦୨୬)ରୁଜୁ ହୋଇ ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ତଥା ଆଖପାଖ ସିସିଟିଭି ଆଦି ଯାଞ୍ଚ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାର ଦିନକ ପୂର୍ବରୁ ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରିରେ ଜଣେ ଡାକ୍ତରଙ୍କ ଘରୁ ସମାନ ଢଙ୍ଗରେ ଲୁଟ୍ ହୋଇଥିଲା। ଦୁଇଦିନରେ ଦୁଇ ଡକାୟତି ଘଟଣାକୁ ନେଇ କେନ୍ଦୁଝର ପୋଲିସ ତନାଘନା ଆରମ୍ଭ କରିଥିଲା । ପୋଲିସ ଏକାଧିକ ଟିମ୍ ଗଠନକରି ବିଭିନ୍ନ ରାଜ୍ୟକୁ ଯାଇ ଡକାୟତଙ୍କୁ ଚିହ୍ନଟକରି ଧରିବାରେ ସକ୍ଷମ ହୋଇଛି। ଘଟଣାରେ ଅଧିକ ଡକାୟତଙ୍କ ସମ୍ପୃକ୍ତି ଥିବା ବେଳେ ଅନ୍ୟମାନଙ୍କୁ ଧରିବାକୁ ଏବଂ ଉଭୟ ଡକାୟତି ଘଟଣାରେ ଲୁଟ୍ ସାମଗ୍ରୀ ଜବତ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଫ୍ୟାନ୍‌ରେ ଝୁଲି ଦମ୍ପତିଙ୍କ ଆତ୍ମହତ୍ୟା

ଧର୍ମଶାଳା/ଚଢ଼େଇଧାରା, ୧୦।୨
(ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡା)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଜାମୁଝରୀ ଗ୍ରାମରେ ଗୋଟିଏ ପଙ୍ଖାରେ ବେକରେ ରଶି ଲଗାଇ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ମୃତ ଦମ୍ପତି ହେଲେ ବାବୁଲା ମଲିକଙ୍କ ପୁଅ ଜଜ (୨୬) ଏବଂ ସ୍ତ୍ରୀ ଝରଣା (୨୩) ବୋଲି ଜଣାପଡିଛି। ପାରିବାରିକ କଳହକୁ ନେଇ ଉଭୟେ ଆତ୍ମହତ୍ୟା କରିଥିବା ଗାଁ ଲୋକ ସନ୍ଦେହ କରୁଛନ୍ତି। ସେମାନଙ୍କର ୨ ବର୍ଷର ଏକ ପୁଅ ଅଛି।

ଜମୁଝରୀ ଗାଁରେ ସୋମବାର ଅଷ୍ଟପ୍ରହର ନାମ ଚାଲିଥିବା ବେଳେ ଦମ୍ପତି ଘରେ ଆତ୍ମହତ୍ୟା କରିଛନ୍ତି। କୌଣସି କାରଣରୁ କିଛିଦିନ ହେବ ଉଭୟଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଏହି କଳହ ସୋମବାର ଉଗ୍ର ରୂପ ଧାରଣ କରିଥିଲା। ରାତି ପ୍ରାୟ ସାଢ଼େ ୯ଟାରେ ଅଷ୍ଟପ୍ରହରୀର ନାମ ସଂକୀର୍ତ୍ତନ ଚାଲୁଥିବାବେଳେ ଉଭୟ ସେଠାକୁ ଯାଇ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ। ପରେ ଜଜ ଅଷ୍ଟପ୍ରହରୀକୁ ନ ଆସିବା ହେତୁ ବାପା ବାବୁଲା ତାଙ୍କୁ ଡାକିବାକୁ ଘରକୁ ଯାଇଥିଲେ। ବାବୁଲା ଘରକୁ ଆସି କବାଟ ଖୋଲିବାକୁ ଚେଷ୍ଟା କରି ବିଫଳ ହେବାରୁ ମନରେ ସନ୍ଦେହ ଜାଗ୍ରତ ହୋଇଥିଲା। ସେ କବାଟ ଭାଙ୍ଗି ଭିତରେ ପଶି ବୋହୂପୁଅ ଏକ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ବାବୁଲା ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡାକି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଭୟଙ୍କୁ ନେଇଥିଲେ। ସେଠାରେ ଡାକ୍ତର ଦମ୍ପତିଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଖବରପାଇ ଆଇଆଇସି ନିରୁପମା ଜେନା ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ (୩/୨୬) ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଏମ୍‌କେସିଜି ମେଡିକାଲ ସର୍ଜରି ୱାର୍ଡରେ ବିକ୍ରମ

ବ୍ରହ୍ମପୁର,୧୦।୨(ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ପଣ୍ଡା ହତ୍ୟା ମାମଲା**

ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ମଙ୍ଗଳବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୨ ଦିନ ପୂର୍ବେ ସେ ଏମ୍‌କେସିଜିରେ ଚିକିତ୍ସିତ ହୋଇ ଜେଲ ଫେରିଥିବା ବେଳେ ତାଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ହେବାରୁ ପୁଣି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ସୁରକ୍ଷା ବଳୟରେ ସେ ଏବେ ୩୨୦ ନଂ. ବେଡ୍‌ରେ ରହିଛନ୍ତି। ତାଙ୍କର ଗଲ୍ ବ୍ଲାଡର ସମସ୍ୟା ରହିଥିବା ବେଳେ ଅସ୍ତ୍ରୋପଚାର ହୋଇପାରେ ବୋଲି ଜଣାପଡ଼ିଛି। ସେହିପରି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସୋମବାର ତାଙ୍କୁ ହୁଇଲ ଚେୟାରରେ ଆଣି ଜିଲା ଦୌରାଜଜ୍ କୋର୍ଟରେ ହାଜର କରାଯାଇଥିଲା। ମଙ୍ଗଳବାର ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ଏ ନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଦୁର୍ଗାମାଧବ ଶତପଥୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ବିକ୍ରମ ପଣ୍ଡା ସର୍ଜରି ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ବିଭାଗୀୟ ଡାକ୍ତର ତାଙ୍କର ଚିକିତ୍ସା ଚଳାଇଛନ୍ତି। ମଦନ ଦଳେଇ ଚିକିତ୍ସା ପାଇଁ ଏମ୍‌କେସିଜି ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି ହୋଇଥିବା ମେଡିକାଲ ଅଧୀକ୍ଷକ କହିଛନ୍ତି। ପୀତବାସ ହତ୍ୟା ଘଟଣାରେ ପୋଲିସ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଗତ ୯ ତାରିଖରେ ମାମଲାର କମିଟିମେଣ୍ଟ ହୋଇଥିଲା। ଏହାପରେ ଏହି ମାମଲାକୁ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସେହିଦିନ କେତେଜଣଙ୍କ ଜାମିନ ଆବେଦନ ଶୁଣାଣି ସହ ଚାର୍ଜଫ୍ରେମ୍ ହେବ ବୋଲି ପ୍ରତିପକ୍ଷ ଓକିଲ ଚକ୍ରପାଣି ନାହାକ କହିଛନ୍ତି।

# ଏଏସ୍‌ଆଇଙ୍କୁ ନିଲମ୍ବନ କଲେ ଏସ୍‌ପି

ମୋରଡ଼ା,୧୦।୨(ସ୍ମାରକ ମାଜୀ)

**ଥାନାରେ ଛାତ୍ରଙ୍କୁ ନିର୍ଯାତନା ଦେବା ଘଟଣା**


ଏଏସ୍‌ଆଇ ନିରାକାର ପ୍ରଧାନ

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ୨୦୨୫ ଡିସେମ୍ବର ୨୫ ତାରିଖ ରାତିରେ ତଦନ୍ତ ଆଳରେ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ନିର୍ଯାତନା ଦେବା ଘଟଣାରେ ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ନିରାକାର ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ସୂଚନାଯୋଗ୍ୟ, ଏକ ମହାବିଦ୍ୟାଳୟର ଜଣେ ଛାତ୍ରୀ କେଉଁଆଡ଼େ ପଳାଇ ଯାଇଥିଲେ। ତଦନ୍ତ ଆଳରେ ପୋଲିସ ସୁଶାନ୍ତ ପାତ୍ର ନାମକ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ଆଣିଥିଲା। ଥାନା ଏଏସ୍‌ଆଇ ନିରାକାର ପ୍ରଧାନ ଏବଂ ଏସ୍‌ଆଇ ନିବେଦିତା ନାଏକ ଧମକଚମକ ଦେବା ସହିତ ସୁଶାନ୍ତଙ୍କୁ ମାଡ଼ ମାରିଥିଲେ ଏବଂ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ବାବଦରେ ପୋଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ଏସ୍‌ଆଇ ନାଏକଙ୍କୁ ପଚାରିବାରୁ ସେ ମାଡ଼ ମରାଯିବା କଥାକୁ ସ୍ୱୀକାର କରିଥିଲେ, ଯାହାର ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ଛାତ୍ରଙ୍କୁ ନ୍ୟାୟ ନ ମିଳିଲେ ଥାନା ଘେରାଉ କରାଯିବ ବୋଲି ମହାନ୍ତି ଚେତାବନୀ ଦେଇଥିଲେ। ପରେ ବିଭିନ୍ନ ଛାତ୍ର ସଂଗଠନ, ଅଞ୍ଚଳବାସୀ ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ମିନତି ବିଶ୍ୱାଳ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଭିତ୍ତିକରି ଏସ୍‌ପି ଗୁଣ୍ଟୁପାଲି ଏଏସ୍‌ଆଇ ପ୍ରଧାନଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ତେବେ ଛାତ୍ରଙ୍କୁ ଧମକଚମକ ଦେଇଥିବା ଏସ୍‌ଆଇ ନାଏକଙ୍କ ବିରୋଧରେ ପୋଲିସ ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା।

# ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୦।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୋଲିସ ମଙ୍ଗଳବାର ଭୋର୍ ସମୟରେ ଖୁଣ୍ଟପାଣି ଜଙ୍ଗଲରୁ ଏକ ଚୋରା ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଖୁଣ୍ଟପାଣି ନିକଟସ୍ଥ ଜଙ୍ଗଲ ତଥା ଟାଟା କମ୍ପାନୀର ଲିଜ୍ ଅଞ୍ଚଳରେ ପଡ଼ିଥିବା ଲୁହାପଥରକୁ ଟ୍ରକ୍ ଯୋଗେ ବୋଝେଇ ହେଉଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଅନ୍ଧାରର ସୁଯୋଗ ନେଇ ଖଣିଜ ଚୋରମାନେ ଫେରାର ହୋଇଯାଇଥିଲେ। ପ୍ରାୟ ୧୧ ମେଟ୍ରିକ୍ ଟନ୍ ଲୁହାପଥର ସମେତ ଟ୍ରକ୍ (ନଂ. ଓଡି ୧୪ଟି ୪୯୦୭)କୁ ପୋଲିସ ଜବତ କରିଛି। ଚୋରା କାରବାରରେ କିଏ ସମ୍ପୃକ୍ତ ଏବଂ ଚୋରା ଚାଲାଣ କେଉଁଠିକୁ ହେଉଥିଲା, ଏ ନେଇ ଯୋଡ଼ା ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।



Business

# ଓଡ଼ିଶାରେ ୪୧୧୧ କୋଟି ନିବେଶକୁ ଅନୁମୋଦନ

■ ୧୧ ଜିଲାରେ ହେବ ୨୩ ଶିଳ୍ପ ପ୍ରକଳ୍ପ
■ ୯୯୨୪ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)




ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ୧୪୪ତମ ଷ୍ଟେଟ୍ ଲେଭଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥୋରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁଏ) ବୈଠକରେ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ନିବେଶ ପରିମାଣ ୪,୧୧୧.୮୦ କୋଟି ଟଙ୍କା ହେବା ସହ ପ୍ରାୟ ୯,୯୨୪ ନିଯୁକ୍ତି ସୃଷ୍ଟିହେବ ବୋଲି ଆଶା କରାଯାଉଛି। ଏହି ଅନୁମୋଦନ ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତି ଆଧାରିତ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ବଡ଼ ମାଇଲଖୁଣ୍ଟ ସାଜିଛି। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଯାନ୍ତ୍ରିକ ଓ ବିଦ୍ୟୁତ୍ କ୍ୟାପିଟାଲ ଗୁଡ୍‌ସ, ପୋଷାକ ଓ ଟେକ୍ସଟାଇଲ, ଏରୋସ୍ପେସ୍ ଓ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଓ ମରାମତି, ଔଷଧ ଓ ରସାୟନ, ରିଫ୍ରାକ୍ଟରିଜ, ଆଲୁମିନିୟମ ଡାଉନଷ୍ଟ୍ରିମ୍, ଖଣିଜ ଉପକରଣ, ଧାତୁ ଡାଉନଷ୍ଟ୍ରିମ୍ ପ୍ଲାଷ୍ଟିକ, କାଚ ଉତ୍ପାଦନ, ଲଜିଷ୍ଟିକ୍ସ ଓ ଗୋଦାମ ବ୍ୟବସ୍ଥା, ଅବସଂରଚନା ଏବଂ ପର୍ଯ୍ୟଟନ ଓ ଆତିଥ୍ୟତା ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପ୍ତ ରହିଛି। ଏହା ରାଜ୍ୟର ବିବିଧତାପୂର୍ଣ୍ଣ, ଭବିଷ୍ୟତ ପ୍ରସ୍ତୁତି ଓ ସ୍ଥିର ଶିଳ୍ପ ରଣନୀତିକୁ ସ୍ପଷ୍ଟ କରୁଛି। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ସମେତ ୧୧ ଜିଲାରେ କାର୍ଯ୍ୟକାରୀ ହେବ, ଯାହା ରାଜ୍ୟରେ ସନ୍ତୁଳିତ ଶିଳ୍ପ ବିକାଶ ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ। ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଖୋର୍ଦ୍ଧାରେ ନିଫା ଲିମିଟେଡ୍‌ର ରେଳପଥ ଉପାଦାନ ଉତ୍ପାଦନ ୟୁନିଟ୍ ପାଇଁ ୩୮୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ୩୧୦ ନିଯୁକ୍ତି ସୃଷ୍ଟି କରିବ। ଗଞ୍ଜାମରେ ୩୦୦ କୋଟି ବ୍ୟୟରେ ଇନ୍‌ଭେଷ୍ଟଗ୍ରିଡ ଇଣ୍ଡିଆର ଆଡଭାନ୍ସଡ ମଲ୍ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ହେବ। ଏହାଦ୍ୱାରା ୧,୦୦୦ ନିଯୁକ୍ତି ମିଳିବ। ଭଦ୍ରକରେ ନର୍ଦ୍ଦର୍ନ ଏକ୍ସପ୍ରେସ୍‌ର ଜାହାଜ ନିର୍ମାଣ ଓ ମରାମତି ସୁବିଧା ପାଇଁ ୩୩୯.୪୦ କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହା ୫୦୭ ଜଣଙ୍କୁ ନିଯୁକ୍ତି ଦେବ। ଖୋର୍ଦ୍ଧାରେ ଜେ.ଜି. ହୋସିଆରିର ପୋଷାକ ଉତ୍ପାଦନ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୨,୩୫୦ ଜଣ ନିଯୁକ୍ତି ପାଇବେ। ସୁନ୍ଦରଗଡ଼ରେ କଳିଙ୍ଗା ମେଟାଲିକ୍ସର ୪ ଏମ୍‌ଟିପିଏ ଆୟର୍ନ ଓର୍ ବେନିଫିସିଏସନ ପ୍ଲାଣ୍ଟ ପାଇଁ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୭୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଖୋର୍ଦ୍ଧାରେ ଏମ୍‌କେ ଆସେମ୍ବ୍ଲର ୫-ଷ୍ଟାର ହୋଟେଲ ପାଇଁ ୨୧୦ କୋଟି ଖର୍ଚ୍ଚ ହେବାକୁ ଥିବାବେଳେ ଏହି ପ୍ରକଳ୍ପ ୨୪୦ଜଣଙ୍କୁ ନିଯୁକ୍ତି ଦେବ। ଏହିଭଳି ଅନେକ ପ୍ରକଳ୍ପ ରାଜ୍ୟରେ ପାରମ୍ପରିକ ଉତ୍ପାଦନରୁ ଆରମ୍ଭକରି ଏରୋସ୍ପେସ୍, ପ୍ରତିରକ୍ଷା, ଆଧୁନିକ ଉତ୍ପାଦନ, ଲଜିଷ୍ଟିକ୍ସ, ଅବସଂରଚନା ଓ ଉଚ୍ଚମାନର ପର୍ଯ୍ୟଟନ କ୍ଷେତ୍ର ରହିଛି। ଏହି ୨୩ଟି ପ୍ରକଳ୍ପ ମିଶି ରାଜ୍ୟରେ ଶିଳ୍ପ ବିକାଶକୁ ନୂତନ ଗତିଦେବା ସହ ପୂର୍ବାଞ୍ଚଳରେ ଓଡ଼ିଶାକୁ ଏକ ଉଚ୍ଚ ସମ୍ଭାବନାଯୁକ୍ତ ନିବେଶ ଗନ୍ତବ୍ୟ ଭାବେ ପ୍ରତିଷ୍ଠିତ କରୁଛି।

# ନିରବଚ୍ଛିନ୍ନ ଉତ୍ପାଦନ, ପ୍ରେରଣ ପାଇଁ ଏମ୍‌ସିଏଲ୍ ସିଏମ୍‌ଡିଙ୍କ ନିବେଦନ

ତାଳଚେର,୧୦।୨ (ମନୋଜ ନନ୍ଦ)

୧୨ ତାରିଖରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଦ୍ୱାରା ପ୍ରସ୍ତାବିତ ଦେଶବ୍ୟାପୀ ଧର୍ମଘଟ ବିଜ୍ଞପ୍ତିକୁ ନଜରରେ ରଖି ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ମଙ୍ଗଳବାର କମ୍ପାନୀର ମୁଖ୍ୟାଳୟଠାରେ ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧିମାନଙ୍କୁ ନେଇ ଏକ ଜରୁରୀ ସଂଯୁକ୍ତ ପରାମର୍ଶଦାତା ସମିତି ବୈଠକ କରିଥିଲେ। କମ୍ପାନୀର ସମସ୍ତ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଓ ଶ୍ରମିକ ସଙ୍ଗଠନର ପ୍ରତିନିଧିଙ୍କ ମଧ୍ୟରେ ରଞ୍ଜନ ବେହେରା (ବିଏମ୍‌ଏସ୍), ଶଙ୍କର ବେହେରା (ଏଚ୍‌ଏମ୍‌ଏସ୍), ଅଶୋକ କୁମାର ଦାସ (ଏଆଇଟିୟୁସି) ଏବଂ ପ୍ରକାଶ ଜୈନ (ସିଏମ୍‌ଓଏଆଇ) ଉପସ୍ଥିତ ଥିଲେ। ବୈଠକରେ ସିଏମ୍‌ଡି କାଓଲେ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। କେଶବ ରାଓ ନିର୍ଦ୍ଦେଶକ (ମାନବ ସମ୍ବଳ) ନିରବଚ୍ଛିନ୍ନ କୋଇଲା ଉତ୍ପାଦନ ଏବଂ ପ୍ରେରଣ ବଜାୟ ରଖିବା ପାଇଁ ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧିଙ୍କୁ ନିବେଦନ କରିଥିଲେ।

# ଆଇସିଏଲ୍ ଫିନକର୍ପର ନୂତନ ଏନ୍‌ସିଡି ଇସ୍ୟୁ




ଭୁବନେଶ୍ୱର,୧୦।୨

ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ଆଇସିଏଲ ଫିନ୍‌କର୍ପ ନୂତନ ସୁରକ୍ଷିତ ରିଡିମେବଲ ନନ୍-କନ୍‌ଭର୍ଟିବଲ ଡିବେଞ୍ଚର (ଏନ୍‌ସିଡି) ପବ୍ଲିକ ଇସ୍ୟୁ ଘୋଷଣା କରିଛି। ଏହି ଇସ୍ୟୁ ଫେବୃଆରୀ ୫ ରୁ ଫେବୃଆରୀ ୧୮ ପର୍ଯ୍ୟନ୍ତ ଖୋଲା ରହିବ। ଆଇସିଏଲ୍ ଫିନ୍‌କର୍ପ ସିଏମଡି ଆଡଭୋକେଟ କେ.ଜି. ଅନିଲକୁମାର, ବିକାଶ ଟିଭିର କମ୍ପାନୀ ସେକ୍ରେଟାରି ଏବଂ ଆଇସିଏଲ୍ ଫିନ୍‌କର୍ପର ସିଏଫ୍‌ଓ ମାଧବନ୍‌କୁଟ୍ଟି ଥେକ୍କେଦଥ୍ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ପ୍ରଭାବୀ ଆୟ ୧୨.୨୫% ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି। ପୂର୍ବ ଇସ୍ୟୁଗୁଡ଼ିକରେ ପ୍ରାପ୍ତ ଉତ୍ସାହଜନକ ପ୍ରତିକ୍ରିୟା ପାଇଁ କମ୍ପାନି ନିବେଶକମାନଙ୍କର ବିଶ୍ୱାସକୁ ଗୁରୁତ୍ୱ ଦେଇଛି। ଏହି ନୂତନ ଇସ୍ୟୁ ମାଧ୍ୟମରେ ଗ୍ରାହକଙ୍କ ପରିବର୍ତ୍ତନଶୀଳ ଆବଶ୍ୟକତା ଅନୁଯାୟୀ ଆହୁରି ଦୃଢ଼ ଆର୍ଥିକ ସମାଧାନ ପ୍ରଦାନ କରିବାକୁ କମ୍ପାନି ପ୍ରତିବଦ୍ଧ। ପ୍ରତ୍ୟେକ ଏନ୍‌ସିଡିର ମୂଲ୍ୟ ୧,୦୦୦ ଟଙ୍କା ରହିଛି ଏବଂ ନ୍ୟୂନତମ ଆବେଦନ ପରିମାଣ ୧୦,୦୦୦ ଟଙ୍କା ରହିଛି। ଏହି ଇସ୍ୟୁରେ ୧୦ଟି ବିକଳ୍ପ (୧୦ ଆଇଏସ୍‌ଆଇଏନ୍) ରହିଛି, ଯେଉଁଥିରେ ୧୩, ୨୪, ୩୬, ୬୦ ଓ ୭୨ ମାସର ଟେନ୍ୟୁର ସହ ମାସିକ, ବାର୍ଷିକ ଓ କ୍ୟୁମୁଲେଟିଭ ସୁଧ ବିକଳ୍ପ ଉପଲବ୍ଧ। ସୁଧ ହାର ୧୦.୦୦%ରୁ ୧୨.୨୫% ପର୍ଯ୍ୟନ୍ତ ରହିଛି। ଏହି ଇସ୍ୟୁ କ୍ରିସିଲ ବିବିବି/ଷ୍ଟେବଲ୍ ରେଟିଂ ପ୍ରାପ୍ତ। ଏହି ଇସ୍ୟୁରୁ ପ୍ରାପ୍ତ ଅର୍ଥ ଆଇସିଏଲ୍ ଫିନ୍‌କର୍ପର ବୃଦ୍ଧି, ସେବା ଗୁଣବତ୍ତା ଉନ୍ନତି ଏବଂ ଭାରତବ୍ୟାପୀ ଗ୍ରାହକ ଓ ଷ୍ଟେକ୍‌ହୋଲଡରଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ବ୍ୟବହାର କରାଯିବ।

# କ୍ୟୋର୍‌ବେ'ର ସିଓଓ ହେଲେ ସିଦ୍ଧାର୍ଥ ଅଗ୍ରୱାଲ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)



ହାଇବ୍ରିଡ୍ ହେଲ୍‌ଥ କେୟାର ପ୍ଲାଟ୍‌ଫର୍ମ କ୍ୟୋର୍‌ବେ' କମ୍ପାନୀ ସିଦ୍ଧାର୍ଥ ଅଗ୍ରୱାଲଙ୍କୁ ଚିଫ୍ ଅପରେଟିଂ ଅଫିସର (ସିଓଓ) ଭାବେ ନିଯୁକ୍ତି ଦେଇଛି। ସିଦ୍ଧାର୍ଥ ଅଗ୍ରୱାଲ ସମ୍ପୃକ୍ତ କ୍ଷେତ୍ରରେ ୨ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରଖିଥିବାବେଳେ ଗ୍ଲୋବାଲ ଏଫ୍‌ଏମ୍‌ସିଜି କମ୍ପାନୀ ଓ ଉଚ୍ଚ ବୃଦ୍ଧିଶୀଳ କଞ୍ଜୁମର ଟେକ୍ ପ୍ଲାଟ୍‌ଫର୍ମରେ ସିନିୟର ନେତୃତ୍ୱ ଭୂମିକା ରହିଛି। ତାଙ୍କର ପୂର୍ବ କାର୍ଯ୍ୟକ୍ଷେତ୍ରରେ ଓଏଲ୍‌ଏକ୍ସ ଇଣ୍ଡିଆକ୍, ଓଲା ୟୁନିଲିଭର ଏବଂ ପର୍ଫେଟି ଭ୍ୟାନ ମେଲେ ଭଳି କମ୍ପାନୀରେ ବୃହତ୍ ପରିମାଣର ଅପରେଶନ ଓ ବୃଦ୍ଧି ଉଦ୍ୟମକୁ ନେତୃତ୍ୱ ଦେଇଛନ୍ତି। ସିଓଓ ଭାବେ ସିଦ୍ଧାର୍ଥ କମ୍ପାନୀର ଏଣ୍ଡ-ଟୁ-ଏଣ୍ଡ ଅପରେଶନ ତଦାରଖ କରିବେ। କମ୍ପାନୀର ବିସ୍ତାର ଯୋଜନାରେ ଇନ୍‌କ୍ଲିନିକ୍ ନେଟ୍‌ୱର୍କକୁ ବଢ଼ାଇବା,ସ୍ୱାସ୍ଥ୍ୟ ମିତ୍ର ଇକୋସିଷ୍ଟମକୁ ମଜଭୁତ କରିବା ଏବଂ ଟେକ୍ନୋଲୋଜି ଆଧାରିତ ସମାଧାନ ସଂଯୋଜନ କରି ଅପେକ୍ଷାକୃତ ସମ୍ପ୍ରଦାୟକୁ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ରହିଛି। ଏହି ନିଯୁକ୍ତି ଉପରେ ମନ୍ତବ୍ୟ ଦେଇ କ୍ୟୋର୍‌ବେ' ପ୍ରତିଷ୍ଠାତା ଓ ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ଭାରତର ଅପେକ୍ଷାକୃତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବଧାନ ଦୂର କରିବା ପାଇଁ କ୍ୟୋର୍‌ବେ' ଆରମ୍ଭ ହୋଇଥିଲା। ସିଦ୍ଧାର୍ଥଙ୍କ ନିଯୁକ୍ତି ଆମ ନେତୃତ୍ୱ ଦଳକୁ ମଜବୁତ କରିବ ଏବଂ ଅପରେଶନ ଓ ବିସ୍ତାରକୁ ଆହୁରି ଆକାର ଦେବାରେ ସାହାଯ୍ୟ କରିବ।

# ଝାରସୁଗୁଡ଼ାରେ ଅଶୋକ ଲେଲାଣ୍ଡର ୫୪ତମ ଟଚ୍‌ପଏଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)




ଅଶୋକ ଲେଲାଣ୍ଡର ଓଡ଼ିଶାରେ ୫୪ତମ ଟଚ୍‌ପଏଣ୍ଟ (ଡିଲରଶିପ ଓ ସର୍ଭିସ୍ ଆଉଟ୍‌ଲେଟ) ମଙ୍ଗଳବାର ଝାରସୁଗୁଡ଼ାରେ ଉଦ୍‌ଘାଟିତ ହୋଇଛି। ଅଶୋକ ଲେଲାଣ୍ଡର ପୂର୍ବାଞ୍ଚଳ ଜୋନାଲ ମ୍ୟାନେଜର ଦୀପକ ରଜଦାନ ଏହି ଅତ୍ୟାଧୁନିକ ସୁବିଧାଯୁକ୍ତ ଆଉଟ୍‌ଲେଟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ଲେଲାଣ୍ଡର ଓଡ଼ିଶା ରିଜିଓନାଲ ମ୍ୟାନେଜର ଅଭିନବ ପ୍ରତୀକ, ଜଳନ ଅଟୋମୋବାଇଲ୍ସର ଚେୟାରମ୍ୟାନ ଅଶୋକ କୁମାର ଜଳନ, ଡାଇରେକ୍ଟର ଯୋଗେଶ ଜଳନ ଏବଂ ମନୀଷ ଚୌଧୁରୀ ଉପସ୍ଥିତ ଥିଲେ। ଏହା ଜଳନ ଅଟୋମୋବାଇଲ୍ସର ଓଡ଼ିଶାରେ ଚତୁର୍ଥ ଆଉଟଲେଟ। ଏହି ଅତ୍ୟାଧୁନିକ ସର୍ଭିସ୍ ୱାର୍କଶପରେ ୧୦ଟି ସର୍ଭିସ୍ ବେ ରହିଛି ଏବଂ ଆଧୁନିକ ଯନ୍ତ୍ରପାତି ଓ ଉପକରଣ ଦ୍ୱାରା ଉଚ୍ଚମାନର ସେବା ପ୍ରଦାନ କରାଯିବ। ଏହା ଏସ୍‌ଏଚ୍-୧୦ ରେ ରଣନୈତିକ ଭାବେ ସ୍ଥାପିତ ହୋଇଛି, ଯାହା ସମ୍ବଲପୁର-ରାଉରକେଲା ରୁଟ୍‌ରେ ଚଳାଚଳ କରୁଥିବା ସମସ୍ତ ଅଶୋକ ଲେଲାଣ୍ଡ ଯାନକୁ ସେବା ପ୍ରଦାନ କରିବ। ଏହା ସମଲେଶ୍ୱରୀ ଓ ଲଖନପୁର ଭଳି ନିକଟବର୍ତ୍ତୀ ପ୍ରମୁଖ କୋଇଲା ଖଣି ତଥା ଶ୍ୟାମ ମେଟାଲିକ୍ସ, ଜେଏସ୍‌ଡବ୍ଲ୍ୟୁ, ଆଦିତ୍ୟ ବିର୍ଲା ଗ୍ରୁପ୍ ଏବଂ ବେଦାନ୍ତ ଭଳି ଇସ୍ପାତ ଓ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ଆଖପାଖରେ ଚଳାଚଳ କରୁଥିବା ଯାନଗୁଡ଼ିକୁ ମଧ୍ୟ ସେବା ପ୍ରଦାନ କରିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ୫୫୨୫ ଟିଟି, ୩୫୩୨ ଟିପ୍ପର ଏବଂ ୨୮୩୨ ଟିପ୍ପର ଭଳି ଯାନଗୁଡ଼ିକର ପ୍ରଦର୍ଶନୀ କରାଯାଇଥିଲା। ଏହି ନୂତନ ଆଉଟ୍‌ଲେଟ ଅଞ୍ଚଳର ପରିବହନ ଓ ଶିଳ୍ପ କ୍ଷେତ୍ରରେ ଅଶୋକ ଲେଲାଣ୍ଡର ସ୍ଥିତି ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି।

# ଆଇଜି ଡିଫେନ୍ସକୁ ସ୍ୱଦେଶୀ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ପାଇଁ ମିଳିଲା ପେଟେଣ୍ଟ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)

ଆଧୁନିକ ଯୁଦ୍ଧକ୍ଷେତ୍ରର ବଦଳୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଦ୍ୱାରା ବିକଶିତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଅନମ୍ୟାନଡ୍ ଏରିଅଲ ସିଷ୍ଟମ' ପାଇଁ କମ୍ପାନୀକୁ ପେଟେଣ୍ଟ ପ୍ରଦାନ କରାଯାଇଛି। ଏହି ଅତ୍ୟାଧୁନିକ ସିଷ୍ଟମ ଶତ୍ରୁ ଉପରେ ନଜର ରଖିବା ଏବଂ ସଠିକ ଲକ୍ଷ୍ୟଭେଦ କରିବାରେ ସକ୍ଷମ, ଯାହା ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜଭୁତ କରିବ। ଆଇଜି ଡିଫେନ୍ସର ଏହି ନୂତନ ପେଟେଣ୍ଟ ପ୍ରାପ୍ତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ସେନାବାହିନୀକୁ ଅତ୍ୟନ୍ତ ସଠିକତାର ସହ ଶତ୍ରୁକୁ ଚିହ୍ନଟ କରିବା, ଗତିବିଧି ଉପରେ ନଜର ରଖିବା ଏବଂ ଆକ୍ରମଣ କରିବାରେ ସକ୍ଷମ କରାଏ, ଯାହାଦ୍ୱାରା ଭୂମିରେ ଥିବା ସୈନିକମାନଙ୍କ ପ୍ରତି ବିପଦ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥାଏ। ଯୁଦ୍ଧକ୍ଷେତ୍ରର କଠିନ ପରିସ୍ଥିତିରେ, ଗୁପ୍ତ ତଥ୍ୟ ସଂଗ୍ରହ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଏହି କ୍ଷମତା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଆଇଜି ଡିଫେନ୍ସର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ଆଧୁନିକ ଯୁଦ୍ଧର ବାସ୍ତବତାକୁ ଦୃଷ୍ଟିରେ ରଖି ଏହି 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ'କୁ ବିକଶିତ କରାଯାଇଛି। ସଶସ୍ତ୍ର ବାହିନୀକୁ ନିର୍ଭରଯୋଗ୍ୟ ଉପକରଣ ଯୋଗାଇଦେବା ଆମର ଲକ୍ଷ୍ୟ। ଆଇଜି ଡିଫେନ୍ସର ପରାମର୍ଶଦାତା, ଏୟାର କମୋଡୋର ଆର.ଏନ. ଗାଏକ୍ୱା କହିଛନ୍ତି, କମ୍ପାନୀ କେବଳ ପ୍ରଦର୍ଶନ ପାଇଁ ନୁହେଁ, ବରଂ ବାସ୍ତବ ଯୁଦ୍ଧକ୍ଷେତ୍ରରେ ବ୍ୟବହାର ଉପଯୋଗୀ ଜ୍ଞାନକୌଶଳ ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି।

# ଫାଇଲେରିଆ ନିରାକରଣ ପାଇଁ ଆରମ୍ଭହେଲା ଏମ୍‌ଡିଏ

ଭୁବନେଶ୍ୱର, ୧୦।୨
(ବନ୍ଦନା ସେଠୀ)

୨୦୨୭ ସୁଦ୍ଧା ମଶାଜନିତ ରୋଗ 'ଲିମ୍ଫାଟିକ୍ ଫାଇଲେରିଆସିସ୍'ର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାମୂହିକ ଔଷଧ ସେବନ(ଏମ୍‌ଡିଏ) କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ମଙ୍ଗଳବାର ଚଳିତବର୍ଷର ଏମ୍‌ଡିଏ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶୁଭାରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଫେବୃଆରୀ ୧୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏମ୍‌ଡିଏ ଅଭିଯାନରେ ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଢେଙ୍କାନାଳ ଓ ଯାଜପୁର ଜିଲାର ୭ଟି ବ୍ଲକ/ସହରାଞ୍ଚଳର ପ୍ରାୟ ୭.୪୦ ଲକ୍ଷ ଲୋକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବାକୁ ଦିଆଯିବ। ଔଷଧ ଠିକ୍ ଭାବେ ଓ ନିରୀକ୍ଷଣ ସହିତ ସେବନ ସୁନିଶ୍ଚିତ କରିବା ପାଇଁ ୨୨୦୦ ଜଣ ପ୍ରଶିକ୍ଷିତ କର୍ମୀ ନିଯୁକ୍ତ ହୋଇଛନ୍ତି। ୨୧୦ ସୁପରଭାଇଜର ସେମାନଙ୍କ କାର୍ଯ୍ୟକୁ ନିରୀକ୍ଷଣ କରୁଛନ୍ତି।

# ୩୧ ଲକ୍ଷ, ୪୨ ଗ୍ରାମ ସୁନା ମିଳିଲା



ଘଟଗାଁ, ୧୦।୨ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ମଙ୍ଗଳବାର ଖୋଲାଯାଇ ଗଣତି କରାଯାଇଛି। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମୋଟ ୩୦ ଲକ୍ଷ ୯୫ ହଜାର ୬୮୦ ଟଙ୍କା, ୪୨ ଗ୍ରାମ ୯୪୦ ମିଲିଗ୍ରାମ ସୁନା ଓ ୮୬୦ ଗ୍ରାମ ୮୧୦ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ମଳୟ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ,

## ମା' ତାରିଣୀଙ୍କ ହୁଣ୍ଡି ଗଣତି

କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ ଶାଖାର ବିଶ୍ୱମୋହନ ରାଉତ, ତ୍ରିଶାଳା ହାଁସଦା, ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

## ଅବଶିଷ୍ଟାଂଶ

### ଯୁବକଙ୍କ ଅନ୍ତିମ...

ଯୁବକଙ୍କ ଅନ୍ତିମ ସତ୍କାର ପାଇଁ ଆସିଲେନି ଗ୍ରାମବାସୀ, ବନ୍ଧୁବାନ୍ଧବ ମେଡିକାଲରେ ଭର୍ତ୍ତି କରିଥିଲେ। ପାଖରେ ଅର୍ଥ ନ ଥିବାରୁ ସେ ପୁଅକୁ ଅନ୍ୟତ୍ର ଚିକିତ୍ସା ପାଇଁ ନେଇ ପାରି ନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ କାହ୍ନୁଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଥିଲା। ଏହି ଖବର ଜାଣିସୁଦ୍ଧା କାହ୍ନୁ ଅନ୍ୟ ଜାତିରେ ପ୍ରେମ ବିବାହ କରିଥିବାରୁ ଗ୍ରାମବାସୀ କି ବନ୍ଧୁବାନ୍ଧବ କେହି ମୃତଦେହ ସତ୍କାର କରିବାକୁ ଆସି ନ ଥିଲେ। ଗ୍ରାମବାସୀ ତାଙ୍କ ପରିବାରକୁ ବାସନ୍ଦ କରିଥିଲେ। ଏହି ଖବର ବିପଦରବନ୍ଧୁ ଓଡ଼ିଶା ଭଞ୍ଜନଗର ଶାଖା କର୍ମକର୍ତ୍ତାମାନେ ଜାଣିବା ପରେ ସେମାନେ ମେଡିକାଲରେ ପହଞ୍ଚି କାହ୍ନୁଙ୍କ ମା'ଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଏନେଇ ସେମାନେ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ଜଣାଇଥିଲେ। ଯୁବକଙ୍କ ଅନ୍ତିମ ସତ୍କାର କରିବାକୁ ଥାନା ଅଧିକାରୀ ସେମାନଙ୍କୁ ପରାମର୍ଶ ଦେଇଥିଲେ। ପରେ କାହ୍ନୁଙ୍କ ମୃତଦେହ ବିପଦର ବନ୍ଧୁ କର୍ମକର୍ତ୍ତା ଓ ସଦସ୍ୟମାନେ ଭଞ୍ଜନଗର ଶ୍ମଶାନ ଘାଟକୁ ନେଇ ପୋଲିସ ସହାୟତାରେ ସତ୍କାର କରିଛନ୍ତି।

# ୨୦ ସୁଦ୍ଧା ଆଇ୪ଏମ୍‌ଏସ୍‌ରେ ଷ୍ଟୋନ୍ କ୍ରଶର ପଞ୍ଜୀକରଣ କର

## ଲଘୁ ଖଣି ବିଭାଗର ନିର୍ଦ୍ଦେଶ ପରେ ବେଆଇନ କ୍ରଶର ମାଲିକ ମଧ୍ୟରେ ଛନକା

ଯାଜପୁର, ୧୦।୨
(ହର୍ଷବର୍ଦ୍ଧନ ବେହେରା)

ସାରା ରାଜ୍ୟରେ ବେଆଇନ ଷ୍ଟୋନ୍ କ୍ରଶର ୟୁନିଟ୍ ଯୋଗୁ ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଲଘୁ ଖଣିଜ ବିଭାଗ ପକ୍ଷରୁ ଷ୍ଟୋନ୍ କ୍ରଶରଗୁଡ଼ିକରେ ପରିବେଶଗତ ଅନୁମତି, ଟ୍ରାନ୍‌ଜିଟ୍ ପାସ୍, ବିକ୍ରି ରସିଦ ଇତ୍ୟାଦି ଯାଞ୍ଚ ହେଉଛି। ହେଲେ ବେଆଇନ ଷ୍ଟୋନ୍ କ୍ରଶର ବିରୋଧରେ ଏଯାଏ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ତେଣୁ ଏଭଳି ବେଆଇନ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ପ୍ରଥମେ ୫।୫।୨୦୨୫ରେ ଷ୍ଟୋନ୍ କ୍ରଶରଗୁଡ଼ିକୁ ଇଣ୍ଟିଗ୍ରେଟେଡ୍ ମାଇନର ମିନେରାଲ ମାଇନିଂ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇ୪ଏମ୍‌ଏସ୍) ପୋର୍ଟାଲରେ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ହୋଇଥିଲା। ପରବର୍ତ୍ତୀ ସମୟରେ ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ୯।୫।୨୦୨୫ ଓ ୩୦।୧୦।୨୦୨୫ରେ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ବିଡମ୍ବନା ଯେ, ଏହି ନିର୍ଦ୍ଦେଶକୁ ୯ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି କ୍ରଶର ମାଲିକ ଏହାକୁ ମାନିନାହାନ୍ତି। ତେଣୁ ରାଜ୍ୟ ସରକାରଙ୍କ ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ତୁରାମ ବଲେଇ ମୁଣ୍ଡା ୯।୨।୨୦୨୬ରେ ସମସ୍ତ ବିଭାଗୀୟ ଡେପୁଟି ଡାଇରେକ୍ଟର ମାଇନ୍ସ(ଡିଡିଏମ୍) ଓ ମାଇନିଂ ଅଫିସର(ଏମ୍‌ଓ)ମାନଙ୍କୁ ୨୦।୨।୨୦୨୬ ସୁଦ୍ଧା ଆଇ୪ଏମ୍‌ଏସ୍ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଉପନିର୍ଦ୍ଦେଶକ ମୁଣ୍ଡା ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

ଇସ୍ପାତ ଓ ଖଣି ବିଭାଗର ଲଘୁ ଖଣିଜ ନିର୍ଦ୍ଦେଶାଳୟ ଆଇ୪ଏମ୍‌ଏସ୍ ପୋର୍ଟାଲରେ ପଥର କ୍ରଶର ୟୁନିଟଗୁଡ଼ିକର ପଞ୍ଜୀକରଣ ପାଇଁ ମାନକ ପରିଚାଳନା ପଦ୍ଧତି ବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଜାରି କରାଯାଇଛି। ଏଥିରେ କାର୍ଯ୍ୟକ୍ଷମ ସମସ୍ତ ପଥର କ୍ରଶର ୟୁନିଟ୍ ଏକ ମାସ ମଧ୍ୟରେ ଆଇ୪ଏମ୍‌ଏସ୍ ପୋର୍ଟାଲରେ ପଞ୍ଜୀକରଣ କାର୍ଯ୍ୟ ସମାପ୍ତ କରିବେ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିଏସ୍‌ଏମ୍ ଟେକ୍ନୋଲୋଜି ଲିମିଟେଡ୍‌କୁ ଏଥିପାଇଁ ଅବଗତ କରାଯାଇଛି। ପଞ୍ଜୀକରଣ ପ୍ରମାଣପତ୍ରର ଅବଧି ସିଟିଂ କ୍ରାଇଟେରିଆ କିମ୍ବା କନ୍‌ସେଣ୍ଟ ଟୁ ଅପରେଟ (ସିଟିଓ) ବୈଧତା ପର୍ଯ୍ୟନ୍ତ ବଳବତ୍ତର ରହିବ। ପଞ୍ଜୀକରଣ ଅବଧି ଶେଷ ହେବାର ୩୦ ଦିନ ପୂର୍ବରୁ ପୋର୍ଟାଲ ମାଧ୍ୟମରେ ପୁଣି ଆବେଦନ କରିବାକୁ ହେବ। କ୍ରଶରରୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଆଇ୪ଏମ୍‌ଏସ୍ ମାଧ୍ୟମରେ କର୍ତ୍ତୃପକ୍ଷଙ୍କ ଅନୁମତି ଏବଂ ଇ-ଟ୍ରାନ୍‌ଜିଟ୍ ପାସ୍(ଇଟିପି) ନେବା ଅନିବାର୍ଯ୍ୟ। କ୍ରଶର ୟୁନିଟ୍‌କୁ ଦୈନିକ କେତେ ପରିମାଣର କଞ୍ଚାମାଲ ଆସିଲା ଏବଂ କେତେ ପ୍ରକ୍ରିୟାକରଣ ହୋଇ ବାହାରକୁ ଗଲା ତାର ଠିକ୍ ହିସାବ ପୋର୍ଟାଲର ଫର୍ମ-ସିରେ ମାଲିକ ଦର୍ଶାଇବେ। ପ୍ରତି ମାସର ପ୍ରଥମ ସପ୍ତାହ ମଧ୍ୟରେ ଫର୍ମ-ସିର ଏକ ସଙ୍କଳିତ ପୁସ୍ତିକା କର୍ତ୍ତୃପକ୍ଷଙ୍କୁ ଦାଖଲ କରିବେ। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମସ୍ତ ନିୟମ ମାନିବାକୁ ହେବ। ସରକାରୀ ଅଧିକାରୀଙ୍କୁ ଯାଞ୍ଚ ସମୟରେ ଖଣିଜ ଷ୍ଟକ୍ ଏବଂ ରେକର୍ଡ ଦେଖାଇବାକୁ ପଡ଼ିବ। ଷ୍ଟକ୍‌ର ଠିକ୍ ତଦାରଖ ପାଇଁ ସିସିଟିଭି କ୍ୟାମେରା ଏବଂ ଚେକ୍ ଗେଟ୍ ଲଗାଇବା ବାଧ୍ୟତାମୂଳକ। ନିୟମ ଉଲ୍ଲଂଘନ କଲେ ପଞ୍ଜୀକରଣ ବାତିଲ କରାଯାଇପାରେ। ଜିଲା ସ୍ତରୀୟ ଟାସ୍କ ଫୋର୍ସ ଏହି ସମସ୍ତ ପଞ୍ଜୀକରଣ ଏବଂ ଅନୁପାଳନ ପ୍ରକ୍ରିୟାର ତଦାରଖ କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିୟମିତ ଭାବେ ପ୍ରଶାସନ ପକ୍ଷରୁ କ୍ରଶରରୁ ଚିପ୍ସ, ଡଷ୍ଟ ଓ ମେଟାଲ ପରିବହନ କରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ ରାସ୍ତାରେ କରାଯିବ। ଇଟିପି ନ ଥିଲେ ଗାଡ଼ିମାଲିକଙ୍କ ଉପରେ ଜରିମାନା ସହ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ପଥର କ୍ରଶର ୟୁନିଟ୍‌ର ପଞ୍ଜୀକରଣ ବାତିଲ କରାଯାଇପାରିବ। ବିଭାଗ ପକ୍ଷରୁ ନିଆଯାଇଥିବା ଉପରୋକ୍ତ ପଦକ୍ଷେପଗୁଡ଼ିକୁ କଡ଼ାକଡ଼ି ଭାବେ ଲାଗୁ କରାଗଲେ ବହୁ କୋଟି ଟଙ୍କା ରାଜସ୍ୱ ବଢ଼ିବା ସହ ଚୋରା କଳାପଥର ଖନନ ଓ ପରିବହନ ଉପରେ ନିଶ୍ଚିତ ଭାବେ ଅଙ୍କୁଶ ଲାଗି ପାରିବ ବୋଲି ଆଶା କରାଯାଇଛି।

DIRECTORATE OF MINOR MINERALS
STEEL & MINES DEPARTMENT, GOVERNMENT OF ODISHA
Block No.06, Ground floor, Lokseva Bhawan, Bhubaneswar-751001
(e-mail:dirmms-rev@od.gov.in)

File No.DOMM-DMM-ITPMU-0075-2025 446 Date: 09/02/2026

From
Sri Turam Balei Munda,
Deputy Director (Tech-Geology)

To
All DDMs/ All MOs

Sub: Registration of Stone Crusher Units under i4MS.

Ref: This Directorate letter no.1246 dtd.09.05.2025 and letter no.2713 dtd.30.10.2025.

Madam/Sir,

In inviting a reference to the subject and letter cited above, I am directed to say that, this Directorate vide letter no. 2713 dtd.30.10.2025 has intimated that, the application module for the registration of Stone Crusher Units under the i4MS has been made live.

It is observed that, though three months had been passed, the registration of Stone Crusher Units under i4MS is not completed yet.

Therefore, It is hereby instructed to sensitize and direct all the Stone Crusher Units under your jurisdiction to complete the registration/onboarding of Stone Crusher Units in i4MS within a **week positively by dt.20.02.2026.**

This matter may please be accorded as "**Top Priority**".

Encl : As above

Yours faithfully,
Deputy Director(Tech-Geology)

# ପିଏମ୍-କିଷାନ: ଚାଷୀ ନେଲେଣି ୪.୦୯ଲକ୍ଷ କୋଟି

ଭୁବନେଶ୍ୱର, ୧୦।୨ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍-କିଷାନ ଯୋଜନାରେ ଦେଶର ଚାଷୀମାନଙ୍କୁ ୨୧ଟି କିସ୍ତିରେ ୪ଲକ୍ଷ ୯ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ମଙ୍ଗଳବାର ଲୋକସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ସଂସଦରେ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ଦେଶରେ ୩୦ଲକ୍ଷ ୧୮ହଜାର ୩୬୧ଜଣ ଚାଷୀଙ୍କୁ ଏହି ଅର୍ଥ ବଣ୍ଟନ କରାଯାଇଛି।

# ନିଶା ମହାରଣାଙ୍କୁ କୋର୍ଟରୁ ମିଳିଲା ଜାମିନ

## ଚନ୍ଦନଭାଟି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ମାମଲା

### ଅଶ୍ଳୀଳ ନୃତ୍ୟ କରିବିନି, ହଟ୍ ଆଇଟମ୍ ଡ୍ୟାନ୍ସ କରିବି: ନିଶା

ବଲାଙ୍ଗୀର, ୧୦।୨
(ବୀରେନ୍ଦ୍ର କୁମାର ଝାଙ୍କର)

ଅଶ୍ଳୀଳ ନୃତ୍ୟ ମାମଲାରେ ଛନ୍ଦି ହୋଇଥିବା ଚର୍ଚ୍ଚିତ ଆଇଟମ୍ ଗାର୍ଲ ନିଶା ମହାରଣାଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରୁ ମଙ୍ଗଳବାର ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଛି। ୨୦ ହଜାର ଟଙ୍କା ଏବଂ ଜଣେ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ମିଳିଛି। ଜାମିନ ମିଳିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନିଶା କହିଥିଲେ, ତାଙ୍କୁ ଜାମିନ ମିଳିଯାଇଛି। ଆଗକୁ ଓଡ଼ିଶାର କୌଣସି ଯାତ୍ରା ମଞ୍ଚରେ ସେ ଆଉ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବେ ନାହିଁ। ମାତ୍ର ହଟ୍ କଷ୍ଟ୍ୟୁମ୍ ପିନ୍ଧି ଆଇଟମ୍ ଡ୍ୟାନ୍ସ ଜାରି ରଖିବେ ବୋଲି କହିଥିଲେ। ପ୍ରକାଶ ଯେ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ଗତମାସ ୧୨ ତାରିଖରେ ଆୟୋଜିତ ଏକ ଯାତ୍ରା ମଞ୍ଚରେ ନିଶା ଅଶ୍ଳୀଳ ଓ ନଗ୍ନ ନୃତ୍ୟ ପ୍ରଦର୍ଶନ କରିଥିବାରୁ ତତ୍କାଳୀନ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ଏକ ମାମଲା ରୁଜୁ କରିଥିଲେ। ନିଶା, ଯାତ୍ରା ଆୟୋଜକ କମିଟି ସଭାପତି, ସମ୍ପାଦକ ଏବଂ ଅନ୍ୟ କେତେଜଣ ସଦସ୍ୟଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ କରିବା ପରେ ସଦର ଥାନା ପୋଲିସ ଯାତ୍ରା ଆୟୋଜକ କମିଟି ସଭାପତି ସୁରେନ୍ଦ୍ର ନାଗ ଏବଂ ସମ୍ପାଦକ ରାଧେଶ୍ୟାମ ମେହେରଙ୍କୁ ଗିରଫ କରିଥିଲେ। ଏହାପରେ ନିଶାଙ୍କ ଗିରଫଦାରି ଭୟ ବଢ଼ିଥିଲା। ଏପରି କି ବଲାଙ୍ଗୀର ପୋଲିସର ଏକ ଟିମ୍ ତାଙ୍କୁ ଗିରଫ କରିବା ପାଇଁ ଭୁବନେଶ୍ୱର ଯାଇଥିଲେ। ଏହି ଘଟଣା ସେତେବେଳେ ହଇଚଇ ସୃଷ୍ଟି କରିଥିଲା। ନିଶା ସମ୍ଭାବ୍ୟ ଗିରଫଦାରି ଏଡାଇବାକୁ ଯାଇ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୨ ସପ୍ତାହରେ ସତ୍ୟପାଠ ଦାଖଲ କରିବେ ରାଜ୍ୟ ସରକାର

## ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ, ସଦସ୍ୟ ପଦ ପୂରଣ ମାମଲା

କଟକ, ୧୦।୨ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ ପାଇଁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଏମ୍‌ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ଜବାବ ତଲବ କରିଛନ୍ତି। ରାଜ୍ୟ ସରକାର ପରିଷଦର ନିଯୁକ୍ତି ବାବଦରେ ନେଇଥିବା ପଦକ୍ଷେପ ଉପରେ ବିସ୍ତୃତ ରିପୋର୍ଟ ସତ୍ୟପାଠ ଜରିଆରେ ଆଗାମୀ ୨ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଓ ତାହାର ଏକ ସପ୍ତାହ ଭିତରେ ପ୍ରତିଜବାବ ଆବେଦନକାରୀ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୦ରେ ହେବାକୁ ଧାର୍ଯ୍ୟ ହୋଇଛି।


GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR
No.25001/45/2526
e-mail ID : eerwrairangpur@yahoo.com
"e"-Procurement Notice for Building works
Bid Identification No. - RWDRRP-27 of 2025-26

1. Name of the work : Construction of additional class room at Gouri Sankar Higher Secondary School at Khadiasole Asana for the year 2025-26, 2. Estimated Cost : **Rs.16.80 lakhs (approximately)**, 3. Class of Contractor : "D" & "C" Class or relevant of works license, 4. Period of Completion : 06 (Six) calendar months, 5. Tender Paper Cost : Rs.6000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur | RWDRRP-27/2025-26 | 12.02.2026 at 11.00 A.M. | 22.02.2026 up to 5.00 P.M. | 21.02.2026 up to 5.00 P.M. | 23.02.2026 at 11.30 A.M. |

Further details can be seen from the website : www.tendersodisha.gov.in
Sd./- Er. Sanjeet Naik
Executive Engineer, R.W. Division, Rairangpur
OIPR-25001/25107/1/25-26/0002

ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/TECH/WK-105/4, Vol-I/889 Date : 05.02.2026
NOTICE INVITING TENDER NO HHEP-18/2026
No.4001/8/2526 : Sealed tenders are invited in single part in sealed envelopes from the reputed manufacturers/authorised dealers/Channel Partners/Reputed Suppliers for Supply, installation, testing & commissioning of the following HP Compressor as mentioned below.

| Descriptional of Material | Cost of tender specification (Non-Refundable) | EMD in shape of DD/Bankers Cheque (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of One No. of 15 HP High pressure Compressor for Unit #7 including installation, testing & commissioning at Burla Power House | Rs.2360/- (Rs.2000/- + GST @18%) | 4720/- | 07.02.2026 (11.00 A.M.) to 23.02.2026 3:00 P.M. | 23.02.2026 Up to 3:30 P.M. | 23.02.2026 at 04:00 P.M. |

For details of the tender documents, terms and conditions please visit our website www.ohpcltd.com
OIPR-4001/4007/1/25-26/0003
Sd./- C & P Head, HHEP, Burla

GOVERNMENT OF ODISHA
OFFICE OF THE SUPERINTENDING ENGINEER,
R.W.S&S DIVISION, SAMBALPUR
No.25001/47/2526
E.mail : eerwsssbp@gmail.com
"e" PROCUREMENT NOTICE
Bid Identification No. RWSS (SBP) : 12/2025-26
1. Name of the Work : **Operation (including Supply of Staff Pattern) of 5 MLD WTP for Piped Water Supply Scheme to 23 Villages of Dhankauda & Rengali Block for Two Years (730 days.)**, 2. Total Number of Work : **01 NO (One)**, 3. Estimated Cost : **Rs.200.65 Lakhs**, 4. Amount put to Tender : **Rs.170.04 lakhs**, 5. Class of Contractor : **B & A**, 6. Agrmnt. Period : **02 years**

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Sambalpur | RWSS (SBP) :- 12/2025-26 | 09.02.2026 11.00 A.M. | Up to 5.00 P.M. of 18.02.2026 |

**Further details can be seen from the e-procurement portal "www.tendersorissa.gov.in". Subsequent corrigendum if required shall be appeared in the website only.**
Superintending Engineer,
R.W.S&S. Division, Sambalpur
OIPR-25001/25015/1/25-26/0001

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
KHURDA IRRIGATION DIVISION, KHURDA
No.32001/46/2526
Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com
'e'-Procurement Notice No.KHD-05 OF 2025-26, Dtd.31.01.2026
1. Name of the work : 1 (One) no. of Civil Work, 2. Tender Cost : Varies Rs.67.60 Lakhs, 3. Bid Document Cost : Rs.10,000/-, 4. Bid Security : Varies from Rs.67,600/-/-, 5. Class of Contractor : B, 6. Period of Completion : 5 (five) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 05-01 of 2025-26 | 09.02.2026 at 11.00 A.M. | 23.02.2026 up to 5.00 P.M. | 24.02.2026 at 11.00 A.M. |

8. e-mail Id : eekhurdairrigationdivision@gmail.com
9. Further detail conditions can be seen from the Govt. website www.tendersodisha.gov.in
Sd/- Superintending Engineer
Khurda Irrigation Division, Khurda
OIPR-32001/32078/1/25-26/0021

OFFICE OF THE NOTIFIED AREA COUNCIL : CHAMPUA
e-Mail : champuanac@gmail.com
No : 236 Date : 03.02.2026
e-Procurement Notice
**No.13001/56/2526** : Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**
1. Tender Reference No. : EOCHAMPUANAC-NO-61/2025-26
2. Tender I.D. No. :
3. Name of the Work : Civil Construction works as mentioned in website
4. No. of works : 02 Nos.
5. Estimated Cost : Rs.2646340.00 to Rs.5602687.00
6. Period of Completion : 120 days
7. Date & Time of Bidding : 04.02.2026 to 16.02.2026 up to 5 P.M.
8. Last date & time for receipt of bids in the portal docuemnts : 16.02.2026 up to 5 P.M.
9. Bids received online shall be opened on dt. : 17.02.2026 at 9.30 A.M.
10. Name and address of the Officer inviting Bid : Executive Officer, Champua NAC
Further details can be seen from the procurement portal i.e. **www.tendersodisha.gov.in**
Sd./- Executive Office
Champua NAC
OIPR-13001/13157/1/25-26/0001

OFFICE OF THE MUNICIPALITY, NABARANGPUR
NABARANGPUR (ODISHA), PIN-764059
No.468 E-mail : muncipalityngpr@gmail.com Date : 05.02.2026
QUOTATION CALL NOTICE
**No.13001/63/2526** : The quotation is invited from the intending registered Agency / Firm/ Suppliers /Manufactures having GSTN clearance certificate, Pan Card & Dealership Certificate etc. for Supplying, Fitting, Fixing & Installation of CCTV and Biometric Attendance Sheet having reputed Brand /Company along with 03 years AMC under Nabarangpur Municipality Office in different locations (SUH, MCC/MRF & FSTP). The bid will be available online from dated. 06.02.2026 at 10.00 A.M to 13.02.2026 at 5.30 P.M. The quotation is to be received by the undersigned on or before 5.00 P.M on dated 18.02.2026 through registered post/ speed Post with (Postal Address: - At- Nabarangpur Municipality, Po/Ps-Nabarangpur, Dist- Nabarangpur and Pin-764059). The rate should be inclusive of all taxes. The quotation will be opened on dt. 19.02.2026 at 11.00 A.M in the office premises in presence of the bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotationer may also contact to the Nabarangpur Municipality Office within the Official working hour (Mobile No. 993790547). Details may also access and quotation details can be downloaded from dated. 06.02.2026 to 13.02.2026 in the website https://www.nawarangpurm.in/ and https://www.nabarangpur.odisha.gov.in/en/tender.
Sd./- Executive Officer
Nabarangpur Municipality
OIPR-13001/13230/1/25-26/0001

ODISHA STAFF SELECTION COMMISSION
Unit-II, Bhubaneswar, 751009, Email- ossc.od@nic.in, Tel No. 0674-2392833
No.443/OSSC., Date:- 09.02.2026
Quotation Call Notice
**No.9001/6/2526** : Sealed quotations/tenders are invited from interested reputed Travel Agencies/Tour Operators/ Individuals for providing One (1) no. of Petrol/Diesel Driven vehicles, which shall conform to the terms and conditions (Annexure-II) for official use in Odisha Staff Selection Commission, Bhubaneswar on monthly rent basis as given below.
**i. Tiago/Bolt/ Celerio or equivalent: Maximum hiring charges Rs.24,000/- per month (excluding GST) and having fuel efficiency of 17km/ltr.**
1. The vehicle must be in Road Worthy condition, shall not be more than three years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up to date tax payment, GST no. etc. which are mandatory for plying of vehicle.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5,000/- shall be deposited by the intending bidder in shape of Account Payee Bank Draft drawn in favour of the Secretary, Odisha Staff Selection Commission, Bhubaneswar and submitted along with the tender as a security deposit. After completion of tender process, the amount will be refunded to unsuccessful bidder.
5. **The monthly rate of hire charge be quoted in the general bid information which be maximum up to Rs.24,000/- (excluding fuel, lubricants & GST).**
6. The vehicle must achieve a fuel efficiency of 17 Kms. Per litre.
7. The details of the make and year of manufacture of the vehicle, registration No. mileage (Kms. Covered per litre) and name of the Driver with Driving License No. and period of validity should be specifically provided in the general bid information to be furnished with the quotation (Annexure-III).
8. **The quotation completed in all respects should reach the undersigned on or before 17.02.2026 by 2 PM and shall be opened on the same day at 04.00 PM in the presence of the bidder or their authorised representative.**
9. The application form of quotation containing General Bid Information & Terms and conditions for Hiring of vehicles etc. will be available in the Commission's Website www.ossc.gov.in which can be downloaded for application.
10. **Petrol BS VI vehicles are preferred as per Government instructions.**
By Order of the Commission
Sd./- Secretary
OIPR-9001/9005/1/25-26/0001

ODISHA NURSES & MIDWIVES REGISTRATION COUNCIL
Virtual Inspection for Renewal of NOC in Private Nursing Institutions for the session 2026-27
No.341, dt.09.02.2026
No.10001/36/2526: All the applicants who have applied for Renewal of NOC with duly completed applications for the session 2026-27 are instructed to remain in readiness for virtual inspection. The virtual inspection process will start from 16.02.2026. Detailed instructions regarding virtual inspection will be sent via email.
Sd./-
DMET (O)-cum-Chairman,
ONMRC
OIPR-10001/10252/1/25-26/0001

OFFICE OF THE DEAN & PRINCIPAL
SAHEED RENDO MAJHI MEDICAL COLLEGE & HOSPITAL,
BHAWANIPATNA, KALAHANDI
At-Bhangabari, PO-Uditnarayanpur, Bhawanipatna, Dist-Kalahandi, Pin-766002
Email : bptmedicalcollege@gmail.com, Website : https://srmmch.odisha.gov.in/
No.371 Date : 05.02.2026
CORRIGENDUM FOR EXTENSION OF TIME
**No.10001/28/2526** : Incontinuation of Tender Call Notice published for **Supply of Desktop, Printer, Scanner out of State Government Fund vide No.185 dt.15.01.2026** & published in the News Paper **"The Dharitri"** & **"The Odisha Bhaskar"** on dates 16.01.2026, the last date for receipt of bid documents has been extended to 17.02.2026 by 05.00 P.M. All other terms and conditions of the said Tender are hereby remaining unchanged. The said Tender document can be downloaded from website https://srmmch.odisha.gov.in & https://dmetodisha.gov.in.

| Schedule Date & Time | Schedule Date & Time |
|---|---|
| Last date of Submission of Bid | Dt.17.02.2026 by 05:00 P.M. (Extended) |
| Opening of Technical Bid | Dt.18.02.2026 at 12:00 P.M. |
| Opening of Financial Bid | To be announced later on after opening of the technical bid. |

Sd./- Dean & Principal
SRM MCH, Bhawanipatna, Kalahandi
OIPR-1001/10229/1/25-26/0018

OFFICE OF THE
MUNICIPAL COUNCIL, BHADRAK
BHADRAK
TENDER CALL NOTICE
(Through E-Procurement)
Tender Reference No. : BM-BDK-07-2025-26
Tender Call Notice No.397/BM/dt.03.02.2026
No.13001/65/2526 Tender ID No.
1. Name of the work : Individual Civil construction works as per DTCN published in the website
2. No. of works put to tender : 50 Nos' individual civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 10.00 hours of Dt.09.02.26 to 17.00 hours of Dt.18.02.26
6. Mode of deposit towards cost of Bid document & EMD : Online
7. Date and time of opening of bid : 11.00 hours and onwards of Dt.19.02.2026
8. Name and address of the Officer Inviting Bid : Executive Officer, Bhadrak Municipality, Bhadrak
Further details can be seen from the e-procurement portal "**https://tendersorissa.gov.in**" or "**http://tenders.ori.nic.in/nicgep/app**"
Sd./- Executive Officer
Bhadrak Municipality
OIPR-13001/13152/1/25-26/0001

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଯାନ୍ତ୍ରିକ ବିଭାଜନ, ଭୁବନେଶ୍ୱର-୩
ଇ-ମେଲ୍-smdivisionbbsr@yahoo.com, ଦୂରଭାଷ-୦୬୭୪-୨୫୬୧୮୨୭
OFFICE OF THE SUPERINTENDING ENGINEER
MECHANICAL DIVISION, BHUBANESWAR-3
Email Id-smdivisionbbsr@yahoo.com, Ph.No.-0674-2561827
No.SEMDB-EST (V)/ 2024-25/______ Date______
TENDER CALL NOTICE NO- 23/V/2025-26 Dated-06.02.2026
No.32001/48/2526: Sealed tenders are invited from interested reputed Travel Agencies/ Tour Operators for providing different type of vehicles with driver for official use of officers in the O/o the EIC, Secha Sadan, Bhubaneswar, DoWR, Odisha on monthly rent basis. The detailed Tender Documents can be downloaded from https://odisha.gov.in or https://dowr.odisha.gov.in.

| | |
|---|---|
| Tender Publication Date | 10.02.2026, 11.00 A.M. |
| Tender Submission Start Date | 10.02.2026, 11.00 A.M. |
| Tender Submission Closing Date | 18.02.2026, 3.00 P.M. |
| Tender Opening Date | 18.02.2026, 4.00 P.M. Onwards (in the office chamber of Superintending Engineer, Mechanical Division, Bhubaneswar) |

Sd./- Superintending Engineer,
Mechanical Division, Bhubaneswar
OIPR-32001/32385/1/25-26/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ସୌରଭ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁଃଖ ବଖାଣିଲେ ରାଜପାଲ

ମୁମ୍ବାଇ


ରାଜପାଲ ଯାଦବ

ବଲିଉଡ ଅଭିନେତା ରାଜପାଲ ଯାଦବ ଚେକ୍ ବାଉନ୍ସ ମାମଲାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସମୟ ମଧ୍ୟରେ ଟଙ୍କା ବ୍ୟବସ୍ଥା କରିବାରେ ବିଫଳ ହେବା ପରେ କୋର୍ଟ ତାଙ୍କ ଶେଷ ଆବେଦନକୁ ଖାରଜ କରି ତାଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ରାଜପାଲ ଯାଦବ ଫେବୃଆରୀ ୫ରେ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କରିବା ପୂର୍ବରୁ ତିହାର ଜେଲରେ ସେ ଭାବପ୍ରବଣ ହୋଇପଡ଼ିଛନ୍ତି। ମୁଁ କ'ଣ କରିବି, ମୋ ପାଖରେ ଟଙ୍କା ନାହିଁ। ମୁଁ ଅନ୍ୟ କୌଣସି ସମାଧାନ ଦେଖୁନାହିଁ କି ସାହାଯ୍ୟ ମଧ୍ୟ ମିଳୁନାହିଁ। ମୋତେ ଏହି ସମସ୍ୟାଗୁଡ଼ିକର ସମାଧାନ ନିଜେ କରିବାକୁ ପଡ଼ିବ ବୋଲି ରାଜପାଲ କହିଥିଲେ। ଏହି ମାମଲା ୧୬ ବର୍ଷ ଧରି ରାଜପାଲଙ୍କୁ ହଇରାଣ କରି ଆସୁଛି। ୨୦୧୦ରେ ରାଜପାଲ ନିର୍ଦ୍ଦେଶକ ଭାବ ତାଙ୍କର ପ୍ରଥମ ଫିଲ୍ମ 'ଆତା ପତା ଲାପତା' ପାଇଁ ମୁରଲୀ ପ୍ରୋଜେକ୍ଟସ ପ୍ରାଇଭେଟ ଲିଃରୁ ୫ କୋଟି ଟଙ୍କା ଋଣ ନେଇଥିଲେ। ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା ଓ ରାଜପାଲ ଋଣ ପରିଶୋଧ କରିପାରିଲେ ନାହିଁ। ସେ ଏବଂ ତାଙ୍କ ପତ୍ନୀ ଯେଉଁ ଚେକ୍ ଦେଇଥିଲେ ତାହା ବାଉନ୍ସ ହୋଇଥିଲା। ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟର ଧାରା ୧୩୮ ଅନୁଯାୟୀ ଅଭିନେତା ଏବଂ ତାଙ୍କ ପତ୍ନୀଙ୍କୁ ଏପ୍ରିଲ ୨୦୧୮ରେ ଛଅ ମାସ ଜେଲଦଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନେ ହାଇକୋର୍ଟରେ ଆବେଦନ କରି ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ପାଇଥିଲେ। କିନ୍ତୁ ସମାଧାନର ଅଭାବରୁ ସ୍ଥଗିତାଦେଶ ପ୍ରତ୍ୟାହାର କରାଯାଇଥିଲା।

# ରାୟଗଡ଼ା କୋର୍ଟରେ ହାଜରହେଲେ ମାଓବାଦୀ ନେତା ଆଜାଦ୍

## ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି ଆଜାଦ୍

ରାୟଗଡ଼ା,୧୦।୨
(ଆଶିଷ ରଞ୍ଜନ ପଣ୍ଡା)

ନାବାଳିକାଙ୍କୁ ବଳାତ୍କାର ଓ ନିର୍ଯାତନା ଅଭିଯୋଗ ମାମଲାରେ ମାଓବାଦୀ ନେତା ଆଜାଦ୍ ଓରଫ୍ ଦୁନା କେଶବ ରାଓ ମଙ୍ଗଳବାର ରାୟଗଡ଼ା ପୋକ୍ସୋ କୋର୍ଟରେ ହାଜର ହୋଇଥିଲେ । ଆଜାଦ୍ କୋର୍ଟରେ ହାଜର ହେବା ପରେ ତାଙ୍କ ଉପରେ ଚାର୍ଜଫ୍ରେମ୍ ହୋଇଥିଲା । ଆଜାଦ୍ ଏହି ମାମଲାରେ ସମ୍ପୃକ୍ତି ନ ଥିବା ଏବଂ ଉକ୍ତ ମାମଲାରୁ ତାଙ୍କୁ ମୁକ୍ତକରିବା ପାଇଁ ତାଙ୍କ ଓକିଲ ନବ କୁମାର କଣ୍ଟା କୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଅଧିକାରିଣୀ ଶ୍ୱେତା ମିଶ୍ର ପିଟିଶନ ଖାରଜକରି ଆଜାଦଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଜଣାପଡ଼ିଛି।

ଆଜାଦ୍‌ଙ୍କ ଓକିଲ କଣ୍ଟାଙ୍କଠାରୁ ମିଳିଥିବା ସୂଚନା ମୁତାବକ, ୨୦୧୩ ଏପ୍ରିଲ ୨୫ରେ ବିଷମକଟକ ଥାନାରେ ଦାଏର ହୋଇଥିବା ଜଣେ ନାବାଳିକାଙ୍କ ଏତଲା ପ୍ରକାରେ ସମ୍ପୃକ୍ତ ନାବାଳିକାଙ୍କୁ ଆଜାଦ୍, ନିଖିଲ, ସାଗର, ମିଟ୍ଟୁ, ସାଧୁ ଓ ସୁବାସଙ୍କ ସମେତ ଅନ୍ୟ ମାଓବାଦୀମାନେ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିନେଇ ଗଣବଳାତ୍କାର କରିଥିଲେ । ପରେ ଆଜାଦ୍, ନିଖିଲ ଓ ଅନ୍ୟମାନେ ନାବାଳିକାଙ୍କୁ ଚନ୍ଦ୍ରପୁର, ଫୁଲବାଣୀ, ଗଜପତି, କର୍ଲାଘାଟି ଓ ନିୟମଗିରି ଜଙ୍ଗଲରେ ଜବରଦସ୍ତି ରଖିଥିଲେ । ତେବେ ଏତଲା ଦେବାର ପ୍ରାୟ ୧୫ଦିନ ପୂର୍ବରୁ ନାବାଳିକା ଜଣକ କୌଶଳକ୍ରମେ ସେମାନଙ୍କ କବଳରୁ ଖସିଆସି ନିଜ ଗାଁରେ ଲୁଚି ରହିଥିଲେ ଏବଂ ପରେ ସାହସ କରି ଥାନାରେ ଏତଲା ଦେଇଥିବା ଉଲ୍ଲେଖ ରହିଛି । ଅଭିଯୋଗକୁ ଭିତ୍ତିକରି ବିଷମକଟକ ପୋଲିସ କେସ୍ ନଂ. ୪୩/୨୦୧୩ରେ ମାମଲା ରୁଜୁ କରିଥିଲେ । ତେବେ ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଆଜାଦ୍‌ଙ୍କ ଓକିଲ କଣ୍ଟା କହିଛନ୍ତି। କଣ୍ଟାଙ୍କ ନିକଟରେ ରହିଥିବା ତଥ୍ୟ ଅନୁସାରେ ଆଜାଦ୍ ୨୦୧୧ ମେ ୧୮ରେ ହାଇଦ୍ରାବାଦ ପୋଲିସ ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ମେ ୨୯ ତାରିଖରେ ଆଜାଦ୍‌ଙ୍କ ମାଆଙ୍କ ଦ୍ୱାରା ପଲାସା ତତ୍କାଳୀନ ବିଧାୟକ ଜୁଜୁ ଜଗନ୍ନାୟକୁଲୁଙ୍କ ଉପସ୍ଥିତିରେ ଶ୍ରୀକାକୁଲମ ଜିଲା କାଶୀବୁଗା ଏସ୍‌ଡିପିଓ କାର୍ଯ୍ୟାଳୟରେ ଆନ୍ଧ୍ରପ୍ରଦେଶ ପୋଲିସ ଆଜାଦ୍‌ଙ୍କୁ ଓଡ଼ିଶା ପୋଲିସକୁ ହସ୍ତାନ୍ତର କରିଥିଲା। ତେଣୁ ୨୦୧୧ରୁ ଆଜାଦ୍ ଜେଲରେ ରହିଥିବା ବେଳେ ୨୦୧୨ରେ ଏଭଳି ଅପରାଧ କରିଥିବା ନେଇ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଓକିଲ କଣ୍ଟା କହିଛନ୍ତି। ଆଜାଦ୍‌ଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ନବ କୁମାର କଣ୍ଟା ଏବଂ ବିଶ୍ୱନାଥ ଗନ୍ତାୟତ ପରିଚାଳନା କରୁଛନ୍ତି।


ଆଜାଦ୍ ତାଙ୍କ ଓକିଲଙ୍କ ସହ ରାୟଗଡ଼ା ପୋକ୍ସୋ କୋର୍ଟକୁ ଯାଉଛନ୍ତି ।

# ମା' ମୃତଦେହକୁ ଜଗି ରହିଲା ମଇଁଷି ଛୁଆ

କେନ୍ଦୁଝର,୧୦।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁଆକାଠି ଦୁବୁନା ରୋଡ୍ ଭେଜେଡିହିଠାରେ ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ଅଜଣା ଗଡ଼ି ସୋମବାର ରାତିରେ ମଇଁଷି ଓ ତାର ଛୁଆକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମା' ମଇଁଷିଟିର ମୃତ୍ୟୁ ଘଟିଥିବା ବେଳେ ଛଆଟି ଆହତ ହେଇଥିଲା। ଆହତ ଛୁଆଟି ମା' ପାଖରେ ରାତିସାରା ଜଗି ରହିଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ଛୁଆଟି ମା' ପାଖରେ ଛିଡ଼ା ହୋଇ ରହିଥିଲା। ଖବର ପାଇ ସ୍ଥାନୀୟ ଯୁବ ସାମାଜିକକର୍ମୀ ଦୀପକ ବେହେରା ଓ ନାୟକୋଟ ଥାନା ଅଧିକାରୀ ଜନ ପଟ୍ଟନାୟକ, ଏସ୍‌ଆଇ ବାସନ୍ତ ମହାନ୍ତ, ଟର୍ମକାନ୍ତ ପଶୁ ଡାକ୍ତର ସଦାନନ୍ଦ ସାହୁ ପହଞ୍ଚି ଆହତ ମଇଁସି ଛୁଆକୁ ଚିକିତ୍ସା କରିବା ସହ ମଇଁଷିର ମୃତଦେହ ମାଟିରେ ପୋତିଥିଲେ।

# ଦୁର୍ଘଟଣାରେ ଆଈ, ନାତୁଣୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୧୦।୨(ଗିରିଧାରୀ ପରିଛା)

ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେଇ ଫେରୁଥିବା ଆଈ, ନାତୁଣୀଙ୍କର ମଙ୍ଗଳବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଖାରଡା ଗ୍ରାମ ଛକରେ ଘଟିଥିବା ଏହି ଦୁର୍ଘଟଣାରେ ରାୟଗଡା ଜିଲା ପଦ୍ମପୁର ବ୍ଲକ ଇନ୍ଦୁପୁର ପଞ୍ଚାୟତ ଡିବିରିସିଂ ଗ୍ରାମର ନାଏବ ସରପଞ୍ଚ କଳ୍ପନା କୈବର୍ତ୍ତ (୫୦) ଓ ତାଙ୍କ ନାତୁଣୀ ପବିତ୍ରା କୈବର୍ତ୍ତ (୮)ଙ୍କ ଜୀବନ ଯାଇଛି। ସେମାନଙ୍କୁ ଏକ୍ସେଲ ଗାଡିରେ ଆଣୁଥିବା କଳ୍ପନାଙ୍କ ସ୍ୱାମୀ ଶ୍ରୀରାମୁଲୁ କୈବର୍ତ୍ତ (୫୫) ଗୁରୁତର ହୋଇ ପାରଳାଖେମୁଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାଶୀନଗର ପୋଲିସ ୨ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ.୨୪/୨୬ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ ପଞ୍ଚାନନ ବେହେରା କହିଛନ୍ତି। ଶ୍ରୀରାମୁଲୁ ଏକ୍ସେଲ ଗାଡିରେ ସ୍ତ୍ରୀ ଓ ନାତୁଣୀଙ୍କୁ ଧରି ଗୋଷାଣି ବ୍ଲକ କଣ୍ଟ୍ରାଗଡ ପଞ୍ଚାୟତ ଅନ୍ତର୍ଗତ ୱାଇଲୁପାଡୁ (ଆରିବା) ଗ୍ରାମରୁ ଜଣେ ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେଇ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ପାରଳାଖେମୁଣ୍ଡି ମେଡିକାଲରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଛନ୍ତି।

# ପୋଡ଼ି ହୋଇ ଯୁବକ ଗୁରୁତର

ପାଟଣା,୧୦।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ରହଣିଦୁମା ଗ୍ରାମରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକ ଚୁଲି ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଯୁବକ ଗ୍ରାମର ଜଗନ୍ନାଥ ମହାନ୍ତ (୨୯)। ସେ ପେଟ୍ରୋଲ ଢ଼ାଳି ଚୁଲିରେ ନିଆଁ ଲଗାଉଥିବା ସମୟରେ ଦେହରେ ନିଆଁ ଲାଗି ଗୁରୁତର ହୋଇଥିଲେ। ତାଙ୍କୁ ମଙ୍ଗଳବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।



୰ଉପେନ୍ଦ୍ର କୁମାର ଦାସ

ଟ୍ରେକୋରୀ ଛକ, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ- ୧୧।୦୭।୧୯୫୬
ତିରୋଧାନ- ୦୧।୦୨।୨୦୨୬

ହେ ପୂଣ୍ୟାତ୍ମା, ଆପଣଙ୍କ ଅବର୍ତ୍ତମାନକୁ ଦଶଦିନ ବିତିଗଲାଣି, ହେଲେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଭୁଲିହେଉନି ଆପଣଙ୍କ କର୍ମମୟ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ତ୍ୟାଗ। ଆପଣଙ୍କ ଆଶୀର୍ବାଦ ଆମ ପାଇଁ ଚିରପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ:- ହତଭାଗ୍ୟ ପୁତ୍ର- ସ୍ୱାଧୀନ, ସୌଭାଗ୍ୟ, ପୁତ୍ରବଧୂ- ଶୁଭଶ୍ରୀ, ସ୍ମୃତିରେଖା, ଭାଇ- ଗୋପବନ୍ଧୁ, ଧୀରେନ୍ଦ୍ର, ଦୁର୍ଗାଶଙ୍କର, ରଞ୍ଜନ, ଭାଇବୋହୂ- କୁମୁଦିନୀ, ମନୋରମା, ତୁଳସୀ, କାମିନୀ, ଭଉଣୀ/ଭିଣୋଇ- ଗୀତାଞ୍ଜଳି, ରଞ୍ଜନ, ନାତି/ନାତୁଣୀ- ଋଷି, ଅଗ୍ନି, ବନ୍ଧୁ ଓ ପରିବାରବର୍ଗ।

ଧ-୩୩୫୩




Happy Wedding Day

ତୁମ ଦୁହିଁଙ୍କର ଚଲାପଥ ସଦାସର୍ବଦା କୁସୁମିତ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା

୧୧।୦୨।୨୦୨୬ ବିବାହ ଓ ପାଣିଗ୍ରହଣ
୧୮।୦୨।୨୦୨୬ ରିସେପ୍‌ସନ ପାର୍ଟି
ଜେନାଭବନ, ଗଙ୍ଗଦା ହାଟ, ନାଉଗାଁ, ଜଗତ୍‌ସିଂହପୁର

ଶୁଭ୍ରଜିତ୍ (ଲିଙ୍କନ)
ସହିତ
ଅନିଶା (ପୂଜା)

ଶୁଭେଚ୍ଛା ସହ: ଶ୍ରୀକୃଷ୍ଣ ଜୁଏଲାରୀ ହାଉସ୍ ଓ ନିୟତୀ ଷ୍ଟଡି ପଏଣ୍ଟ ଓ ଜେନା ପରିବାରବର୍ଗ

ଧ-୩୩୩୫


# କୃମିନାଶକ ଔଷଧ ଖାଇ ୯ ଛାତ୍ରୀଛାତ୍ର ଅସୁସ୍ଥ

ପାଟଣା,୧୦।୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ରେଙ୍ଗଲବେଡ଼ା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କୃମିନାଶକ ଦିବସରେ ଅଭାବନୀୟ ଘଟଣା ଘଟିଛି। ଅପରାହ୍ନରେ କୃମିନାଶକ ଔଷଧ ଖାଇ ୯ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ସରକାରଙ୍କ ତରଫରୁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କୁ ଆଲ୍‌ବେଣ୍ଡାଜୋଲ ଔଷଧ ଦେବାପାଇଁ ଦିଆଯାଇଥିଲା। ମଧ୍ୟାହ୍ନଭୋଜନ ପରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବାଲ୍‌ବାଟିକାଠାରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଔଷଧ ଖାଇବାକୁ ଦେଇଥିଲେ। ଔଷଧ ଖାଇବାର କିଛି ସମୟ ପରେ ୯ ଛାତ୍ରୀଛାତ୍ର ଖୁସି ମହାନ୍ତ(୭), ଯମୁନା ମହାନ୍ତ(୧୦), ସୁଭଦ୍ରା ମହାନ୍ତ(୭), ଛବିରାଣୀ ମହାନ୍ତ(୧୦), ଶୁଭସ୍ମିତା ମହାନ୍ତ(୯), ଶୁଭଶ୍ରୀ ମହାନ୍ତ(୭), ଭବାନୀ ଶଙ୍କର ମହାନ୍ତ(୬) ଓ ପ୍ରିନ୍ସ ମହାନ୍ତ (୧୦) ଅସୁସ୍ଥ ଅନୁଭବ କରିଥିଲେ। ବାନ୍ତି, ପେଟବ୍ୟଥା, ମୁଣ୍ଡବିନ୍ଧା ହେବାରୁ ଶିକ୍ଷୟିତ୍ରୀ ପ୍ରଜ୍ଞା ଚୌଧୁରୀ ଓ ମଳୟ ସେଠୀ ତୁରନ୍ତ ଆମ୍ବୁଲାନ୍ସରେ ସମସ୍ତଙ୍କୁ ନେଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଔଷଧ ଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଡା. ଅଭିଷେକ ସାହୁ ଓ ଡା. ନିରଞ୍ଜନ ସାହୁ ଘରକୁ ପଠାଇ ଦେଇଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।


# Classified Everyday

0674-2580101, 9692975378



## REAL ESTATE
## SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

Suitable for ଆଶ୍ରମ, ଗୋଶାଳା, Fish farm, Resort, Nursery, Ashbricks Eastfacing 20' Govt. Road, Electri Pole waterlines କଟକ- ଭୁବନେଶ୍ୱରରୁ ୪୦ କି.ମି. ତ୍ରିଶୁଳିଆ ଛକରୁ ୨୨କି.ମି. ବାଙ୍କୀ- ଡମପଡ଼ାରେ ସ୍ଥିତିବାନ Litigationfree 65000sqft. Plot Sale immediately 7894196157. D-3354

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

All types of physiotherapy and massage contact 9556924059/ 7656969134. D-3339

Newly open Jyoti SPA positively health benefits (Expert therapist). Contact- 8458067955. D-76955


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Jajpur, dtd.- 30.12.2025, I, Pradeep Maharana, At- Bhagatbhagaban, P.O.- Sribantapur, Dist.- Jajpur, PIN- 755015 declare that I have changed my daughter's name from Subhashree Maharana to Meera Maharana. Henceforth, she shall be known as Meera Maharana for all purposes.
Pradeep Maharana
D-3352

By virtue of affidavit before Executive Magistrate, Bhubaneswar, I, Sarita Das, D/o.- Radha Govinda Das, presently resides at Qr. No. Type-III-250, New A.G. Colony, Nayapalli, Bhubaneswar, Odisha, PIN- 751012 hereby declare that after my marriage to Sri Kshirod Kumar Mohanty, I have changed my name from Sarita Das to Sarita Mohanty. Sarita Das and Sarita Mohanty is one & same person. Now I have been known as Sarita Mohanty for all purposes and all time to come. D-3351

## LEGAL NOTICE

Letter No.- 188, Date- 04.02.2026

ମାନ୍ୟବର ଆଡିସନାଲ କମିଶନର, ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.,
ଆଡିସନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା,
ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୫୮/୨୦୨୪

ଶ୍ରୀ ରବିନାରାୟଣ ଷଡ଼ଙ୍ଗୀ ........ବାଦୀ/ଦରଖାସ୍ତକାରୀ

ବନାମ

ବନ୍ଦୋବସ୍ତ ଅଧିକାରୀ, ବନ୍ଦୋବସ୍ତ କମିଶନରଙ୍କ କାର୍ଯ୍ୟାଳୟ, ଜୋବ୍ରା, କଟକ ଏବଂ ଅନ୍ୟମାନେ, .........ପ୍ରତିବାଦୀ ଗଣ

ନୋଟିସ

ପ୍ରାପ୍ତେଷୁ -

ସମସ୍ତଙ୍କ ଠିକଣା: ୪ କ. ଅଜୟ ପାହାଡସିଂ, ୬ କ. ସରବ ପାହାଡସିଂ, ୯ କ. ହରେକୃଷ୍ଣ ପାହାଡସିଂ, ୯ ଖ. ଉପେନ୍ଦ୍ର ପାହାଡସିଂ, ୯ ଗ. ରମେଶ ପାହାଡସିଂ, ୯ ଘ. ସୁରେଶ ପାହାଡସିଂ, ୯ ଙ. ଫୌଜି ପାହାଡ଼ସିଂ, ସମସ୍ତଙ୍କ ଠିକଣା: ଗ୍ରାମ- ଭୁଆସୁଣୀ/ଜୁଖାଗଡ, ପୋ.ଅ.- ଦାରୁଠେଙ୍ଗ, ଭୁବନେଶ୍ୱର, ଖୋର୍ଦ୍ଧା।

ସି.ପି.ସି. ଅର୍ଡରେ- ୫, ରୁଲ୍- ୨୦ (୧-କ) ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ସର୍ଭେ ଏବଂ ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର, ଆଡିସନାଲ୍ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ରବିନାରାୟଣ ଷଡ଼ଙ୍ଗୀ ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀଗଣଙ୍କ ଠିକଣାରେ ନୋଟିସ ସ୍ପିଡ୍‌ପୋଷ୍ଟ ଡାକ ଦ୍ୱାରା ଦିଆଯାଇଥିଲା । କିନ୍ତୁ ଏହି ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଗଣଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଜରିଆରେ ଜଣାଇଦିଆଯାଉଛି କି ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ କୋର୍ଟ ନଂ.୪ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ଆସନ୍ତା ତା.୦୯।୦୩।୨୦୨୬ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ଦିଆଗଲା।

ତଫସିଲଭୁକ୍ତ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ଭୁଆଶୁଣୀ, ସାବକ ଖାତା ନଂ.- ୨୧୮/୨୧, ସାବକ ପ୍ଲଟ୍ ନଂ.- ୭୭୨/୮୧୮, ଏରିଆ: ୦.୨୭୩ ଡେ., ଏହାର ହାଲ୍ ଖାତା ନଂ.- ୯୦୭, ହାଲ୍ ପ୍ଲଟ୍ ନଂ.- ୧୩୧୩।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀଗଣ କିମ୍ବା ମୃତ ହୋଇଥିଲେ, ଔରସ ମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପରୋକ୍ତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣମାନଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ଆଡିସନାଲ୍ ରିଭିଜନ କୋର୍ଟ ନଂ -୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
ସ୍ୱା.- କୋର୍ଟ ଅଫିସର
ଧ- ୩୩୫୦

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ, ଶ୍ରୀ ସତ୍ୟବ୍ରତ ସାହୁ (ଭାରତୀୟ ପ୍ରଶାସନିକ ସେବା)ଙ୍କ ଶିବିର ଅଦାଲତ, ଭୁବନେଶ୍ୱର, ୟୁନିଟ୍- ୫,
କେଶରୀ ନଗର, ଭୁବନେଶ୍ୱର,
ଓ.ଏସ୍.ଏସ୍. କେସ୍ ନଂ.- ୩୯୨/୨୦୨୩

ପ୍ରଶାନ୍ତ କୁମାର ସାହୁ, ବୟସ ୫୪ ବର୍ଷ, ପି.- ୰ ଜୟକୃଷ୍ଣ ସାହୁ, ଗ୍ରାମ/ପୋ/ଥାନା- ଗୋପ, ଜିଲ୍ଲା- ପୁରୀ .........ବାଦୀ

ବନାମ

ତହସିଲଦାର, ଗୋପ ଏବଂ ଓଗେର ........ପ୍ରତିବାଦୀ

ନୋଟିସ

(ଦେୱାନା କାର୍ଯ୍ୟବିଧି ସଂହିତାର ଆଦେଶ ନଂ. ୫ ଏବଂ ନିୟମ ନଂ.୨୦ ମୁତାବକ)

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ.୨- ସେକ୍ ତାଲିମ, ବୟସ ୬୧ ବର୍ଷ, ପ୍ରତିବାଦୀ ନମ୍ବର ୩- ସେକ୍ କଲିମ, ବୟସ ୪୯ ବର୍ଷ, ଏମାନଙ୍କ ପିତା- ସେକ୍ ସଲିମ୍। ପ୍ରତିବାଦୀ ନଂ.୪- ସ୍ମରଣ କୁମାର ସାହୁ, ବୟସ ୬୪ ବର୍ଷ, ପ୍ରତିବାଦୀ ନଂ.୫- ସୌଭାଗ୍ୟ କୁମାର ସାହୁ, ବୟସ ୫୫ ବର୍ଷ, ଏମାନଙ୍କ ପିତା ୰ ବନମାଳୀ ସାହୁ, ପ୍ରତିବାଦୀ ନମ୍ବର ୬- ସୁକେଶୀ ସାହୁ, ବୟସ ୭୯ ବର୍ଷ, ସ୍ୱା- ୰ ବନମାଳୀ ସାହୁ, ଏ ସମସ୍ତଙ୍କ ଗ୍ରାମ/ପୋ/ଥା- ଗୋପ, ଜିଲ୍ଲା- ପୁରୀ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନ ତଫସିଲ ଜମି ପାଇଁ ତହସିଲଦାର, ଗୋପ ଫଇସଲା କରିଥିବା ବିବିଧ ମୋକଦ୍ଦମା ନମ୍ବର ୮୧/୨୦୨୩କୁ ଖାରଜ କରିବା ନିମନ୍ତେ ଉପରୋକ୍ତ ଅଦାଲତରେ ଓ.ଏସ୍.ଏସ୍. ଆଇନର ଧାରା ୩୨ ମୁତାବକ ରିଭିଜନ ମୋକଦ୍ଦମା ଦାଏର କରିଅଛନ୍ତି। ଉପରୋକ୍ତ ପ୍ରତିବାଦୀମାନେ ଡାକ ଯୋଗେ ପଠାଯାଇଥିବା ନୋଟିସ ଗ୍ରହଣ କରିଥିଲେ ସୁଦ୍ଧା ଅଦାଲତରେ ବାରମ୍ବାର ଅନୁପସ୍ଥିତ ରହି ଆସୁଛନ୍ତି।


ଏଣୁ ଶେଷ ସୁଯୋଗ ପ୍ରାପ୍ତି ନିମନ୍ତେ, ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ରିଭିଜନ ମୋକଦ୍ଦମାର ଶୁଣାଣି ତା୨୬।୦୩।୨୬ରିଖ, ଗୁରୁବାର ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଏଣୁ ତୁମ୍ଭେମାନେ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଓ ସମୟରେ ଅଦାଲତ ପରିସରରେ ହାଜର ହୋଇ ପକ୍ଷ ରଖିବେ। ଅନ୍ୟଥା, ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ଜମିର ବିବରଣୀ

ମୌଜା- ଗୋପ, ଥାନା/ତହସିଲ- ଗୋପ, ଜିଲ୍ଲା- ପୁରୀ, ହାଲ୍ ଖାତା ନଂ.- ୧୬୨୬, ପ୍ଲଟ୍ ନଂ. ୩୦୯୪, ଏ୦.୦୮ଡି. ଦାଖଲ ଖାରଜ ଖାତା ନଂ.- ୧୭୩୩/୬୫୬, ପ୍ଲଟ୍ ନମ୍ବର- ୩୦୯୪- ଏ୦.୦୮ଡି.।

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକଙ୍କ ଆଦେଶକ୍ରମେ
ସ୍ୱା.- ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଅନୁ ସଚିବ (ବିଚାର)
୦୪।୦୨।୨୦୨୬
ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ
ଧ-୩୩୪୯

# ରଜନୀଗନ୍ଧା ଚାଷରେ ସାର ପ୍ରୟୋଗ



**ର**ଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ରାଶି ଚାଷ କରୁଥିଲେ



**ଜା**ନୁଆରୀ ଶେଷରୁ ଫେବୃଆରୀ ୧୫ ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ।

## ସଫଳ ଚାଷୀ

ଧନଞ୍ଜୟ ନାୟକ

# ପନିପରିବା ଚାଷରୁ ସ୍ୱତନ୍ତ୍ର ପରିଚୟ ମିଳିଛି




**ପେ**ସା ଥିଲା ଦେଶସେବା। କିନ୍ତୁ ତା'ଭିତରେ ଚାଷବାସ ସହ ଜଡ଼ିତ ରହିବାକୁ ମନ ବଳାଇଥିଲେ ସେ। ପରବର୍ତ୍ତୀ ସମୟରେ ସେ ସୈନିକ ଚାକିରି ଛାଡ଼ି ଚାଷକୁ ପେସା ଭାବରେ ଗ୍ରହଣ କରିନେଇଥିଲେ। ଆଉ ଏବେ ଏଥିରୁ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ସେ ହେଲେ ଧନଞ୍ଜୟ ନାୟକ। ନିଜେ ରୋଜଗାର କରିବା ସହ ପ୍ରାୟ ୪୦ ଜଣଙ୍କୁ କିଛି କିଛି ରୋଜଗାର କରିବାରେ ମଧ୍ୟ ସହାୟକ ହୋଇଛନ୍ତି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଧାମନପୁର ଗ୍ରାମରେ ତାଙ୍କର ଜନ୍ମ। ନିଜ ବିଷୟରେ ସେ କହନ୍ତି, ''ମୁଁ ୨୦୦୨ ମସିହାରେ ଆଇଆର୍‌ବି ଯବାନ ଭାବେ ଯୋଗଦେଇଥିଲି। ସେଠାରେ କିଛିଦିନ ଟ୍ରେନିଂ ନେବା ପରେ ଚାକିରି କରିବାକୁ ଇଚ୍ଛା ନ କରି ଗାଁକୁ ଫେରିଆସିଲି। ସେତେବେଳେ ଆମ ପଡ଼ୋଶୀ ସାନଚେର ଗାଁର ଚାଷୀ କୃଷ୍ଣଚନ୍ଦ୍ର ନାଗଙ୍କ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରୁଥାଆନ୍ତି। ତାହାକୁ ଦେଖି ମୁଁ ଚାଷ ପ୍ରତି ଅଧିକ ଅନୁପ୍ରାଣିତ ହେଲି। ଏହାପରେ ୨୦୧୨ରେ ପ୍ରଥମେ ୨୫ ଡେସିମିଲ ଜମିରେ ଲଙ୍କାଚାଷ ଆରମ୍ଭକଲି। ସେଥିରୁ ବେଶ୍ କିଛି ଆୟ କରିବା ପରେ ଚାଷ ଯେ ରୋଜଗାରର ଅନ୍ୟତମ ପ୍ରମୁଖ ମାଧ୍ୟମ ତାହା ମୋ ମନରେ ଆହୁରି ଦୃଢ଼ୀଭୂତ ହୋଇଥିଲା। ଆଉ ସେବେଠାରୁ କେବେ ପଛକୁ ଫେରି ଚାହିଁନାହିଁ। ବର୍ତ୍ତମାନ ମୁଁ ପ୍ରାୟ ୨୫ ଏକର ଜମିରେ ଟମାଟୋ, ବାଇଗଣ, ଫୁଲକୋବି, କାକୁଡ଼ି, କଞ୍ଚାଲଙ୍କା ଓ ଅନ୍ୟ ପନିପରିବା ଚାଷ କରୁଛି। ଏଥିରୁ ନିଜେ ଆଶାନୁରୂପ ରୋଜଗାର କରିବା ସହ ଆୟ କରିବା ସହ ପ୍ରାୟ ୪୦ ଜଣଙ୍କୁ ରୋଜଗାର ଦେବାରେ ସକ୍ଷମ ହୋଇଛି। ଆଜି ପନିପରିବା ଚାଷ ମୋତେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ।'' ତାଙ୍କର ଏହି ଚାଷ ମଡେଲକୁ ଦେଖିବା ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ସେଠାକୁ ଆସୁଛନ୍ତି। ଏହା ବାଦ୍ ସେ ଜଣେ ମଧ୍ୟ ପ୍ରକୃତିପ୍ରେମୀ । ଜୀବଜଗତର ସୁରକ୍ଷା ପାଇଁ ସେ ୨ ଏକର ଜମିରେ ଜଙ୍ଗଲ ସୃଷ୍ଟି କରିଛନ୍ତି। ଚାଷ କାର୍ଯ୍ୟକରି ସ୍ୱାଧୀନ ଭାବେ ବଞ୍ଚିବା ସହ ଅନ୍ୟ ଲୋକଙ୍କୁ ରୋଜଗାର ଦେଉଥିବାରୁ ଖୁସି ଲାଗୁଛି ବୋଲି କହନ୍ତି ଧନଞ୍ଜୟ ।

–ଉତ୍ତମ କୁମାର ଦାଶ

# ଆନ୍ଥ୍ରାକ୍ସ ରୋଗ



ଡା. ବୀରକିଶୋର ପରିଡ଼ା

''ଆନ୍ଥ୍ରାକ୍ସ ରୋଗ ସାଧାରଣତଃ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ହୋଇଥାଏ । ଗୋରୁ ଓ ମେଣ୍ଢା ଏହି ରୋଗରେ ସର୍ବାଧିକ ଆକ୍ରାନ୍ତ ହୁଅନ୍ତି । ଘୋଡ଼ା, ଛେଳି ଏବଂ ଘୁଷୁରି ମଧ୍ୟ ଏହି ରୋଗରେ ବେଳେବେଳେ ଆକ୍ରାନ୍ତ ହୋଇଥାନ୍ତି । ମନୁଷ୍ୟ, କୁକୁର, ବିରାଡ଼ିଙ୍କଠାରେ ଏହି ରୋଗ ଅପେକ୍ଷାକୃତ କମ୍ ଦେଖାଯାଏ ।''

**ଆ**ନ୍ଥ୍ରାକ୍ସ ରୋଗକୁ ମଧ୍ୟ ପ୍ଲୀହା ଜ୍ୱର, ପଶମ ସଜାଇବା ବ୍ୟକ୍ତିଙ୍କ ରୋଗ, ଚାର୍‌ବନ୍, କାର୍‌ବଙ୍କଲ୍ କୁହାଯାଏ ।

**କାରଣ**

ପ୍ଲୀହା ଜ୍ୱର ଏକ ଜୀବାଣୁ 'ବାସିଲସ୍ ଆନ୍ଥ୍ରାସିସ୍' ଯୋଗୁ ହୋଇଥାଏ । ଏହା ଏକଗ୍ରାମ୍ ପଜିଟିଭ୍, ଲମ୍ବାକୃତି ରଡ୍ ଏବଂ ରେଣୁ ଗଠନକାରୀ ଜୀବାଣୁ । ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାରୁ ମୁକ୍ତି ପାଇବା ପାଇଁ ଏହି ରୋଗ ପୃଥିବୀର ସର୍ବତ୍ର ଦେଖାଯାଏ । ଏହି ଜୀବାଣୁ ଗୋଟି ଗୋଟି ହୋଇ କିମ୍ବା ଚେନ୍ ଭଳି ରହିଥାନ୍ତି ।

**ଆକ୍ରାନ୍ତ ହେଉଥିବା ପ୍ରାଣୀ**

ଆନ୍ଥ୍ରାକ୍ସ ରୋଗ ସାଧାରଣତଃ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ହୋଇଥାଏ । ଗୋରୁ ଓ ମେଣ୍ଢା ଏହି ରୋଗରେ ସର୍ବାଧିକ ଆକ୍ରାନ୍ତ ହୁଅନ୍ତି । ଘୋଡ଼ା, ଛେଳି ଏବଂ ଘୁଷୁରି ମଧ୍ୟ ଏହି ରୋଗରେ ବେଳେବେଳେ ଆକ୍ରାନ୍ତ ହୋଇଥାନ୍ତି । ମନୁଷ୍ୟ, କୁକୁର, ବିରାଡ଼ିଙ୍କଠାରେ ଏହି ରୋଗ ଅପେକ୍ଷାକୃତ କମ୍ ଦେଖାଯାଏ ।

**ରୋଗ ସୃଷ୍ଟିହେବାର ପ୍ରଧାନ କାରଣ**

ପ୍ରାଣୀମାନଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଏବଂ ବ୍ୟାୟାମର ଅଭାବ ବା ଅଳସୁଆମି ଯୋଗୁ ଏହି ଜୀବାଣୁ ଶରୀରରେ ପ୍ରବେଶ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ ।

**ରୋଗ ବ୍ୟାପେ କିପରି**

ପ୍ରକୃତରେ କହିବାକୁ ଗଲେ ମୃତପ୍ରାଣୀ ହିଁ ଏହି ରୋଗ ସୃଷ୍ଟି ହେବାର ଉତ୍ପତ୍ତିସ୍ଥଳ । ପ୍ରଥମେ ଏହି ଜୀବାଣୁ ପ୍ରାଣୀଙ୍କ ଶରୀରରୁ ଆସି ମାଟିରେ ମିଶେ ଏବଂ ଏଠାରେ ନିଜ ଚାରିପାଖରେ କୋଷା ତିଆରିକରି ବର୍ଷ ବର୍ଷ ଧରି ବଞ୍ଚିରହିପାରନ୍ତି । ଏହି ଜୀବାଣୁ ଲାଗିଥିବା ଖାଦ୍ୟ କିମ୍ବା ପାଣି ଦ୍ୱାରା ସୁସ୍ଥ ପ୍ରାଣୀ ଦେହରେ ପ୍ରବେଶ କରିଥାନ୍ତି । ମଶା, ମାଛି, ଡାଆଁଶ ଏବଂ ଟିଙ୍କ କାମୁଡ଼ିଲେ ମଧ୍ୟ ଜୀବାଣୁ ଶରୀରରେ ସହଜରେ ପ୍ରବେଶ କରିଥାଏ । ପ୍ଲୀହାଜ୍ୱର ଝରଣା ବା ନଦୀ, ମାଂସାଶୀ ପ୍ରାଣୀ, ଜଙ୍ଗଲୀ ପକ୍ଷୀ, ଗୋରୁ ଚମଡ଼ା ପରିବହନ, ହାଡ଼ଗୁଣ୍ଡ ଓ ଲୋମ ମାଧ୍ୟମରେ ମଧ୍ୟ ବ୍ୟାପିଥାଏ ବା ପଶମ ଉଲ୍ ସଜାଉଥିବା ବ୍ୟକ୍ତି, ଚମଡ଼ା ଓ ସାର କାରଖାନାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ସଂଖ୍ୟାରେ ଆନ୍ଥ୍ରାକ୍ସ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ।

**ରୋଗର ସୃଷ୍ଟି ହୁଏ କିପରି**

ଆନ୍ଥ୍ରାକ୍ସ ରେଣୁଯୁକ୍ତ ଜୀବାଣୁ ଖାଦ୍ୟ ଓ ପାଣି ମାଧ୍ୟମରେ ପାଟି ବାଟଦେଇ ପ୍ରବେଶ କରନ୍ତି । ମୁନିଆ ତନ୍ତୁଜାତୀୟ ଖାଦ୍ୟ ଦ୍ୱାରା ପାଟି ମଧ୍ୟରେ ସୃଷ୍ଟିହୋଇଥିବା ଖଣ୍ଡିଆ ସ୍ଥାନରେ ଦେହ ଭିତରକୁ ସହଜରେ ପଶିଥାନ୍ତି । ଶରୀରର ବାହାରେ ସୃଷ୍ଟି ହୋଇଥିବା ଘା' ବାଟେ କିମ୍ବା ପେଟରୁ ଶ୍ଳେଷ୍ମା ଝିଲ୍ଲୀ ମଧ୍ୟଦେଇ ମଧ୍ୟ ଜୀବାଣୁ ପ୍ରବେଶ କରିଥାନ୍ତି । ତା'ପରେ ସେମାନେ ନିକଟସ୍ଥ ଲସିକା ନଳୀଦେଇ ଲସିକା ଗ୍ରନ୍ଥିକୁ ଯାଇଥାନ୍ତି, ଯେଉଁଠାରେ ସେମାନଙ୍କ ବଂଶବୃଦ୍ଧି ଘଟିଥାଏ । ତା'ପରେ ସେମାନେ ବଡ଼ ଲସିକାବାହୀ ନଳୀ ଦେଇ ରକ୍ତରେ ମିଶନ୍ତି ଏବଂ ଶେଷରେ ଏହି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶରେ ପ୍ରବେଶ କରିଥାନ୍ତି । ଏହି ଜୀବାଣୁର ଥିବା କୋଷ ବା କ୍ୟାପସୁଲ୍ ଏବଂ ସେମାନଙ୍କଠାରୁ ନିର୍ଗତ ଏକ ବିଷାକ୍ତ ପଦାର୍ଥ ବା ଟକ୍‌ସିନ୍ ଏହି ରୋଗ ଖୁବ୍‌ଶୀଘ୍ର ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହି ବିଷାକ୍ତ ପଦାର୍ଥ ଶରୀରର ବହୁ ଜୀବକୋଷ ନଷ୍ଟ କରିଦିଅନ୍ତି । ଏହି ଟକ୍‌ସିନ୍ ବା ବିଷାକ୍ତ ପଦାର୍ଥ ତିନିଗୋଟି ନିମ୍ନ ଉପାୟରେ ପ୍ରାଣୀଙ୍କ ଶରୀରରେ କ୍ଷତି ଘଟାଇଥାଏ ।



**ଏଡିମା ଫ୍ୟାକ୍ଟର :** ଏହା ଶରୀରର ତଳ ବେକ ଥଳି ଏବଂ ଅନ୍ୟାନ୍ୟ ସ୍ଥାନରେ ପାଣି ଜମାକରି ଏକ ଫୁଲା ସ୍ଥାନ ବା ଏଡିମା ସୃଷ୍ଟି କରିଥାଏ ।

**ସୁରକ୍ଷା ଫ୍ୟାକ୍ଟର :** ଏହା ଶରୀରରେ ଥିବା ବିଭିନ୍ନ ନ୍ୟୁଟ୍ରୋଫିଲ୍, ମାକ୍ରୋଫେଜ୍ ଆକ୍ରମଣ ଦାଉରୁ ରକ୍ଷାକରେ ।

**ଲିଥାଲ୍ ଫ୍ୟାକ୍ଟର :** ଏହା ଶରୀରକୁ ଦୁର୍ବଳ କରନ୍ତି ଏବଂ ସ୍ନାୟୁର କାର୍ଯ୍ୟଦକ୍ଷତା ହ୍ରାସ ପାଏ ।ଏହି ଜୀବାଣୁ ପ୍ଲୀହାକୁ ଆକ୍ରାନ୍ତକରି ୨ରୁ ୩ଗୁଣ ଆକାର ବୃଦ୍ଧି ଘଟାଇଥାନ୍ତି । ରକ୍ତ ଜମାଟ ବାନ୍ଧେ ନାହିଁ । ବେକ ତଳ ଫୁଲିଲା ପରି ଜଣାପଡ଼େ ।

**ଲକ୍ଷଣ**

ଏହି ରୋଗର ବିଶେଷତ୍ୱ ହେଲା ଯେ, ଏହା ଖୁବ୍ ଶୀଘ୍ର ବ୍ୟାପିଯାଏ ଏବଂ ହଠାତ୍ ଆରମ୍ଭ ହୋଇଥାଏ । ସାଧାରଣତଃ ଏହି ରୋଗରେ ଦୁଇ ପ୍ରକାର ଲକ୍ଷଣ ଦେଖାଦେଇଥାଏ । ପ୍ରଥମ ରୂପ ହେଲା ବିନା ଲକ୍ଷଣରେ ଗୋରୁମାନେ ଚରିବୁଲିବା ଅବସ୍ଥାରେ ହଠାତ୍ ପଡ଼ିମରିଯାନ୍ତି । ମୃତ୍ୟୁ ପରେ ତା'ର ମଳଦ୍ୱାର, ପାଟି ନାକପୁଡ଼ା ଓ ଯୋନିଦ୍ୱାର ପ୍ରଭୃତିରୁ ରକ୍ତସ୍ରାବ ହୋଇଥାଏ । ମୃତ ପ୍ରାଣୀର ଶରୀର ଖୁବ୍ ଶୀଘ୍ର ପଚିଯାଏ । କୌଣସି ଅଞ୍ଚଳରେ ରୋଗ ଆରମ୍ଭ ସମୟରେ ହିଁ ପ୍ରାଣୀମାନେ ହଠାତ୍ ମୃତ୍ୟୁବରଣ କରନ୍ତି। ଏହି ରୋଗର ଦ୍ୱିତୀୟ ରୂପ ବା ଲକ୍ଷଣ ହେଲା – ଆକ୍ରାନ୍ତ ପ୍ରାଣୀ ୨୪-୪୮ଘଣ୍ଟା ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ସେମାନଙ୍କ ଶରୀରର ତାପମାତ୍ରା ୧୦୬-୧୦୭ ଡିଗ୍ରୀ ଫାରେନ୍‌ହିଟ୍ ହୁଏ । ହୃଦ୍‌ସ୍ପନ୍ଦନ ଓ ଶ୍ୱାସକ୍ରିୟାର ବେଗ ଅଧିକ ହୁଏ । ଗୋରୁ କିଛି ଖାଆନ୍ତି ନାହିଁ । ଦୁଧିଆଳୀ ଗାଈଙ୍କ ଦୁଗ୍ଧଦେବା ହଠାତ୍ କମିଯାଏ। ବେକ ତଳ, ଆଗଗୋଡ଼ ଦୁଇଟି ମଝି ଅଂଶରେ, ଶରୀରର ସ୍ଥାନେ ସ୍ଥାନେ ଫୁଲିଯାଏ ଏବଂ ବେଳେବେଳେ ପେଟ ଫାମ୍ପେ। ପ୍ରାଣୀର ତରଳ ଝାଡ଼ା ହୁଏ। ଆନ୍ଥ୍ରାକ୍ସ ଜୀବାଣୁ ମଣିଷ ଶରୀରରେ ପ୍ରବେଶକଲେ କାନ୍ଧ ଓ ହାତରେ ଫୋଟକାମାନ ସୃଷ୍ଟିକରେ । ଫଳରେ ବିନ୍ଧା ଛିଟିକା ହୁଏ ଏବଂ ଶରୀରରେ ଜୀବାଣୁର ବଂଶବୃଦ୍ଧି ଓ ବିଷ ପଦାର୍ଥ ନିର୍ଗତ ହୁଏ। ସେପ୍ଟିସେମିଆ ହୋଇ ମନୁଷ୍ୟର ମୃତ୍ୟୁ ଘଟିଥାଏ । ମୃତ ପ୍ରାଣୀର ଶରୀର ମୃତ୍ୟୁ ପରେ ଲାଠି ବା ସିଧା ଟାଣ ପରି ହୁଏ ନାହିଁ । ଖୁବଶୀଘ୍ର ଫୁଲିଯାଏ । ଶବଗୁଡ଼ିକ ଖୁବ୍ ଶୀଘ୍ର ପଚିଯାଏ । ରୋଗର ଆକ୍ରାନ୍ତ ହାର ୫-୨୦ପ୍ରତିଶତ ଏବଂ ମୃତ୍ୟୁହାର ୪୦-୬୦ ପ୍ରତିଶତ । (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ



➤ଅଧିକ ଖରା ହେଲେ ପ୍ରାଣୀମାନେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ। ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପିପିଆର୍ ରୋଗ ଟିକା ସେମାନଙ୍କୁ ଦିଅନ୍ତୁ ।

➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହ ୩୦ ଗ୍ରାମ୍‌ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ । ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତିଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ ।

➤ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆକୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ କରି ମାଛଙ୍କୁ ଖାଇବାକୁ ଦିଅନ୍ତୁ ।

## ମହୁ ଚାଷ



**ମ**ହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରିଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା

**ଧା**ନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧-୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ୀଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।



# ବିହନ ବ୍ୟବହାର ପୂର୍ବରୁ...

**ଘ**ରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।




# ମନ୍ଦା ପ୍ରଣାଳୀରେ ଆଖୁଚାଷ



**ଫେ**ବୃଆରୀରୁ ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୬୦ଦିନର ହୋଇଥିଲେ ଘାସ ବାଛି କୋଡାଖୁସା କରି ମନ୍ଦା ପିଛା ୧୦ଗ୍ରାମ ଲେଖାଏ ୟୁରିଆ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ମାସରେ ଲଗାଯାଇଥିବା ଆଖୁ ୪ ମାସର ହୋଇଯାଇଥିଲେ ଶୁଖିଲା ଆଖୁ ପତ୍ରକୁ ଆଖୁ ଗଛରୁ ଛଡ଼ାଇ ଦେଇ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ। ଆଖୁ ଫସଲ ଲଗାଇବାର ୧୦୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ବେଲଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା। ଏହି ମ୍ୟାଚରେ ବେଲଜିୟମ ୫-୩ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି।

# ଆନ୍ଧ୍ରକୁ ହରାଇ ବେଙ୍ଗଲ ସେମିରେ

## ରଣଜୀ ଟ୍ରଫି କ୍ରିକେଟ

**କଲ୍ୟାଣୀ(ପଶ୍ଚିମବଙ୍ଗ), ୧୦।୨(ପି.ଟି.)**

ଆନ୍ଧ୍ରପ୍ରଦେଶ ବିପକ୍ଷରେ ଏକ ଇନିଂସ୍ ଓ ୯୦ ରନ୍‌ରେ ବିଜୟଲାଭ କରି ବେଙ୍ଗଲ ରଣ୍‌ଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଦଳକୁ ଜିତାଇବାରେ ସୁଦୀପ କୁମାର ଘରାମିଙ୍କ ୨୯୯ ରନ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଥମ ଇନିଂସ୍‌ରେ ବେଙ୍ଗଲଠାରୁ ୩୩୪ ରନ୍‌ରେ ପଛୁଆ ଥିବା ଆନ୍ଧ୍ର ମଙ୍ଗଳବାର ମ୍ୟାଚ୍‌ର ୫ମ ତଥା ଅନ୍ତିମ ଦିବସରେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୬୪/୩ରୁ ଖେଳ ଆରମ୍ଭ କରିଥିଲା। ଦଳ ପରାଜୟକୁ ଏଡ଼ାଇବା ଲାଗି ପ୍ରୟାସ ଚଳାଇଥିବା ବେଳେ ବାମହାତୀ ସ୍ପିନର ଶାହାବାଜ ଅହମ୍ମଦ କେତୋଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅକ୍ତିଆର କରି ତାଙ୍କ ଦଳ ବେଙ୍ଗଲକୁ ବିଜୟୀ କରାଇଥିଲେ। ଶାହାବାଜ ୭୨ ରନ୍ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ସୁରଜ ସିନ୍ଧୁ ଜୟସ୍ୱାଲ ଦୁଇଟି ଉଇକେଟ ନେଇଥିଲେ। ବେଙ୍ଗଲ ଫେବୃଆରୀ ୧୫ରେ ଖେଳାଯିବାକୁଥିବା ସେମିଫାଇନାଲରେ ଜମ୍ମୁ-କଶ୍ମୀରକୁ ଭେଟିବ। ଦଳରୁ ବାହାରେ ଥିବା ସିମର ମହମ୍ମଦ ଶାମି ଆନ୍ଧ୍ରର ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୩ ଓଭର ବୋଲି କରିଥିଲେ, ମାତ୍ର ବେଙ୍ଗଲର ବିଶାଳ ପ୍ରଥମ ଇନିଂସ୍ ସ୍କୋରରେ ତାଙ୍କ ଅବଦାନ ରହିଥିଲା।

**ସଂକ୍ଷିପ୍ତ ସ୍କୋର**

**ଆନ୍ଧ୍ରପ୍ରଦେଶ ପ୍ରଥମ ଇନିଂସ୍:** ୨୯୫ (ରିକି ଭୁଇ-୮୩, ଶ୍ରୀକର ଭରତ-୪୭, ଶେକ୍ ରସିଦ-୪୬ ; ମୁକେଶ କୁମାର-୫/୬୬, ଆକାଶ ଦୀପ-୪/୭୯)। **ବେଙ୍ଗଲ ପ୍ରଥମ ଇନିଂସ୍:** ୬୨୯/ଅଲଆଉଟ(ସୁଦୀପ କୁମାର ଘରାମି-୨୯୯, ଶକିର ହବିବ୍ ଗାନ୍ଧୀ-୯୫, ସୁମନ୍ତ ଗୁପ୍ତା-୮୧, ମହମ୍ମଦ ଶାମି-୫୩ ; ଶକ୍ ରଶିଦ୍-୪/୬୩)। **ଆନ୍ଧ୍ରପ୍ରଦେଶ ଦ୍ୱିତୀୟ ଇନିଂସ୍:** ୨୪୪/ଅଲ୍‌ଆଉଟ(ନୀତିଶ କୁମାର ରେଡ୍ଡୀ-୯୦, ତ୍ରିପୁର୍ଣ୍ଣ ବିଜୟ-୪୬ ; ଶାହାବାଜ ଅହମ୍ମଦ-୪/୭୨)।

# ନେଦରଲାଣ୍ଡ୍ସ ୭ ଉଇକେଟରେ ବିଜୟୀ

**ନୂଆଦିଲ୍ଲୀ, ୧୦।୨(ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ଗ୍ରୁପ୍‘ଏ’ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୭ ଉଇକେଟରେ ନାମିବିଆକୁ ହରାଇ ଦେଇଛି। ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନଠାରୁ ୩ ଉଇକେଟରେ ପରାଜିତ ହେବା ପରେ ମଙ୍ଗଳବାର ଏହି ସହଜ ବିଜୟ ଦଳର ସୁପର-୮ ଆଶାକୁ ଉଜ୍ଜୀବିତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନାମିବିଆ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୫୬ ରନ୍ କରିଥିଲା। ଜାନ୍ ନିକୋଲ ଲଫ୍ଟି-ଇଟନ ୩୮ ବଲ୍‌ରୁ ୪୨ ଏବଂ ଜାନ୍ ଫ୍ରାଏଲିଙ୍କ ୨୬ ବଲ୍‌ରୁ ୩୦ ରନ୍ କରିଥିଲେ। ଅଧିନାୟକ ଗେରହାର୍ଡ ଇରାସମସ ୯ ବଲ୍‌ରୁ ୧୮ ଏବଂ ଜେ.ଜେ. ସ୍ମିଥ୍ ୧୫ ବଲ୍‌ରୁ ୨୨ ରନ୍ କରିଥିଲେ। ନେଦରଲାଣ୍ଡ୍ସ ତରଫରୁ ଲୋଗାନ ଭାନ୍ ବିକ୍ ଓ ବାସ୍ ଡି’ ଲିଡ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ନେଦରଲାଣ୍ଡ୍ସ ବାସ୍ ଡି’ ଲିଡ୍‌ଙ୍କ ଅପରାଜିତ ୭୨ ରନ୍ ସହାୟତାରେ ୧୮ ଓଭରରେ ୩ ଉଇକେଟ ହରାଇ ୧୫୯ ରନ୍‌କରି ମ୍ୟାଚ ଜିତିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନାମିବିଆ: ୨୦ ଓଭରରେ ୧୫୬/୮(ଜାନ୍ ନିକୋଲ ଲଫ୍ଟି-ଇଟନ-୪୨, ଜାନ୍ ଫ୍ରାଇଲିଙ୍କ୍-୩୦ ; ଲୋଗାନ ଭାନ୍ ବିକ୍-୨/୧୩, ବାସ୍ ଡି’ ଲିଡ୍-୨/୨୦)। ନେଦରଲାଣ୍ଡ୍ସ: ୧୮ ଓଭରରେ ୧୫୯/୩(ବାସ୍ ଡି’ ଲିଡ୍-୭୨*, କଲିନ ଅକରମାନ-୩୨)।

# ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

**ଚେନ୍ନାଇ,୧୦।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ମଙ୍ଗଳବାର ଅପରାହ୍ଣରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୦ ଉଇକେଟରେ ୟୁଏଇକୁ ପରାସ୍ତ କରିଛି। ୟୁଏଇ ଦ୍ୱାରା ଧାର୍ଯ୍ୟ ୧୭୪ ରନ୍‌ର ଟାର୍ଗେଟ୍‌କୁ ଟିମ୍ ସିଫର୍ଟ ଓ ଫିନ୍ ଆଲେନଙ୍କ ଅପରାଜିତ ଓପନିଂ ଭାଗୀଦାରି ବଳରେ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ବିନା ଉଇକେଟରେ ହାସଲ କରିନେଇଥିଲା। ଦୁଇ ଓପନର ଅବିଭାଜିତ ପ୍ରଥମ ଉଇକେଟ ପାଇଁ ୧୭୫ ରନ୍ କରିଥିଲେ। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଯେକୌଣସି ଉଇକେଟ ପାଇଁ ସବୁଠୁ ବଡ଼ ଭାଗୀଦାରି। ଏଥିପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ଯୋଶ୍ ବଟ୍‌ଲର ଓ ଆଲେକ୍ସ ହେଲ୍ସଙ୍କ ନାମରେ ଥିଲା। ଦୁହେଁ ୨୦୨୨ ଟି୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷ ସେମିଫାଇନାଲରେ ପ୍ରଥମ ଉଇକେଟ ଲାଗି ୧୭୦ ରନ୍ କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ୟୁଏଇର ସର୍ବାଧିକ ଦଳଗତ ସ୍କୋର। ଜବାବରେ ସିଫର୍ଟ ଓ ଆଲେନ୍‌ଙ୍କର ବିସ୍ଫୋରକ ବ୍ୟାଟିଂ ଯୋଗୁ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ବିନା କ୍ଷତିରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିଫର୍ଟ ୪୨ ବଲରେ ୮୯ (୧୨ ଚୌକା ଓ ୩ ଛକା) ଏବଂ ଆଲେନ୍ ୫୦ ବଲରେ ୮୪ (୫ ଲେଖାଏ ଚୌକା ଓ ଛକା) ରନ୍‌କରି ଅପରାଜିତ ରହିଥିଲେ।

## ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମ୍ମଦାବାଦ୍, ସମୟ: ପୂର୍ବାହ୍ଣ ୧୧ଟା

**ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ**
ସ୍ଥାନ: କଲମ୍ବୋ, ସମୟ: ଅପରାହ୍ଣ ୩ଟା

**ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ୍**
ସ୍ଥାନ: ମୁମ୍ବାଇ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର




ଶତକୀୟ ଭାଗୀଦାରି ଅବସରରେ ଟିମ୍ ସିଫର୍ଟ ଓ ଫିନ୍ ଆଲେନ।

## ବିଶ୍ୱକପ୍‌ର ସବୁଠୁ ବଡ଼ ଭାଗୀଦାରି

# ନାଗେଶ ଟ୍ରଫି ସୁପର ଲିଗ୍: ଓଡ଼ିଶାର ବୃହତ୍ ବିଜୟ

**କଟକ, ୧୦।୨ (କୁମାରଶ୍ରୀ):** ଜାତୀୟ ସିନିୟର ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫି ସୁପର ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶାକୁ ବୃହତ୍ ବିଜୟ ମିଳିଛି। ମଙ୍ଗଳବାର ନୂଆଦିଲ୍ଲୀର ତାଉ ଦେବୀଲାଲ କ୍ରିକେଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୨୨୭ ରନ୍‌ରେ କେରଳକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଓଡ଼ିଶା ୩ ଉଇକେଟ ହରାଇ ୩୦୧ ରନ୍ ସଂଗ୍ରହ କରିଥିଲା। ସୁଖରାମ ମାଝୀ ୧୧୪ ଏବଂ ଲାଲ୍ ପ୍ରସାଦ ସୋରେନ ୧୧୮ ରନ୍‌ର ବିସ୍ଫୋରକ ଶତକୀୟ ଇନିଂସ୍ ଖେଳିଥିଲେ। ଜବାବରେ କେରଳ ୭୩ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ସୁଖରାମ, ଲାଲ୍ ପ୍ରସାଦଙ୍କ ସମେତ ଲିଙ୍ଗରାଜ ରାଉତରା ଏବଂ କାଳିଆ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଲାଲ୍ ପ୍ରସାଦଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

# ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ‘ଆସା’ର ଅଂଶଗ୍ରହଣ




ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିବା ‘ଆସା’ର ସଦସ୍ୟବୃନ୍ଦ।

**ଭୁବନେଶ୍ୱର, ୧୦।୨(ତପନ ସ୍ୱାଇଁ)**

ଭୁବନେଶ୍ୱରସ୍ଥିତ ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର ୭ ସଦସ୍ୟ ନିକଟରେ ୩୨ତମ ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଅଂଶଗ୍ରହଣକରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଚଣ୍ଡିଗଡ଼ରେ ଫେବୃଆରୀ ୨ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସୋଲଙ୍ଗ ଭାଲିରେ ‘ଆସା’ର ସଦସ୍ୟମାନେ ସ୍ନୋ, ସ୍କି ଆଣ୍ଡ ଟ୍ରେକିଂରେ ଭାଗ ନେଇଥିଲେ। ଟି. ମମତା ପ୍ରଧାନ ଶ୍ରେଷ୍ଠ ପ୍ରଦର୍ଶନକାରୀ ଏବଂ ଶିବଦତ୍ତ ବକ୍ସି ଶ୍ରେଷ୍ଠ ଟିମ୍ ଲିଡର ବିବେଚିତ ହୋଇଥିଲେ। ଅନ୍ୟ ଅଂଶଗ୍ରହଣକାରୀମାନେ ହେଲେ ଅନିଲ ସେନାପତି, ପ୍ରଶାନ୍ତ ଭଞ୍ଜ, କିଶୋର ରାଉତ ଓ ଆର. ବାଲକ୍ରିଷ୍ଣା। ‘ଆସା’ର ସଭାପତି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍. ମହାନ୍ତି, କାର୍ଯ୍ୟନିର୍ବାହୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ବିକ୍ରମ ଦାସ, ସମ୍ପାଦକ ଶକ୍ତି ମହାନ୍ତି, କୋଷାଧ୍ୟକ୍ଷ କ୍ଷୀରୋଦ ସାନ୍ଧାଲ ଓ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଇଆନ ବେଲ୍ ଦିଲ୍ଲୀ କ୍ୟାପିଟାଲ୍ସ ଆସିଷ୍ଟାଣ୍ଟ କୋଚ୍

**ନୂଆଦିଲ୍ଲୀ,୧୦।୨:** ଇଂଲଣ୍ଡର ପୂର୍ବତନ ବ୍ୟାଟର ଇଆନ ବେଲଙ୍କୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରିଛି। ଏନେଇ ଡିସି ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଂଲଣ୍ଡ ପାଇଁ ୧୧୮ ଟେଷ୍ଟ, ୧୬୧ ଦିନିକିଆ ଓ ୮ ଟି୨୦ ମ୍ୟାଚ୍ ଖେଳିଥିବା ବେଲ କଦାପି ଆଇପିଏଲରେ ଜଡ଼ିତ ହୋଇନାହାନ୍ତି। କିନ୍ତୁ ୨୦୨୦ରେ କ୍ରିକେଟରୁ ଅବସର ନେବା ପରଠାରୁ ସେ କୋଚ୍ ଭାବେ ବିଭିନ୍ନ ଲିଗ୍‌ରେ କାର୍ଯ୍ୟ କରିଛନ୍ତି। ସେ ଦିଲ୍ଲୀ କ୍ୟାମ୍ପରେ ଡାଇରେକ୍ଟର ଅଫ୍ କ୍ରିକେଟ୍ ଭେନୁଗୋପାଳ ରାଓ, ମୁଖ୍ୟ କୋଚ୍ ହେମଙ୍ଗ ବଦାନୀ ଓ ବୋଲିଂ କୋଚ୍ ମୁନାଫ ପଟେଲଙ୍କ ସହ କାର୍ଯ୍ୟ କରିବେ।

# ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ସଚିନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଓ ତାଙ୍କ ପରିବାରବର୍ଗ।

**ନୂଆଦିଲ୍ଲୀ,୧୦।୨**

କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ଓ ତାଙ୍କ ପରିବାର ସଦସ୍ୟ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ପୁଅ ଅର୍ଜୁନ ତେନ୍ଦୁଲକର ଓ ସାନିୟା ଚାଣ୍ଡୋକଙ୍କ ବିବାହ ଲାଗି ନିମନ୍ତ୍ରଣ କରିଛନ୍ତି। ଏ ନେଇ ସଚିନ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଅର୍ଜୁନ ଓ ସାନିୟାଙ୍କ ବିବାହ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରି ସମ୍ମାନିତ ଅନୁଭବ କରୁଛୁ। ଯୁବ ଦମ୍ପତିଙ୍କୁ ଆଶୀର୍ବାଦ ଓ ପରାମର୍ଶ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ବୋଲି ସଚିନ ପୋଷ୍ଟର କ୍ୟାପଶନରେ ଉଲ୍ଲେଖ କରିଛନ୍ତି।

# ସିଙ୍ଗଲ୍ସ, ଡବଲ୍ସରେ ପ୍ରମୋଦଙ୍କ ପ୍ରଭାବୀ ପ୍ରଦର୍ଶନ





ଦୀପ୍ ରଞ୍ଜନ ବିଷୋୟୀ, ପ୍ରମୋଦ ଭଗତ ଓ ନୁରୁଲ ହୋସେନ ଖାଁ।

## ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୦।୨ (ବିଜୟ ରଣା)**

ଭାରତୀୟ ଦଳରେ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ ବାହାରିନରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍ ୨୦୨୬ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ଅଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍୩ ଗ୍ରୁପ୍ ମ୍ୟାଚରେ ସେ ବୁଲଗେରିଆର ଡି. ପାଭଲୋଭଙ୍କୁ ଏବଂ ନ୍ୟୁଜିଲାଣ୍ଡର ଆର୍. ଭେନୁଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସ (ଏସ୍‌ଏଲ୩-ଏସ୍‌ଏଲ୪) ସେ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ୨୧-୯, ୨୧-୧୦ରେ ଏମ୍. ନୁର୍-ଏଫ୍ ସୋରୁକ୍ଙ୍କୁ ୨୧-୯, ୨୧-୧୦ରେ ପରାସ୍ତ କରିଛନ୍ତି। ପ୍ରମୋଦ ମିକ୍ସଡ ଡବଲ୍ସ (ଏସ୍‌ଏଲ୍୩-ଏସ୍‌ୟୁ୫)ରେ ମନୀଷା ରାମଦାସଙ୍କୁ ସାଥୀ କରି ୨୧-୭, ୨୧-୧୧ରେ ୟୁକ୍ରେନର ଭି. ସିନିୟାହୋଭସ୍କି-ଓ’କୋଜିନାଙ୍କୁ ୨୧-୭, ୨୧-୧୧ରେ ପରାସ୍ତ କରିଛନ୍ତି। ସେହିପରି ଓଡ଼ିଶାର ନୁରୁଲ ହୋସେନ ଖାଁ (ଡବ୍ଲୁଏଚ୍୨) ପୁରୁଷ ସିଙ୍ଗଲ୍ସ ଗ୍ରୁପ୍ ‘ଜି’ରେ ଅଷ୍ଟ୍ରିଆର ଡି. କୋଷ୍ଟଶ୍ଟଙ୍କୁ ୨୧-୧୫, ୨୧-୧୪ରେରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ଡବଲ୍ସ (ଏସ୍‌ଏଲ୍୩-ଏସ୍‌ଏଲ୍୪)ରେ ମନୋଜ ସରକାରଙ୍କ ସାଥୀ କରି ଦୀପ୍ ରଞ୍ଜନ ବିଷୋୟୀ ଚାଇନାର ଜେନ୍ ଏକ୍ସ-ୟି ୟିଙ୍କୁ ହରାଇ ଦେଇଥଲେ ପରେ ପରାସ୍ତ ହୋଇଛନ୍ତି।

# ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଉଦ୍‌ଘାଟିତ

## ଅଂଶଗ୍ରହଣ କଲେ ୩୪ ବିଶ୍ୱବିଦ୍ୟାଳୟର ୫୦୦ ଖେଳାଳି

**ବାଲେଶ୍ୱର, ୧୦।୨(ବାଞ୍ଛାନିଧି ଦେ)**

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଅଧୀନ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ ଖୋ(ମହିଳା) ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରିଥିଲେ। ପ୍ରଫେସର ତ୍ରିପାଠୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ ଚେତନା ଓ ନେତୃତ୍ୱ ଗଠନରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଖେଳାଳିଙ୍କଠାରୁ ଖେଳ ପ୍ରତି ସମ୍ମାନ ତଥା ଖେଳୁଆଡ଼ ମନୋଭାବ ପୋଷଣର ଆଶାବ୍ୟକ୍ତ କରିଥିଲେ। ପ୍ରଫେସର ବେହେରା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ମାଧ୍ୟମରେ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଏକତା ଓ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଗଠନ ହେଉଥିବା ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ାବିତ୍‌ମାନେ ସାମୂହିକ ଶପଥ ଗ୍ରହଣ କରିଥିଲେ। କ୍ରୀଡ଼ା ପରିଷଦର ସହ-ନିର୍ଦ୍ଦେଶକ ଡ. ଅମିତ୍ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ସମନ୍ୱୟ ସହାୟକ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ମଞ୍ଚ ସଂଯୋଜନା କରିଥିଲେ। ୪ ଦିନ ଧରି ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ମଣିପୁରର ୩୪ଟି ବିଶ୍ୱବିଦ୍ୟାଳୟରୁ ୫ଶହରୁ ଊର୍ଦ୍ଧ୍ୱ ଖେଳାଳି, ପ୍ରଶିକ୍ଷକ ଓ ଦଳ ପରିଚାଳକ ଅଂଶଗ୍ରହଣ କରିଛନ୍ତି।




ଉଦ୍‌ଘାଟିତ ସମାରୋହରେ ଉପସ୍ଥିତ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକ।


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ